• Vol.- 46, Issue No. 38
• Saturday, 9 May 2026
• ଶନିବାର, ୯ ମଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ପୁଣି ବର୍ବରତା ବାଲିପାଟଣାରେ ମାଡ଼ମାରି ହତ୍ୟା !

### ହତ୍ୟାକାଣ୍ଡ ପଛରେ ଟଙ୍କା କାରବାର ସନ୍ଦେହ



ଭୁବନେଶ୍ୱର/ବାଲିପାଟଣା,୮।୫: ବାଲିଅନ୍ତାରେ ଜଣେ ଜିଆରପିଙ୍କୁ ହତ୍ୟା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ଓ ଚର୍ଚ୍ଚା ଲୋକଙ୍କ ମନରୁ ପାସୋର ନ ଯାଉଣୁ ବାଲିପାଟଣାରେ ପୁଣି ମାଡ଼ମାରି ଜଣଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆସିଛି। ମୃତକ ଜଣକ ଅଠାନ୍ତର ଗାଁର । ତାଙ୍କ ନାମ ରାକେଶ ଦାସ। ସୂଚନାଅନୁଯାୟୀ ଅଠାନ୍ତର ଛକରେ ରାକେଶଙ୍କୁ ନିସ୍ତୁକ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି । ମାଡ଼ ମରାଯିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ତାଙ୍କୁ ମୃତ ଘୋଷଣା କରାଯାଇଛି। ଏହି ହତ୍ୟା ୨୦ ହଜାର ଟଙ୍କାକୁ ନେଇ ହୋଇଥିବା ଚର୍ଚ୍ଚା ହେଉଛି। ବାଲିପାଟଣା ଅଞ୍ଚଳରେ ବେଙ୍ଗବତୀ ଗାଁର ଜନୈକ ଏହି ହତ୍ୟାକାଣ୍ଡ ଘଟାଇଥିବା କୁହାଯାଉଛି। ଅଠାନ୍ତର ଅଂଚଳରେ ଆକ୍ରମଣ କରିଥିଲା ଅଭିଯୁକ୍ତ । ହତ୍ୟାକାଣ୍ଡ ପଛରେ ବ୍ରାଉନ ସୁଗାର କାରବାର ଥିବା କୁହାଯାଉଛି। ଏ ନେଇ ପୋଲିସରେ ଜଣେ ଅଟକ ଥିବା ସ୍ଥାନୀୟ ସୂତ୍ରରୁ ପ୍ରକାଶ ।

### ଠେଙ୍ଗାରେ ପିଟି ଯୁବକକୁ ହତ୍ୟା

କୋଇଡ଼ା,୮।୫: ଭୋଜି ଭାତ ଚାଲିଥିବା ବେଳେ ସାମାନ୍ୟ ବଚସା ହୋଇଥିଲା । ଏହାକୁ ନେଇ ସର୍ବସମ୍ମୁଖରେ ଠେଙ୍ଗାରେ ପିଟିପିଟି ଜଣେ ଯୁବକଙ୍କୁ ହତ୍ୟା କରିବା ଘଟଣା କୋଇଡା ଖଣି ଅଞ୍ଚଳରେ ଚର୍ଚ୍ଚା ଓ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏହିପରି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ସର୍ଗିଗଡ଼ ଗ୍ରାମରେ। ଗୁରୁବାର ରାତିରେ ଭୋଜି ଭାତ ଖାଇବାକୁ ରୋହି ମୁଣ୍ଡା ଓ ସାଧୁ ମୁଣ୍ଡା ଯାଇଥିଲେ ।ଭୋଜିଭାତ ଖାଇବା ପରେ ୨ ଜଣ ସାଙ୍ଗ ହୋଇ ଘରକୁ ଫେରିଥିଲେ। କୌଣସି ପୁରୁଣା କଥାକୁ ନେଇ ଉଭୟଙ୍କ ମଧରେ ବଚସା ହୋଇଥିଲା। ଅନ୍ୟ ଲୋକମାନେ ଉଭୟଙ୍କୁ ଝଗଡ଼ା ନ କରିବାକୁ ପରାମର୍ଶ ଦେଇଥିଲେ ହେଁ ସେମାନେ ମାନି ନଥିଲେ । ଫଳରେ ଝଗଡ଼ା ଉଗ୍ର ରୂପ ନେଇଥିଲା। କୁହାଯାଉଛି ଯେ ଉତ୍ୟକ୍ତ ହୋଇ ରୋହି ମୁଣ୍ଡା ଏକ ଠେଙ୍ଗାରେ ସାଧୁ ମୁଣ୍ଡାକୁ ପିଟିଥିଲା। ଫଳରେ ଘଟଣାସ୍ଥଳରେ ହିଁ ସାଧୁଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ କୋଇଡା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଅଭିଯୁକ୍ତ ରୋହି ମୁଣ୍ଡାକୁ ମଧ୍ୟ ଗିରଫ କରାଯାଇଛି। ଅପରପକ୍ଷେ ରାଉରକେଲାରୁ ଏକ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସାଇଣ୍ଟିଫିକ ଟିମର ଯାଞ୍ଚ ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କୋଇଡା ଡାକ୍ତରଖାନା ପଠାଯିବା ସହ କୋଇଡା ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

## ସଂଧ୍ୟା ଆକାଶରେ ରହସ୍ୟମୟ ଆଲୋକ

ବେଗୁନିଆ,୮।୫: ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ସମୟରେ ଆକାଶରେ ଉଜ୍ଜ୍ୱଳ ଆଲୋକ ଦେଖିବାକୁ ମିଳିଥିଲା । କିଛି ସମୟ ପରେ ପୁଣି କେଉଁଆଡ଼େ ଉଭାନ ହୋଇଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଆଲୋକ ଏକ ନିର୍ଦ୍ଦିଷ୍ଟ ଦିଗରେ ଗତି କରି ପୁଣି ମିଳେଇ ଯାଇଥିଲା । କିନ୍ତୁ ଆଲୋକର ରାସ୍ତାରେ ଧୂଆଁର ଦାଗ ରହିଥିଲା। ବାଲେଶ୍ୱରରେ ହଠାତ ଏହି ଆଲୋକ ତଳୁ ଉପର ଦିଗକୁ ଗତି କରି କିଛି ସମୟ ପରେ ମିଳେଇ ଯାଇଥିଲା । ଯାହାକୁ ନେଇ ଲୋକଙ୍କ ଭିତରେ ବିଭିନ୍ନ ଚର୍ଚ୍ଚା । ଏହି ଆଲୋକ କଣ କିଛି ସ୍ପଷ୍ଟ ହୋଇନାହିଁ। ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରେ କିଛି ପରୀକ୍ଷଣ ହୋଇଥିବା ଅନୁମାନ କରୁଛନ୍ତି ଲୋକେ।



ଅନ୍ୟପକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଆଲୋକ ଦେଖିବାକୁ ମିଳିଥିବାରୁ ଏହାକୁ ନେଇ ରହସ୍ୟ ବଢ଼ିଛି । ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା ବେଗୁନିଆ ଆଦି ବିଭିନ୍ନ ଅଞ୍ଚଳରେ ଆକାଶରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ଆଲୋକକୁ ନେଇ ଲୋକଙ୍କ ଉତ୍କଣ୍ଠା ବଢ଼ିଛି।

## ଶୁଭେନ୍ଦୁଙ୍କ ହାତରେ ପଶ୍ଚିମବଙ୍ଗ ମଙ୍ଗ

■ ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ସକାଳ ୧୧ରେ ଶପଥ
■ ମୁଖ୍ୟମନ୍ତ୍ରୀ ନାମ ଘୋଷଣା ପରେ ଶାହ ଓ ମୋହନଙ୍କ ସ୍ୱାଗତ
■ ମହିଳାଙ୍କ ସୁରକ୍ଷାକୁ ଦେଲେ ପ୍ରାଥମିକତା



କୋଲକତା,୮।୫: ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ହେବେ ନୂଆ ମୁଖ୍ୟମନ୍ତ୍ରୀ । ବିଜେପି ବିଧାୟକ ଦଳ ବୈଠକରେ ସେ ନେତା ଭାବରେ ନିର୍ବାଚିତ ହୋଇଛନ୍ତି । ଶନିବାର ସକାଳ ୧୧ଟାରେ ସେ କୋଲକତାର ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବେ। ଶୁକ୍ରବାର ନୂଆ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରିଛନ୍ତି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଗୃହମନ୍ତ୍ରୀ ଅମିତ ଶାହା ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଚଳିତ ନିର୍ବାଚନରେ ମମତାଙ୍କ ଆସନ ଭବାନୀପୁର ଓ ନନ୍ଦିଗ୍ରାମରୁ ବିଜୟ ହୋଇଥିଲେ ଶୁଭେନ୍ଦୁ ଅଧିକାରୀ । ଗତ ୨୦୨୧ରେ ମମତାଙ୍କୁ ନନ୍ଦିଗ୍ରାମରୁ ହରାଇ ଥିବାବେଳେ ଏଥର ଭବାନୀପୁରରୁ ମମତାଙ୍କୁ ହରାଇଛନ୍ତି ଶୁଭେନ୍ଦୁ। କେନ୍ଦ୍ର ମନ୍ତ୍ରୀ ଅମିତ ଶାହ ସାମ୍ବାଦିକ ସମ୍ମିଳନୀରେ ଶୁଭେନ୍ଦୁଙ୍କ ନାମ ଘୋଷଣା କରିବା ପରେ ଶ୍ରୀ ଶାହ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେନ୍ଦୁଙ୍କୁ ଫୁଲମାଳ ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଘୋଷଣା ସମୟରେ ଅମିତ ଶାହ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଆଉ କୌଣସି ଦ୍ୱିତୀୟ ନାମ ଆସିନଥିଲା । ସୂଚନାଯୋଗ୍ୟ ଯେ ୧୯୯୫ରେ ଶୁଭେନ୍ଦୁ ଅଧିକାରୀ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ କାନ୍ଥୀ ପୌର ପରିଷଦ ନିର୍ବାଚନ ଲଢ଼ିଥିଲେ । ୧୯୯୫ରୁ ୧୯୯୮ ପର୍ଯ୍ୟନ୍ତ ସେ କଂଗ୍ରେସରେ ଥିଲେ । ପରେ ୧୯୯୮ରୁ ୨୦୨୦ ଯାଏ ସେ ତୃଣମୂଳ କଂଗ୍ରେସ ସହିତ ରହିଥିଲେ । ୨୦୦୬ରେ କାନ୍ଥୀ ଦକ୍ଷିଣ ଆସନରୁ ଲଢ଼ି ବିଧାନସଭାକୁ ଯାଇଥିଲେ । ଏହା ସହିତ ସେ କାନ୍ଥୀ ପୌର ପରିଷଦର ଅଧକ୍ଷ ମଧ ହୋଇଥିଲେ । ୨୦୦୭ରେ ନନ୍ଦିଗ୍ରାମରେ ଭୂମି ଉଚ୍ଛେଦ ପ୍ରତିରୋଧ କମିଟିର ନେତୃତ୍ୱ ନେଇଥିଲେ । ସେତେବେଳେ ପଶ୍ଚିମବଙ୍ଗର ବାମର ଦଳର ଶାସନ ଚାଲୁଥିଲା । ପରେ ତୃଣମୂଳ କଂଗ୍ରେସକୁ ଆସିଥିଲେ । ୨୦୦୯ରେ ତମଲୁକ ଆସନରୁ ଲଢ଼ି ଲୋକସଭାକୁ ନିର୍ବାଚିତ ହୋଇଥିଲେ । ସେ ୨୦୦୯ ଏବଂ ୨୦୧୪ରେ ଦୁଇ ଦୁଇ ଥର ଲୋକସଭା ସାଂସଦ ରହିସାରିଛନ୍ତି । ପରେ ମମତା ବାନାର୍ଜୀଙ୍କ ତାଙ୍କୁ ଲୋକସଭାରୁ ଆଣି ତାଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇଥିଲେ । ୨୦୧୬ରୁ ୨୦୨୦ ଯାଏଁ ମମତା ସରକାରରେ ସେ ରାଜ୍ୟ ପରିବହନ ମନ୍ତ୍ରୀ ଏବଂ ଜଳ ସମ୍ପଦ ମନ୍ତ୍ରୀ ହୋଇଥିଲେ । ୧୬ ଡିସେମ୍ବର, ୨୦୨୦ରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଠିକ୍ ତାର ପରଦିନ ୧୭ ଡିସେମ୍ବରରେ ତୃଣମୂଳ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ମଧରୁ ଇସ୍ତଫା ଦେଇଥିଲେ । ଏହିଠାରୁ ତାଙ୍କର ବିଜେପି ଯାତ୍ରା ଆରମ୍ଭ ହୋଇଥିଲା । ୧୯ ଡିସେମ୍ବର ୨୦୨୦ରେ ସେ ବିଜେପିରେ ସାମିଲ ହୋଇଥିଲେ । ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ସହିତ ମତଭେଦ ପାଇଁ ସେ ଟିଏମସି ଛାଡ଼ି ବିଜେପିର ଯୋଗ ଦେଇଥଲେ ବୋଲି ଚର୍ଚ୍ଚା ହୁଏ ।ଶୁକ୍ରବାର ବିଧାୟକ ଦଳ ନେତା ଭାବେ ମନୋନୀତ ହେବା ପରେ ସେ କହିଛନ୍ତି, ରାଜ୍ୟରେ ମହିଳାଙ୍କ ସୁରକ୍ଷା ହେବ ମୋର ପ୍ରାଥମିକତା।

## ମେ ୧୫ ପୂର୍ବରୁ ବଢ଼ିବ ପେଟ୍ରୋଲ, ଡିଜେଲ !




ନୂଆଦିଲ୍ଲୀ, ୮।୫: ବିଶ୍ୱ ସ୍ତରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁଁ ଦେଶର ତେଲ ମାର୍କେଟିଂ କମ୍ପାନୀଗୁଡ଼ିକ ପ୍ରତି ମାସରେ ପ୍ରାୟ ୩୦,୦୦୦ କୋଟି ଟଙ୍କାର ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଥିବା କୁହାଯାଇଛି। ମେ ୧୫ ପୂର୍ବରୁ ଭାରତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି ପାଇବ ।ବିଭିନ୍ନ ସୂତ୍ର ଏହା ଆକଳନ କରିଛନ୍ତି। ଖୁଚୁରା ଇନ୍ଧନ ମୂଲ୍ୟ ଏବଂ ବୃଦ୍ଧି ପାଉଥିବା ଇନପୁଟ୍ ଖର୍ଚ୍ଚ ମଧରେ ଏକ ତୀବ୍ର ଅସମାନତାକୁ ଇଙ୍ଗିତ କରି ସୂତ୍ରଗୁଡ଼ିକ କହିଛନ୍ତି ଯେ, 'ତୈଳ ବିପଣନ କଂପାନୀଗୁଡ଼ିକ ପ୍ରତି ମାସରେ ପ୍ରାୟ ୩୦,୦୦୦ କୋଟି ଟଙ୍କାର ଅଣ୍ଡର-ରିକଭରି ସମ୍ମୁଖୀନ ହେଉଛନ୍ତି।' ମଧପ୍ରାଚ୍ୟ ଯୁଦ୍ଧ ମଧରେ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୭୦ମାର୍କିନ ଡଲାରରୁ ପ୍ରତି ବ୍ୟାରେଲ ୧୨୬ ମାର୍କିନ ଡଲାରକୁ ବୃଦ୍ଧି ପାଇବା ପରେ ଏହି ଚାପ ତୀବ୍ର ହୋଇଛି।

## ସୃଷ୍ଟି ହେଲା ଘୂର୍ଣ୍ଣିବଳୟ ବଢ଼ିଲା ବାତ୍ୟାଭୟ !



ଭୁବନେଶ୍ୱର,୮।୫: ସକାଳେ ଅସହ୍ୟ ଖରା ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଛି। ସେପଟେ ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଆରମ୍ଭ ହେଉଛି ଅଧିକାଂଶ ଦିନ। ତୁହାକୁ ତୁହା ଏପରି ବର୍ଷାରେ ଭିଜୁଛି ସାରା ରାଜ୍ୟ। ଅପରପକ୍ଷେ ଶୁକ୍ରବାର ଦକ୍ଷିଣ ଆଣ୍ଡାମାନ ସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା, ମନୋରମା ମହାନ୍ତି କହିଛନ୍ତି, ଓଡ଼ିଶା ସଂଲଗ୍ନ ଛତିଶଗଡ଼ ଉପରେ ଏକ ଘୂର୍ଣ୍ଣିବଳୟ ରହିଛି । ଏହାଉପରେ ଦେଇ ଆଉ ଏକ ଟ୍ରଫ୍ ଲାଇନ୍ ଯାଇଛି । ଯାହାର ପ୍ରଭାବରେ କାଳବୈଶାଖୀ ଜନିତ ବର୍ଷା ଲାଗି ରହିଛି । ଆସନ୍ତା ୧୩ ତାରିଖ ଯାଏଁ ଏହି ବର୍ଷା ଲାଗି ରହିବ । ଆଞ୍ଚଳିକ ପାଣିପାଗ ବିଭାଗ ତରଫରୁ ଦିଆଯାଇଥିବା ସୂଚନା ଅନୁସାରେ ବିଶେଷ କରି ଉତ୍ତର ଉପକୂଳ ଜିଲ୍ଲାଗୁଡ଼ିକ ଏହା ଫଳରେ ଅଧିକ ପ୍ରଭାବିତ ହେବ ବୋଲି ସତର୍କ ସୂଚନା ରହିଛି । ଘୂର୍ଣ୍ଣିବାତ୍ୟାର ବ୍ୟାପ୍ତି ସମୁଦ୍ରପତ୍ତନ ଠାରୁ ଦେଢ଼କିଲୋମିଟର ପର୍ଯ୍ୟନ୍ତ ରହିଛି।

## ତାମିଲନାଡୁରେ ଆଜିଠୁ 'ବିଜୟ' ରାଜ

### ମୁଖ୍ୟମନ୍ତ୍ରୀ ଭାବେ ନେବେ ଶପଥ

ନୂଆଦିଲ୍ଲୀ,୮।୫: ତାମିଲନାଡୁରେ ସୁପରଷ୍ଟାର ଥାଲାପତି ବିଜୟଙ୍କ ସରକାର ଗଠନ କରିବା ନେଇ ଶୁକ୍ରବାର ତୁଟିଛି ସବୁ ଦ୍ୱନ୍ଦ୍ୱ । ତାଙ୍କ ଦଳ ଟିଭିକେ(ତାମିଲଗା ଭେଟ୍ରି କାଝାଗମ)କୁ ସମର୍ଥନ ଜଣାଇଛି ସିପିଆଇ, ସିପିଏମ୍ ଏବଂ ଭିସିକେ । ତାମିଲନାଡୁରେ ଝୁଲା ବିଧାନସଭା ରାୟ ଆସିବା ପରେ ଗତ କିଛି ଦିନ ଧରି ରାଜ୍ୟରେ ଯେଉଁ ରାଜନୈତିକ ଅନିଶ୍ଚିତତା ଲାଗି ରହିଥିଲା ତା'ର ଅନ୍ତ ଘଟିଛି। ବିଜୟ ତାଙ୍କ ପ୍ରଥମ ରାଜନୈତିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ଟିଭିକେ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟା ହାସଲ କରି ପାରିଛି। ଶନିବାର ପୂର୍ବାହ୍ନ ୧୧ଟାରେ ଥାଲାପତି ବିଜୟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଚେନ୍ନାଇରେ ଏକ ଭବ୍ୟ ସମାରୋହରେ ସେ ଶପଥ



ଗ୍ରହଣ କରିବେ। ଟିଭିକେକୁ ଔପଚାରିକ ଭାବେ ଭିସିକେ (ବିଦୁଥଲାଇ ଚିରୁଥଇଗଲ କାଚି) ସିପିଆଇ ଏବଂ ସିପିଏମ୍ ସହଯୋଗର ହାତ ବଢ଼ାଇଛନ୍ତି। ଏହାଦ୍ୱାରା ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ଦଳ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟା ହାସଲ କରିଛି । ଏହାଦ୍ୱାରା ଜିତିକି ବି ହାରିବାକୁ ଯାଉଥିବା ବିଜୟଙ୍କର ଆଜି ପୁଣିଥରେ ବଡ଼ ବିଜୟ ହୋଇଛି। ସଂଖ୍ୟା ଖେଳରେ ବିଜୟ ଜିତିବା ସହ ତାମିଲନାଡୁରେ ନୂଆ ସରକାର ଗଠନ ପାଇଁ ବାଟ ଫିଟିଛି ।ମ୍ୟାଜିକ୍ ନମ୍ବର ୧୧୮ ଠାରୁ ଦଳ ପଛରେ ଥିବାରୁ ସରକାର ଗଠନରେ ବାଧା ଉପୁଜିଥିଲା। ଟିଭିକେ ୧୦୮ ଆସନରେ ବିଜୟୀ ହୋଇଥିଲେ ସୁଦ୍ଧା ବିଜୟ ୨ଟି ଆସନରେ ଜିତିଥିବାରୁ ସେ ଗୋଟିଏ ଆସନ ଛାଡ଼ିଦେଲେ ଦଳର ଆସନ ସଂଖ୍ୟା ୧୦୭କୁ କମିଯାଉଛି। ତେଣୁ କଂଗ୍ରେସ ସମର୍ଥନ ସହ ବିଜୟଙ୍କ ପାଖରେ ପ୍ରଥମେ ୧୧୨ ଜଣ ବିଧାୟକଙ୍କ ସମର୍ଥନ ଥିଲା। ଏବେ ଭିସିକେ, ସିପିଆଇ ଏବଂ ସିପିଏମ୍ ଟିଭିକେକୁ ସମର୍ଥନ କରିବାଦ୍ୱାରା ଦଳର ସଂଖ୍ୟା ୧୧୮ରେ ପହଞ୍ଚିଛି।

## ଟିଏଆରଏର ପ୍ରଥମ ସଫଳ ପରୀକ୍ଷଣ

### ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ : ପ୍ରତିରକ୍ଷା ମନ୍ତ୍ରୀ

ନୂଆଦିଲ୍ଲୀ,୮।୫: ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ବାୟୁସେନା ଓଡ଼ିଶା ଉପକୂଳରେ ସାମରିକ ଅନନ୍ତ ରେଞ୍ଜ ସମ୍ବର୍ଦ୍ଧନ (ଟିଏଆରଏ)ଅସ୍ତ୍ରଶସ୍ତ୍ରର ପ୍ରଥମ ସଫଳ ପରୀକ୍ଷଣ ହୋଇଛି। ଟିଏଆରଏ ହେଉଛି ଏକ ମଡ୍ୟୁଲାର୍ ରେଞ୍ଜ ଏକ୍ସଟେନ୍ସନ୍ କିଟ୍, ଯାହା ଭାରତର ପ୍ରଥମ ସ୍ୱଦେଶୀ ଗ୍ଲାଇଡ୍ ଅସ୍ତ୍ର ପ୍ରଣାଳୀକୁ ପ୍ରତିନିଧିତ୍ୱ କରେ। ଟିଏଆରଏ ଅପରିହିତ ଯୁଦ୍ଧାସ୍ତ୍ରକୁ ସଠିକତା-ନିର୍ଦ୍ଦେଶିତ ଅସ୍ତ୍ରରେ ପରିଣତ କରେ ।ଡିଆରଡିଓ ଅନୁଯାୟୀ, ଟିଏଆରଏକୁ ହାଇଦ୍ରାବାଦର ଗବେଷଣା କେନ୍ଦ୍ର ଇମାରତ (ଆରସିଆଇ) ଦ୍ୱାରା ଅନ୍ୟ ଡିଆରଡିଓ ପ୍ରୟୋଗଶାଳା ସହିତ ଡିଜାଇନ୍ ଏବଂ ବିକଶିତ କରାଯାଇଥିଲା ।ଭୂମି-ଆଧାରିତ ଲକ୍ଷ୍ୟକୁ ନିରପେକ୍ଷ କରିବାରେ ଏକ ଅସ୍ତ୍ରର ଷ୍ଟ୍ରାଇକ୍ କ୍ଷମତା ଏବଂ ସଠିକତାକୁ ବୃଦ୍ଧି କରିବା ପାଇଁ ଏହା ହେଉଛି ପ୍ରଥମ ଗ୍ଲାଇଡ୍ ଅସ୍ତ୍ର ପ୍ରଣାଳୀ ।ଯାହା କମ୍ ମୂଲ୍ୟର ଯନ୍ତ୍ର ବ୍ୟବହାର



କରେ। ଏହି କିଟ୍ ଅନେକ ଭାରତୀୟ ଶିଳ୍ପ ସହିତ ମିଳିତ ଭାବରେ ବିକଶିତ କରାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ବାୟୁସେନା ଏବଂ ଅଂଶଗ୍ରହଣକାରୀ ଶିଳ୍ପଗୁଡ଼ିକୁ ସଫଳ ପ୍ରଥମ ଉଡ଼ାଣ ପରୀକ୍ଷଣ ପାଇଁ ଅଭିନନ୍ଦନ ଜଣାଇଛନ୍ତି, ଏହାକୁ ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ଆଗକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କହିଛନ୍ତି। ଡିଆରଡିଓର ଅଧକ୍ଷ ଡକ୍ଟର ସମୀର ଭି. କାମତ ମଧ ସଫଳ ଉଡ଼ାଣ ପରୀକ୍ଷଣରେ ସାମିଲ ଦଳଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି।

### ବାଲିଅନ୍ତାରେ ଯୁବକଙ୍କୁ ପିଟିପିଟି ହତ୍ୟା ମାମଲା

## ପୀଡ଼ିତାଙ୍କ ଘରେ ପହଞ୍ଚିଲେ ମହିଳା କମିଶନ ଅଧକ୍ଷା

ଭୁବନେଶ୍ୱର,୮।୫(ନିପ୍ର): ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଘଟିଥିବା ବୀଭତ୍ସ ହତ୍ୟାକାଣ୍ଡ ଘଟଣା ରାଜ୍ୟବ୍ୟାପୀ ଅଲୋଡନ ସୃଷ୍ଟି କରିଛି । ପୋଲିସ ଉପସ୍ଥିତିରେ ଏହା ଘଟିଥିଲା ବୋଲି କୁହାଯାଉଛି। ଘଟଣାକୁ ଗୁରୁତର ସହ ନେଇ କମିଶନରେଟ୍ ପୋଲିସ ତଦନ୍ତକୁ ଜୋରଦାର କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଚର୍ଚ୍ଚିତ ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବା ପରେ କମିଶନରେଟ୍ ପୋଲିସ ଅଧିକ ତତ୍ପର ହୋଇଛି। ଶେଷ ଖବର ସୁଦ୍ଧା ଜିଆରପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ବୀଭତ୍ସ ହତ୍ୟା ଘଟଣାରେ ବାଲିଅନ୍ତା ଥାନା ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ ପରେ ଜେଲ୍ ପଠାଇଛି । ଏଥିସହ ଫେରାର୍ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ସ୍ୱତନ୍ତ୍ର ପୋଲିସ ଟିମ୍ ତନାଘନା ଜାରି ରଖିଛି । ଶୁକ୍ରବାର ଅଭିଯୁକ୍ତମାନଙ୍କୁ ସଂଧ୍ୟା ଭିତରେ କୋର୍ଟଚାଲାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ସାରିଥିବା ବାଲିଅନ୍ତା ଥାନାଧିକାରୀ ଅନିଲ କୁମାର ପରିଡା କହିଛନ୍ତି। ଏହାରି ମଧରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି ଓ ତାଙ୍କ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଛନ୍ତି। ଏଥିସହ ବେଣୁପୁରସ୍ଥିତ ପୀଡିତାଙ୍କ ଘରକୁ ଯାଇ ପୀଡିତା ଏବଂ ତାଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ସେ ପଚାରି ବୁଝିଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅଧକ୍ଷା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଟିମ୍ ନିରପେକ୍ଷ ତଦନ୍ତ କରୁଛି । ଦୁର୍ଘଟଣା ପରେ ପୀଡିତା ଆହତ ହୋଇଥିବା ସହ ତାଙ୍କୁ ଟଣାଓଟରା କରାଯାଇ ଦୁର୍ବ୍ୟବହାର କରାଯାଇଥିବା ନେଇ ବୟାନ ରେକର୍ଡ ହୋଇଛି।

★ ଘଟଣାସ୍ଥଳ ପରିଦର୍ଶନ କଲେ ଡିଜିପି
★ ୨ ଦିନ ପରେ ବି ଗିରଫଦାରି ୫ରେ ସୀମିତ

ପୀଡିତାଙ୍କ ଠାରୁ ସାକ୍ଷ୍ୟ ଓ ପ୍ରମାଣ ଗ୍ରହଣ କରାଯାଇଥିବା ବେଳେ ତଦନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଘଟଣାସ୍ଥଳ ଓ ପୀଡିତାଙ୍କ ଘର ପରିଦର୍ଶନ ପରେ ମହିଳା କମିଶନ ଅଧକ୍ଷା ବାଲିଅନ୍ତା ଥାନାକୁ ଯାଇଥିଲେ। ସେଠାରେ ଜୋନ୍ ଏସିପି ଅଭିମନ୍ୟୁ ନାୟକ ଓ ଥାନାଧିକାରୀ ଅନିଲ କୁମାର ପରିଡାଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଘଟଣାକୁ ନେଇ ପଂଜୀକୃତ ହୋଇଥିବା ଦୁଇଟି ମାମଲା ସମ୍ପର୍କରେ ତଥ୍ୟ ଓ ଆଘାତ ସମ୍ପର୍କିତ ରିପୋର୍ଟ ମଧ ନେଇଥିଲେ। ଘଟଣାରେ ପ୍ରକୃତ ଦୋଷୀଙ୍କୁ ନିଶ୍ଚିତ ଭାବେ ଦଣ୍ଡ ଦିଆଯିବ ବୋଲି ଥାନାରୁ ଯିବାବେଳେ ଅଧକ୍ଷା କହିଥିଲେ । ବାଲିଅନ୍ତା ଥାନାରେ ମୃତ ସୌମ୍ୟଙ୍କ ବିରୋଧରେ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ କରିଥିବା ପୀଡିତା କହିଛନ୍ତି ଯେ, ସେ ତାଙ୍କ ସାଙ୍ଗ ସହ ନିକଟସ୍ଥ ସ୍ଥିତ ମାଉସୀଙ୍କ ଘରକୁ ସ୍କୁଟିରେ ଯାଉଥିଲେ । ଭିଙ୍ଗାରପୁର ବ୍ରିଜ ନିକଟରେ ପହଞ୍ଚିବା ବେଳେ ଦୁଇ ଯୁବକ ଭୁବନେଶ୍ୱର ପାର୍ଶ୍ୱରୁ ବାଇକରେ ଆସୁଥିଲେ । ସେମାନେ ତାଙ୍କୁ ଦେଖି ଅଶ୍ଳୀଳ ଭାବରେ ଚିତ୍କାର କରିଥିଲେ। ପରେ ଗାଡି ବୁଲାଇ ତାଙ୍କ ପାଖକୁ ଆସି ସ୍କୁଟିକୁ ଧକ୍କା ଦେଇଥିଲେ । ଫଳରେ ସେମାନେ ଉଭୟ ତଳେ ପଡି ଆହତ ହୋଇଥିଲେ। ପୀଡିତାଙ୍କ ଅଭିଯୋଗ ଅନୁସାରେ, ସେ ତଳେ ପଡିଯିବା ପରେ ସୌମ୍ୟ ତାଙ୍କ ମୁଣ୍ଡକୁ ରାସ୍ତା ପିଚୁରେ ବାଡେଇଥିଲେ ଓ ତାଙ୍କ ଓଢଣୀ ଓ ପୋଷାକ ଚିରି ଦେଇଥିଲେ । ଏଥିସହ ତାଙ୍କ ଗଳା ମଧ ଚିପି ଦେଇଥିଲେ। ଏହା ପରେ ସେ ଚେତା ହରାଇ ତଳେ ପଡିଯାଇଥିଲେ । ପରେ କଣ ଘଟିଲା ସେ କିଛି ଜାଣିନଥିବା କହିଛନ୍ତି ।

**ହତ୍ୟାକାଣ୍ଡ ସ୍ଥଳରେ ଡିଜିପି:** ବାଲିଅନ୍ତାରେ ରେଳବାଇ କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ବର୍ବରୋଚିତ ଭାବେ ହତ୍ୟା କରାଯାଇଥିବା ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି



ଡିଜିପି ୱାଇବି ଖୁରାନିଆ। କେଉଁ କାରଣକୁ ନେଇ ବର୍ବରତା ହତ୍ୟାକାଣ୍ଡ ଘଟିଛି, ତାର ଅନୁଧ୍ୟାନ କରିଛନ୍ତି ଡିଜିପି । ମୁଁ ଦୃଢତାର ସହିତ କହିପାରିବି ଏଠାରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ କମିଶନରେଟ୍ ପୋଲିସ ପକ୍ଷରୁ ନିଆଯିବ । ଯେଉଁମାନେ ଦୋଷୀ ଅଛନ୍ତି ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି କହିଛନ୍ତି।



# ଅସ୍ତିତ୍ୱର ଅନୁରୂପ

ଶ୍ରୀକୃଷ୍ଣ କୁହନ୍ତି, ଯାହା ପାଇଁ ସ୍ତୁତି-ନିନ୍ଦା ସମାନ ଥାଏ,ଯିଏ ମୌନ ରହିଥାଏ,ଯାହା ମିଳିଯାଏ ସେଥିରେ ସନ୍ତୁଷ୍ଟ ରହିଥାଏ,ଯିଏ ରହିବା ଜାଗାରେ ବନ୍ଧା ହୋଇ ନଥିବ,ଯାହାର ବୁଦ୍ଧି ଦୃଢ଼ତା ପୂର୍ବକ ମୋ ଠାରେ ସ୍ଥିର ରହିଥାଏ,ଯେଉଁ ଭକ୍ତ ଏଠାରେ ବତା ଯାଉଥିବା ଏହି ଅମୃତ ରୂପୀ ଜ୍ଞାନ/ଧର୍ମର ପାଳନ କରିଥାଏ,ଯିଏ ଶ୍ରଦ୍ଧାର ସହିତ ତଥା ନିଷ୍ଠା ପୂର୍ବକ ମୋତେ ନିଜର ପରମ ଲକ୍ଷ୍ୟ ମାନିକରି ମୋ ଉପରେ ସମର୍ପିତ ହୋଇଥାଏ,ସେ ମୋର ପ୍ରିୟ ଅଟନ୍ତି । ପ୍ରଶଂସା ଆଉ ନିନ୍ଦା ଅହଂକାର ଖେଳ ବ୍ୟତୀତ ଆଉ କିଛି ନୁହେଁ । ଅହଂକାର ପ୍ରଶଂସାରୁ ପ୍ରଫୁଲ୍ଲିତ ହୋଇଥାଏ ଆଉ ନିନ୍ଦାରୁ ଆହତ ହୋଇଥାଏ । ଯେତେବେଳେ ଆମେ ସ୍ୱୟଂରେ ଏକତ୍ର ହୋଇଥାଉ ଯାହାକୁ ଶ୍ରୀକୃଷ୍ଣ ପ୍ରଥମେ ଆତ୍ମବାନ କହିଥିଲେ,ପରେ ପ୍ରଶଂସା ଆଉ ନିନ୍ଦା ଆମ ଉପରେ ପ୍ରଭାବ ପକେଇ କରି ନିଜର କ୍ଷମତା ହରେଇ ଦିଅନ୍ତି । ଏହା ଭଗବତ୍ ଗୀତାର ବାର ଅଧ୍ୟାୟରେ 'ଭକ୍ତିଯୋଗ'ର ସମାପନ କରିଥାଏ । ସହଜରେ ଆପଣେଇବା ପାଇଁ ଭଗବାନ ଶ୍ରୀରାମଙ୍କ ଦ୍ୱାରା ନିଜର ଭକ୍ତ ଶବରୀକୁ ବନେଇଥିବା ଭକ୍ତିର ମାର୍ଗ ରାମାୟଣରେ ଉଲ୍ଲିଖିତ ଅଛି । ସେଥିରେ ସତ୍ସଙ୍ଗ, କଥା,ସେବା,କୀର୍ତ୍ତନ,ଜପ ଆଦି ସମ୍ମିଳିତ ଅଛି । ଏହା ଆଜି ବି ପ୍ରାସଙ୍ଗିକ ଆଉ ପ୍ରଚଳିତ ଅଟେ । ଏହି ଅଧ୍ୟାୟ ଅର୍ଜୁନଙ୍କ ଏହି ପ୍ରଶ୍ନରୁ ପ୍ରାରମ୍ଭ ହୋଇଥାଏ ଯେ ନିରାକର ଭକ୍ତି ଅଧିକ ଉପଯୁକ୍ତ ନା' ସାକାର ଭକ୍ତି । ଶ୍ରୀକୃଷ୍ଣ ତାଙ୍କୁ ସାକାର ମାର୍ଗ ଆପଣେଇବା ପାଇଁ ଉପଦେଶ ଦେଇଥିଲେ । କାହିଁକି ଦେହଧାରୀ ପ୍ରାଣୀଙ୍କ ପାଇଁ ନିରାକାର ମାର୍ଗ ବହୁତ କଠିନ ହୋଇଥାଏ । ସେତେବେଳେ ଶ୍ରୀକୃଷ୍ଣ ଏହି ମାର୍ଗକୁ ଅନୁସରଣ କରିବା ପାଇଁ ଉପାୟ ବତେଇ ଥିଲେ । ଶେଷରେ,ଶ୍ରୀକୃଷ୍ଣ ସେହି ଗୁଣ ସବୁ ବତେଇଛନ୍ତି ଯାହା ତାଙ୍କର ପ୍ରିୟ ଅଟେ । ଯେଉଁଥିରେ ଘୃଣାର ତ୍ୟାଗ,ଉତ୍ତେଜିତ ନ ହେବା ଆଉ ଅନ୍ୟଙ୍କୁ ଉତ୍ତେଜିତ ନ କରିବା, ସମଭାବ ବଜାୟ ରଖିବା,ସନ୍ତୁଳିତ ରହିବା ଆଦି ସମ୍ମିଳିତ ଥାଏ । ଆତ୍ମ ଖୋଜର ଏକାକୀ ପଥରେ ଏହି ବିଶେଷତାକୁ ମାଇଲର ପଥର ରୂପେ ଉପଯୋଗ କରାଯାଇ ପାରିବ । ଏମିତି ସମ୍ଭାବନା ଥାଏ ଯେ ଏଥିରେ କିଛି ବିଶେଷତାକୁ ଦୁର୍ବଳର ରୂପରେ ଦେଖା ଯାଇ ପାରିବ । କିନ୍ତୁ ବାସ୍ତବରେ ଏହା ସର୍ବ-ଶକ୍ତିମାନ ଅସ୍ତିତ୍ୱର ସହିତ ତାଳମେଳ ବସେଇବାର ବିଷୟ ଅଟେ । ଏହା ଏହି କଥାର ଅନୁଭବ ଅଟେ ଯେ ଏହି ବିଶେଷତା ପରମାତ୍ମାଙ୍କୁ ପ୍ରିୟ ଅଟେ ଆଉ ଯେତେବେଳେ ଆମେ ତାଙ୍କୁ ଆମ ଭିତରେ ବିକଶିତ କରିଥାଉ ଆଉ ଆମେ ଆନନ୍ଦିତ ଅନୁଭବ କରିଥାଉ ।

*-ମନୋଜ କୁମାର ବେହେରା , ମୋ-୭୯୭୮୮୩୦୬୧୧*

# ମନ ଯାହାର ନିୟନ୍ତ୍ରିତ...



ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି: 'କେବଳ ଅଗ୍ନି ନ ଜାଳି କିମ୍ବା କାମରୁ ନିବୃତ୍ତ ରହିଲେ ବ୍ୟକ୍ତି ତ୍ୟାଗୀ ହୁଏ ନାହିଁ। ବୁଦ୍ଧିମାନ, ଯେଉଁମାନେ ମନର ସମତା ହାସଲ କରିବାକୁ ଚାହାଁନ୍ତି, ସେମାନଙ୍କ ପାଇଁ ନିଃସ୍ୱାର୍ଥପର ସେବାକୁ ମାଧମ କୁହାଯାଏ। ସମତା ଆତ୍ମ-ସାକ୍ଷାତକୁ ନେଇଯାଏ।କର୍ମ ଫଳ ପ୍ରତି ଆସକ୍ତି ଏବଂ ସ୍ୱାର୍ଥପର ଇଚ୍ଛା ପରିତ୍ୟାଗ କରି ବ୍ୟକ୍ତି ସିଦ୍ଧତା ପ୍ରାପ୍ତ କରେ। ବ୍ୟକ୍ତି ନିଜ ମନ ଦ୍ୱାରା ନିଜକୁ ଉନ୍ନତ କିମ୍ବା ଅବନତ କରିପାରିବ। ମନ ଯାହାର ନିୟନ୍ତ୍ରଣ ଅଛି ତାହା ତାହାର ବନ୍ଧୁ ହୋଇଯାଏ ଏବଂ ମନ ଦ୍ୱାରା ନିୟନ୍ତ୍ରିତ ହେଲେ ତାହା ବ୍ୟକ୍ତିଙ୍କ ଶତ୍ରୁ ହୋଇଯାଏ। ପ୍ରତ୍ୟେକ ଜୀବରେ ଅବସ୍ଥିତ ସମାନ ଆତ୍ମ (କିମ୍ବା ଆତ୍ମା) ଏବଂ ସମସ୍ତ ପ୍ରାଣୀ ଆତ୍ମରେ ଅବସ୍ଥିତ, ଅନୁଭବ କର। ଯେଉଁମାନେ ମୋତେ ସବୁକିଛିରେ ଦେଖନ୍ତି ଏବଂ ମୋ ମଧ୍ୟରେ ସବୁକିଛି ଦେଖନ୍ତି, ସେମାନେ ମୋଠାରୁ ପୃଥକ୍ ନୁହନ୍ତି ଏବଂ ମୁଁ ସେମାନଙ୍କଠାରୁ ପୃଥକ ନୁହେଁ। ନିଃସନ୍ଦେହରେ, ହେ ଅର୍ଜୁନ, ମନ ଅସ୍ଥିର ଏବଂ ନିୟନ୍ତ୍ରଣ କରିବା ବହୁତ କଷ୍ଟକର, କିନ୍ତୁ ଏହାକୁ ନିଷ୍ଠାପର ଆଧାତ୍ମିକ ଅଭ୍ୟାସ ଏବଂ ବିଚ୍ଛିନ୍ନତା ଦ୍ୱାରା ବଶ କରାଯାଇପାରିବ।'

# ସିଲାବସ୍ ବାହାର ପ୍ରଶ୍ନ

ଟିଉସନ୍ ସାର୍ ଆସି ନ ଥିବାରୁ ଲିସ୍ମା ପୁଅ ପିଣ୍ଟୁକୁ ପାଠ ପଢ଼େଇବାକୁ ବସିଲେ। ଗଣିତ ଓ ବିଜ୍ଞାନରେ ଲିସ୍ମା ଟିକେ ଦୁର୍ବଳ। ସ୍ୱାମୀ ନରେଶ ଏଇ ଦୁଇ ବିଷୟ ବେଳେବେଳେ ପଢ଼ାଇ ଦିଅନ୍ତି। ସାହିତ୍ୟ ବହି କାଢ଼ିବାକୁ ନିର୍ଦ୍ଦେଶ ଦେଲେ ଲିସ୍ମା। 'ପିତାମାତା ଓ ଗୁରୁଜନଙ୍କୁ ଭକ୍ତି' ବିଷୟ ପଢ଼ାଇବାକୁ ଯାଇ ଲିସ୍ମା ପିଣ୍ଟୁକୁ ବୁଝାଇଲେ, 'ବାପା, ମା'ହେଉଛନ୍ତି ପ୍ରକୃତ ଭଗବାନ। ସେମାନଙ୍କୁ ଆମେ ପୂଜା କରିବା ଉଚିତ। ସେମାନଙ୍କ ସେବା କଲେ ଆମକୁ ସବୁଠୁ ଅଧିକ ପୁଣ୍ୟ ମିଳେ। ଖୁସି ହୋଇଯାଇ ପିଣ୍ଟୁ କହିଲା,'ମମି, ତାହେଲେ ତମେ ଓ ବାପା, ଜେଜେ ଓ ଜେଜେମା'ଙ୍କୁ ଘରେ ନ ରଖି ବୃଦ୍ଧାଶ୍ରମରେ କାହିଁକି ରଖିଛ ? ଆଉ ସବୁଦିନ ଠାକୁର ଘରେ ପଶି ଘଣ୍ଟା ଘଣ୍ଟା ଧରି ଏ ଫଟୋ ଆଗରେ କାହିଁକି ପୂଜା କରୁଛ ?' ପାଟିଟା ଆଁଫୁ ଆଁଫୁ ହୋଇଯାଉଥିଲା ଲିସ୍ମାଙ୍କର। ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଡାକ ପକାଇଲେ,'ଠାକୁର ଘରୁ ଶୀଘ୍ର ବାହାରି ପିଣ୍ଟୁକୁ ସାହିତ୍ୟ ପଢ଼ାଅ।' 'ଓହୋ, ତମେ ସାହିତ୍ୟ ବି ପଢ଼ାଇ ପାରୁନ ?' ମୁହଁକୁ ମୋଡ଼ି ଲିସ୍ମା କହିଲେ,'ତମ ପୁଅ ସିଲାବସ୍ ବାହାର ପ୍ରଶ୍ନ ପଚାରୁଛି ପରା।' *-ପରେଶଚନ୍ଦ୍ର ରଥ*



# ଜୀମୂତବାହନ ମିତ୍ରାବସୁ



ମହାଧନ ବିଦ୍ୟାଧରଙ୍କ କନ୍ୟାକୁ ବଧୂ ରୂପରେ ପାଇ ଅତ୍ୟନ୍ତ ଆନନ୍ଦ ହେଲେ । ପୁଳିନ୍ଦକଙ୍କର ବନ୍ଧୁ ପ୍ରୀତି ଓ ଚରିତ୍ରବତ୍ତା ସମଗ୍ର ରାଜ୍ୟରେ ପ୍ରଶଂସିତ ହେବାକୁ ଲାଗିଲା। ମହାଧନଙ୍କ ଅନୁରୋଧ କ୍ରମେ ବଲ୍ଲଭୀର ରାଜା ସମଗ୍ର ଅରଣ୍ୟ ରାଜ୍ୟ ପୁଳିନ୍ଦକଙ୍କୁ ପ୍ରଦାନ କଲେ । ବସୁଦତ୍ତ ଏହା ପରଠାରୁ ମନୋହାରିଣୀ ପତ୍ନୀ ଓ ଅଭିନ୍ନ ହୃଦୟ ମିତ୍ରଙ୍କ ସହିତ ଆନନ୍ଦରେ ବାସ କରିବାକୁ ଲାଗିଲେ । ବସୁଦତ୍ତଙ୍କ ପତ୍ନୀଙ୍କ ନାମ ମେନୋବତୀ ଥିଲା । ସେହି ମେନୋବତୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜାତ ହେଲା । ମହାଧନ ନାତିର ନାମକରଣ କଲେ ହିରଣ୍ୟଦତ୍ତ । ମହାଧନ ଜୀବନରେ ଅନ୍ତିମ ଫଳ ଲାଭକଲେ ବୋଲି ଭାବି ଶରୀର ତ୍ୟାଗ କରିବା ନିମନ୍ତେ ଗଙ୍ଗାତଟକୁ ଚାଲିଗଲେ । ପିତୃ ଶୋକରେ ଅଧୀର ହେଲେ ବସୁଦତ୍ତ । ଶେଷରେ ପୁଳିନ୍ଦକ ଆସି ଆଶ୍ୱସ୍ତ କରାଇଲେ । ଏହାପରେ ଜୀମୂତବାହନ ମିତ୍ରାବସୁଙ୍କୁ କହିଲେ, ମୋର ଶିବ ଶିଙ୍କରଙ୍କ ଅଭିଶାପ ମନରେ ଉଦିତ ହେଲା । ବସୁଦତ୍ତ ପୁତ୍ରର ବୟୋପ୍ରାପ୍ତ ଦେଖି ତାକୁ ବିବାହ କରାଇ ପତ୍ନୀ ଓ ମିତ୍ରଙ୍କୁ ନେଇ କାଳଞ୍ଜର ପର୍ବତକୁ ଗମନ କଲି । ସେହି ପର୍ବତ ଉପରେ ପତ୍ନୀ ଓ ମିତ୍ରଙ୍କୁ ଶିବଙ୍କର ଅଭିଶାପ ବିଷୟ କହିଲି। । ଶିବ ମନ୍ଦିରକୁ ଯାଇ ତୁମ୍ଭଙ୍କୁ ମିତ୍ର ରୂପେ ଓ ମେନୋବତୀଙ୍କୁ ପତ୍ନୀ ରୂପରେ ପରଜନ୍ମରେ ଯେପରି ପାଇବି ବୋଲି ପ୍ରାର୍ଥନା କଲି । ପ୍ରଭୁ ଶିବଶଙ୍କର ଦୟା କଲେ। ସେହି ଗୌରିପତିଙ୍କ ସ୍ମରଣ କରି ଗିରିଶିଖରୁ ଲମ୍ଫ ପ୍ରଦାନ ପୂର୍ବକ ପ୍ରାଣତ୍ୟାଗ କଲି । ମୁଁ ସେହି ଜାତିସ୍ମର ବସୁଦତ୍ତ । କଳ୍ପବୃକ୍ଷଙ୍କ ଦୟାରୁ ରାଜକୂଳରେ ଜୀମୂତବାହନ ରୂପରେ ଜନ୍ମଗ୍ରହଣ କରିଛି । ତୁମେ ସେହି ମିତ୍ର ପୁଳିନ୍ଦକ ଓ ତୁମ ଭଗିନୀ ମଳୟବତୀ ହେଉଛନ୍ତି ମେନୋବତୀ । ତେଣୁ ହେ ମିତ୍ର ତୁମ୍ଭେ ମୋର ପିତା-ମାତାଙ୍କୁ ଜଣାଅ ସେମାନେ ଅନୁମତି ପ୍ରଦାନ କଲେ ତୁମ୍ଭର ଅଭୀଷ୍ଟ ପୂରଣ ହେବ । ଜୀମୂତବାହାନଙ୍କ ନିକଟରୁ ଏପରି ଶ୍ରବଣ କରି ମିତ୍ରାବସୁ ନିଜ ପିତା-ମାତାଙ୍କୁ ଜଣାଇଲେ । ମିତ୍ରାବସୁଙ୍କୁ ସାଦରେ ଆଦେଶ ପ୍ରଦାନ କଲେ ତା'ପରେ ମିତ୍ରାବସୁ ଜୀମୂତକେତୁ ଓ ତାଙ୍କ ପତ୍ନୀଙ୍କୁ ଜୀମୂତବାହନ ଓ ଭଗିନୀ ମଳୟବତୀଙ୍କର ବିବାହ ସମ୍ବନ୍ଧ କରିବାକୁ ଅନୁମତି ଲୋଡ଼ିଲେ ।

# ପରିସ୍ରାରେ ଦୁର୍ଗନ୍ଧ: ଅଣଦେଖା କରନ୍ତୁନି



ବେଳେ ବେଳେ ପରିସ୍ରାରୁ ଅଦ୍ଭୁତ ଗନ୍ଧ ବାହାରେ କି ? ଯଦି ଏହା ଥରେ କିମ୍ବା ଦୁଇଥର ହୁଏ, ତେବେ ଏହା ସ୍ୱାଭାବିକ ହୋଇପାରେ । କିନ୍ତୁ ବାରମ୍ବାର ଯଦି ଲାଗି ରହୁଥାଏ, ତେବେ ଏହା ଶରୀର ଭିତରେ ଚାଲିଥିବା କିଛି ଗମ୍ଭୀର ସମସ୍ୟାର ଲକ୍ଷଣ ହୋଇପାରେ। ଡକ୍ଟର ହର୍ଷ ବର୍ଦ୍ଧନ କହିଛନ୍ତି ଯେ, ପରିସ୍ରାର ଗନ୍ଧ ଆମର ଖାଦ୍ୟ, ଔଷଧ ଏବଂ ଶରୀରର ହାଇଡ୍ରେସନ ବା ଜଳୀୟ ସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଏ। କିନ୍ତୁ ଗନ୍ଧ ଦୀର୍ଘ ସମୟ ପର୍ଯ୍ୟନ୍ତ ରହେ, ତେବେ ଏହା କିଛି ବଡ଼ ରୋଗର ଲକ୍ଷଣ ହୋଇପାରେ। ଏପରିକି କିଡ୍‌ନୀ, ଲିଭର କିମ୍ବା ପରିସ୍ରା ସଂକ୍ରମଣ ଭଳି ଗମ୍ଭୀର ରୋଗର ମଧ୍ୟ ଲକ୍ଷଣ ହୋଇପାରେ। ଯଦି ପରିସ୍ରାରେ ତୀବ୍ର ଗନ୍ଧ ସହିତ ପରିସ୍ରାପୋଡ଼ା କିମ୍ବା ବାରମ୍ବାର ପରିସ୍ରା ହେବାର ସମସ୍ୟା ଥାଏ, ତେବେ ଏହା ୟୁରିନାରୀ ଟ୍ରାକ୍ଟ ଇନଫେକ୍ସନ ହୋଇପାରେ। ଏହି ସଂକ୍ରମଣ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କଠାରେ ଅଧିକ ଦେଖାଯାଏ। ମଧୁମେହ ବା ଡାଇବେଟିସ ରୋଗୀଙ୍କ କ୍ଷେତ୍ରରେ, ପରିସ୍ରାରେ ମିଠା କିମ୍ବା ଫଳର ଗନ୍ଧ ଥାଇପାରେ, ଯାହା ଶରୀରରେ ସୁଗାର ଲେଭଲ ବୃଦ୍ଧିକୁ ସୂଚିତ କରେ। ଯେତେବେଳେ ଯକୃତ ବା ଲିଭର ଠିକ୍ ଭାବରେ କାର୍ଯ୍ୟ କରେ ନାହିଁ, ଶରୀରର ବିଷାକ୍ତ ପଦାର୍ଥ ବା ଟକ୍ସିନ ସମ୍ପୂର୍ଣ୍ଣ ଭାବରେ ବାହାର ହୁଏ ନାହିଁ। ଏହା ପରିସ୍ରାରେ ଦୁର୍ଗନ୍ଧ ସୃଷ୍ଟି କରେ। ଯେତେବେଳେ ଶରୀରରେ ପାଣିର ଅଭାବ ହୁଏ, ପରିସ୍ରା ଘନ ଏବଂ ହଳଦିଆ ହୋଇଯାଏ । ଫଳରେ ଏଥିରୁ ଦୁର୍ଗନ୍ଧ ବାହାରିବା ଆରମ୍ଭ ହୁଏ। ଦିନସାରା ଅତି କମ୍‌ରେ ୮ରୁ ୧୦ ଗ୍ଲାସ ପାଣି ପିଅନ୍ତୁ। ଯଦି କିଡ୍‌ନୀ ଠିକ୍ ଭାବରେ ଫିଲ୍ଟର ନ କରେ, ତେବେ ପରିସ୍ରା ମାଧ୍ୟମରେ ବିଷାକ୍ତ ପଦାର୍ଥ ନିର୍ଗତ ହୁଏ । ଯାହା ଫଳରେ ଏଥିରୁ ଦୁର୍ଗନ୍ଧ ବାହାରେ। ଏପରି କ୍ଷେତ୍ରରେ, ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।କିଛି ଔଷଧ, ଭିଟାମିନ୍ ସପ୍ଲିମେଣ୍ଟ ଏବଂ ପିଆଜ, ରସୁଣ ଭଳି ଖାଦ୍ୟ ମଧ୍ୟ ପରିସ୍ରାର ଗନ୍ଧକୁ ପରିବର୍ତ୍ତନ କରିପାରେ। କ'ଣ କରିବେ। ଦିନକୁ ଆଠରୁ ଦଶ ଗ୍ଲାସ ପାଣି ପିଅନ୍ତୁ।ଉପଯୁକ୍ତ ପରିଚ୍ଛନ୍ନତା ବଜାୟ ରଖନ୍ତୁ। ଅତ୍ୟଧିକ ପ୍ରୋଟିନ୍ ଏବଂ ସପ୍ଲିମେଣ୍ଟ ଏଡାନ୍ତୁ।କୌଣସି ଅସ୍ୱାଭାବିକ ଲକ୍ଷଣ ଉପରେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।ଯଦି ପରିସ୍ରାରେ ବାରମ୍ବାର କିମ୍ବା ଲଗାତାର ଦୁର୍ଗନ୍ଧ ଆସୁଛି, ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ। ଏହା ଶରୀରରେ କୌଣସି ଗମ୍ଭୀର ସମସ୍ୟାର ଲକ୍ଷଣ ହୋଇପାରେ।



## -ରାମଙ୍କ ଉପହାର ଫିଙ୍ଗିଦେଲେ ହନୁମାନ-

*ଯୁଦ୍ଧରେ ସାହାଯ୍ୟ କରିଥିବା ସମସ୍ତଙ୍କୁ ଉପହାର ଦେଇ ଆଶୀର୍ବାଦ କରିବା ପରେ, ପ୍ରଭୁ ଶ୍ରୀରାମ, ହନୁମାନଙ୍କୁ ତାଙ୍କ ଉପହାରଟି ମଧ୍ୟ ଦେଇଥିଲେ। କିନ୍ତୁ ହନୁମାନ ସେ ପୁରସ୍କାରକୁ ଫିଙ୍ଗି ଦେଇଥିଲେ। ହନୁମାନଙ୍କର ଏହି ଆଚରଣରେ ସାରା ରାଜଦରବାର ବିସ୍ମିତ ଓ କ୍ରୋଧିତ ହୋଇଯାଇଥିଲେ। କିନ୍ତୁ ଜବାବରେ ହନୁମାନ ଉତ୍ତର ଶୁଣି ସମସ୍ତେ ଶାନ୍ତ ପଡ଼ିଥିଲେ। ସେ କହିଥିଲେ- 'ପ୍ରଭୁ ରାମଙ୍କୁ ମନେରଖିବା ପାଇଁ ମୋ ପାଇଁ କୌଣସି ଉପହାରର ଆବଶ୍ୟକତା ନାହିଁ। କାରଣ ପ୍ରଭୁ ରାମ ସର୍ବଦା ମୋ ହୃଦୟରେ ରହିବେ।'*



# ଶିବଲିଙ୍ଗ ଉପରେ କାହିଁକି ଚଢ଼ାଯାଏ ବେଲପତ୍ର



> *କୁହାଯାଏ ସମୁଦ୍ର ମନ୍ଥନ ସମୟରେ ଯେତେବେଳେ ବିଷ ବାହାରିଥିଲା ସେତେବେଳେ ଭଗବାନ ଶିବ ସମଗ୍ର ବ୍ରହ୍ମାଣ୍ଡକୁ ରକ୍ଷା କରିବା ପାଇଁ ଏହି ବିଷପାନ କରିଥିଲେ । ବିଷର ପ୍ରଭାବରେ ତାଙ୍କ କଣ୍ଠ ନୀଳ ହୋଇଗଲା ଏବଂ ତାଙ୍କ ସମଗ୍ର ଶରୀର ଅତ୍ୟନ୍ତ ଗରମ ହୋଇଗଲା ଯାହାଫଳରେ ଆଖପାଖର ପରିବେଶ ମଧ୍ୟ ଗରମ ହେବାକୁ ଲାଗିଲା । ବିଶ୍ୱାସ ଅନୁଯାୟୀ ବେଲପତ୍ର ବିଷର ପ୍ରଭାବକୁ ହ୍ରାସ କରିଥାଏ । ଯେଉଁଥିପାଇଁ ସମସ୍ତ ଦେବୀ ଏବଂ ଦେବତା ଭଗବାନ ଶିବଙ୍କୁ ବେଲପତ୍ର ଖାଇବାକୁ ଦେଇଥିଲେ ।*

ଆମେ ସମସ୍ତେ ଜାଣୁ ବେଲ ପତ୍ର ଭଗବାନ ଶିବଙ୍କ ପାଇଁ ଅତ୍ୟନ୍ତ ପ୍ରିୟ ଏବଂ ଶିବଲିଙ୍ଗ ଉପରେ ବେଲ ପତ୍ର ନ ଚଢ଼ାଇବା ପର୍ଯ୍ୟନ୍ତ ପୂଜା ସମ୍ପୂର୍ଣ୍ଣ ହୋଇନଥାଏ । ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରିବା ପାଇଁ କୌଣସି ଭୋଗ ନୈବେଦ୍ୟ ନୁହେଁ ବରଂ ଏକ ପାଣି ଢାଳ ଏବଂ କିଛି ବେଲ ପତ୍ର ହିଁ ଯଥେଷ୍ଟ । କିନ୍ତୁ ଜାଣନ୍ତି କି ଶିବଲିଙ୍ଗ ଉପରେ କାହିଁକି ଚଢ଼ାଯାଏ ବେଲପତ୍ର ? କୁହାଯାଏ ସମୁଦ୍ର ମନ୍ଥନ ସମୟରେ ଯେତେବେଳେ ବିଷ ବାହାରିଥିଲା ସେତେବେଳେ ଭଗବାନ ଶିବ ସମଗ୍ର ବ୍ରହ୍ମାଣ୍ଡକୁ ରକ୍ଷା କରିବା ପାଇଁ ଏହି ବିଷପାନ କରିଥିଲେ । ବିଷର ପ୍ରଭାବରେ ତାଙ୍କ କଣ୍ଠ ନୀଳ ହୋଇଗଲା ଏବଂ ତାଙ୍କ ସମଗ୍ର ଶରୀର ଅତ୍ୟନ୍ତ ଗରମ ହୋଇଗଲା ଯାହାଫଳରେ ଆଖପାଖର ପରିବେଶ ମଧ୍ୟ ଗରମ ହେବାକୁ ଲାଗିଲା । ବିଶ୍ୱାସ ଅନୁଯାୟୀ ବେଲପତ୍ର ବିଷର ପ୍ରଭାବକୁ ହ୍ରାସ କରିଥାଏ । ଯେଉଁଥିପାଇଁ ସମସ୍ତ ଦେବୀ ଏବଂ ଦେବତା ଭଗବାନ ଶିବଙ୍କୁ ବେଲପତ୍ର ଖାଇବାକୁ ଦେଇଥିଲେ । ବେଲପତ୍ର ସହିତ, ଶିବଙ୍କୁ ଥଣ୍ଡା ରଖିବା ପାଇଁ ଜଳ ମଧ୍ୟ ଅର୍ପଣ କରାଯାଇଥିଲା । ବେଲପତ୍ର ଏବଂ ଜଳର ପ୍ରଭାବ ଯୋଗୁଁ ମହାଦେବଙ୍କ ଶରୀରରେ ସୃଷ୍ଟି ହୋଇଥିବା ଉତ୍ତାପ ଥଣ୍ଡା ହେବାକୁ ଲାଗିଲା । ସେବେଠାରୁ ଭଗବାନ ଶିବଙ୍କୁ ଜଳ ଏବଂ ବେଲପତ୍ର ଅର୍ପଣ କରିବାର ପ୍ରଥା ଆରମ୍ଭ ହେଲା ।

# ଶ୍ରୀଗଣେଶ ଓ ବ୍ୟାସଦେବ



ବ୍ୟାସଦେବ ଗଣେଶଙ୍କୁ କହିଲେ,'ହେ ବିନାୟକ! ସମସ୍ତ ସଂସାରର କଲ୍ୟାଣ ପାଇଁ ମୁଁ ଏକ ଗ୍ରନ୍ଥର ପରିକଳ୍ପନା କରିଛି। ଏ ଗ୍ରନ୍ଥ ମୋ ଚିନ୍ତା ପ୍ରସୂତ ହୋଇଥିଲେ ସୁଦ୍ଧା ଏହାର ବିଶାଳତା ଦୃଷ୍ଟିରୁ ମୁଁ ଏହାକୁ ଲେଖିବାକୁ ସମର୍ଥ ହୋଇ ପାରୁ ନାହିଁ। ସେଥିପାଇଁ ମୁଁ ବଡ଼ ଚିନ୍ତିତ। ଆପଣଙ୍କୁ ଏଥିପାଇଁ ପ୍ରାର୍ଥନା କଲି ଯେହେତୁ ଆପଣ ଏ କାର୍ଯ୍ୟ ପାଇଁ ସମର୍ଥ। ମୋତେ ଏ ଘୋର ସଙ୍କଟରୁ ଆପଣ ହିଁ ଉଦ୍ଧାର କରି ପାରିବେ। ମୁଁ ଶ୍ଳୋକ ମାନ ରଚନା କରି ବୋଲିଯିବି ଆପଣ ଏହାକୁ ଲେଖିଚାଲିବେ। ଆପଣ ତ ବିଦ୍ୟାର ବାରିଧି ଆପଣଙ୍କୁ ମୁଁ ଆଉ ଅଧିକା କ'ଣ କହିବି। ଶ୍ରୀଗଣେଶଙ୍କର ମହର୍ଷି ବ୍ୟାସଦେବଙ୍କ ପ୍ରତି ବହୁ ସମ୍ମାନ ଥିଲା। ତାଙ୍କୁ ମଧ୍ୟ ସାହାଯ୍ୟ କରିବାକୁ ସେ ଚାହୁଁଥିଲେ। କିନ୍ତୁ ମହାଭାରତ ଲେଖିବାପାଇଁ ସେ କାହିଁକି ଟିକିଏ ଅଡୁଆ ବୋଧ କରୁ ଥିଲେ। ତେଣୁ ସେ ଚିନ୍ତାକଲେ ମୁଁ ଯାଉଛି ଏପରି ଗୋଟିଏ ସର୍ତ୍ତ ରଖି ଦେବି ଯେମିତି କି ବେଦବ୍ୟାସ ଅଡୁଆରେ ପଡ଼ିଯିବେ। ଶ୍ରୀ ଗଣେଶ ବ୍ୟାସଦେବଙ୍କୁ କହିଲେ,'ଠିକଅଛି ମହର୍ଷି,ମୋର ତୁମର ମହାଭାରତ ଲେଖିବାରେ କୌଣସି ଆପତ୍ତି ନାହିଁ। କିନ୍ତୁ ଗୋଟିଏ ସର୍ତ୍ତରେ ଏହାକୁ ମୁଁ ଲେଖିବି ଆପଣ ଅନର୍ଗଳ ଡାକିବେ ଯେମିତି ମୋର ଲେଖନୀ ମୁହୂର୍ତ୍ତ ମାତ୍ରେ ବନ୍ଦ ହେବ ନାହିଁ। ଲେଖିଲା ବେଳେ ଯଦି ଲେଖନୀ ମୋର ବନ୍ଦହୋଇଯାଏ ତେବେ ମୁଁ ଆଉ ଆଗକୁ ଯାଇ ପାରିବି ନାହିଁ '। ପରମ ଜ୍ଞାନୀ ବ୍ୟାସଦେବ ଗଣେଶଙ୍କ କଥା ଶୁଣି ହସି ହସି କହିଲେ,'ଠିକ ଅଛି ମୁଁ ଆପଣଙ୍କ ସର୍ତ୍ତରେ ରାଜି। କିନ୍ତୁ ମୋର ଗୋଟିଏ ସର୍ତ୍ତ ଅଛି। ଆପଣ ଲେଖିବା ବେଳେ ନବୁଝି କିଛି ଲେଖିବେ ନାହିଁ '। ଗଣେଶ ବ୍ୟାସ ଦେବଙ୍କ ସର୍ତ୍ତକୁ ମାନି ନେଲେ। ଏହାପରେ ମହାଭାରତ ଲେଖା ଚାଲିଲା। ବ୍ୟାସ ଡାକିଚାଲିଲେ ଓ ଗଣେଶ ଲେଖିଚାଲିଲେ। କିନ୍ତୁ ବ୍ୟାସ ମଝିରେ ମଝିରେ ଏପରି କଷ୍ଟ ଶ୍ଳୋକଟିଏ ଡାକିଦିଅନ୍ତି ଯେ ଗଣେଶଙ୍କୁ ତାହାର ଅର୍ଥ ବୁଝିବା ପାଇଁ କିଛି ସମୟ ଲାଗି ଯାଏ। ଏହି ସମୟରେ ବ୍ୟାସ ପର ଶ୍ଳୋକଗୁଡ଼ିକୁ ଚିନ୍ତା କରିନିଅନ୍ତି। ଏଣୁ ମହାଭାରତରେ ଏଭଳି କେତେକ ଶ୍ଳୋକ ରହିଛି ଯାହାର ଅର୍ଥ ବାହାର କରିବା ଖୁବ କଠିନ। ଏହି ଶ୍ଳୋକ ଗୁଡ଼ିକୁ ଗ୍ରନ୍ଥଗ୍ରନ୍ଥି କୁହାଯାଇ ଥାଏ। ଅର୍ଥାତ୍ ଏସବୁ ଗ୍ରନ୍ଥର ଗଣ୍ଠି। ମହାଭାରତ ଲେଖା ସରିବା ପରେ ବ୍ୟାସଦେବ ପୁତ୍ର ମହାମୁନୀ ଶୁକଙ୍କୁ ଏହା ଜଣାଇଲେ। ଶୁକଦେବ ଏ ଶାସ୍ତ୍ରକୁ ଗନ୍ଧର୍ବମାନଙ୍କୁ ଶୁଣାଇଲେ। ମନୁଷ୍ୟମାନଙ୍କ ମଧ୍ୟରେ ଏ ଗ୍ରନ୍ଥର ପ୍ରଚାର ପାଇଁ ମହର୍ଷି ବ୍ୟାସ ତାଙ୍କର ପ୍ରଧାନ ଶିଷ୍ୟ ବୈଶମ୍ପାୟନଙ୍କୁ ଏହା ଶୁଣାଇ କହିଲେ,' ତୁମେ ଯାଇ ମହାରାଜ ଜନ୍ମେଜୟଙ୍କ ସର୍ପଯଜ୍ଞ ସ୍ଥଳୀରେ ଏହାର ପ୍ରଚାର କର '। ମୁନି ବୈଶମ୍ପାୟନ ପରୀକ୍ଷିତଙ୍କ ପୁତ୍ର ମହାରାଜ ଜନ୍ମେଜୟଙ୍କ ସର୍ପଯଜ୍ଞ ସ୍ଥଳୀରେ ପହଞ୍ଚି ତାଙ୍କୁ ଏ ପବିତ୍ର କଥା ଶୁଣାଇଲେ । ସେତେବେଳେ ସେଠି ଉପସ୍ଥିତ ଥାନ୍ତି ଉପଶ୍ରବା ନାମରେ ଜଣେ ବିଦ୍ୱାନ ଋଷି । ସେ ମହାଭାରତ ଶୁଣି ତାଙ୍କର ଅସାଧାରଣ ସ୍ମୃତିଶକ୍ତି ବଳରେ ଏହାକୁ ମନେ ରଖିପାରି ଥିଲେ। ଋଷି ଉପଶ୍ରବା ସାରଥୀକୂଳର ଥିବାରୁ ତାଙ୍କୁ ସୁତ ବା ସୌତି ବୋଲି କୁହାଯାଉ ଥିଲା। ମହାଭାରତ ମୁଖ୍ୟ ଭାବେ କୌରବ ପାଣ୍ଡବଙ୍କ ବିଷୟରେ ଲେଖା ଯାଇଛି । କିନ୍ତୁ ଏହା ବହୁ ଆଖ୍ୟାୟିକାର ପରିପୂର୍ଣ୍ଣ। ଏଣୁ ଗ୍ରନ୍ଥମାନଙ୍କ ମଧ୍ୟରେ ମହାଭାରତର କୌଣସି ତୁଳନା ନାହିଁ।

## ବାଟାଲିୟନରେ ଶିଶୁ ସୁରକ୍ଷା ସଚେତନତା

କେନ୍ଦୁଝର,(ନିପ୍ର): କେନ୍ଦୁଝରଗଡ଼ ସ୍ଥିତ ୧୪ଶ ବାଟାଲିୟନ୍ ଏନସିସି ତାଲିମ କେନ୍ଦ୍ର ସଶକ୍ତିକରଣର ଏକ ଆଲୋକବର୍ତ୍ତିକା ସାଜି ମହିଳା ଓ ଶିଶୁ ସୁରକ୍ଷା ଉପରେ ଏକ ଗତିଶୀଳ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯାହା ଓଡ଼ିଶାର ତିନୋଟି ଜିଲ୍ଲାରୁ ଆସିଥିବା ୩୫୦ ରୁ ଊର୍ଦ୍ଧ୍ୱ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଏନସିସି କ୍ୟାଡେଟ୍‌ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କମାଣ୍ଡାଣ୍ଟ, ଡେପୁଟି କମାଣ୍ଡାଣ୍ଟ ଏବଂ ନିଷ୍ଠାପର କର୍ମଚାରୀମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ପ୍ରକଳ୍ପ' ଏନଜିଓର ମୁଖ୍ୟ କାର୍ଯ୍ୟକର୍ତ୍ତା ବିପ୍ଳବ ମିଶ୍ର ଏକ ଅତ୍ୟନ୍ତ ପ୍ରଭାବଶାଳୀ ଅଭିଭାଷଣ ପ୍ରଦାନ କରିଥିଲେ। ଅତ୍ୟନ୍ତ ପ୍ରାଞ୍ଜଳ ଭାବରେ ସେ ଗୁରୁତ୍ୱପୂର୍ଣ୍ଣ ଆଇନଗୁଡ଼ିକୁ ସରଳ କରି ବୁଝାଇବା ସହ ସମାଜର '୫ଟି ପ୍ରମୁଖ ସ୍ତମ୍ଭ' ଉପରେ ଆଲୋକପାତ କରିଥିଲେ। କେବଳ ଆଇନର ପରିସର ମଧ୍ୟରେ ସୀମିତ ନ ରହି, ସେ ସଖୀ ୱାନ୍ ଷ୍ଟପ୍ ସେଣ୍ଟର, ଶିଶୁ ଯତ୍ନ ଅନୁଷ୍ଠାନ (ଉଉଓ) ଏବଂ ଶକ୍ତି ସଦନ ଭଳି ଗୁରୁତ୍ୱପୂର୍ଣ୍ଣ ସହାୟତା ବ୍ୟବସ୍ଥା ଉପରେ ଧ୍ୟାନ ଆକର୍ଷଣ କରିବା ସହିତ ଚାଇଲ୍ଡଲାଇନ୍ (୧୦୯୮), ମହିଳା ହେଲ୍ପଲାଇନ୍ (୧୮୧) ଏବଂ ଆଇନଗତ ହେଲ୍ପଲାଇନ୍ (୧୫୧୦୦) ଭଳି ଜରୁରୀକାଳୀନ ସେବାଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏକ ସାଧାରଣ ଶିକ୍ଷଣୀୟ ଆଲୋଚନାଚକ୍ର ଠାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ ଥିବା ଏହି ଯୁଗାନ୍ତକାରୀ ପଦକ୍ଷେପ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ଏକ ଗଭୀର ଆଇନଗତ ସାକ୍ଷରତା ସୃଷ୍ଟି କରିଥିଲା, ଯାହା ଓଡ଼ିଶାର ଯୁବସମାଜକୁ ସମ୍ପ୍ରଦାୟର ସୁରକ୍ଷା, ସହାନୁଭୂତି ଏବଂ ଚିରସ୍ଥାୟୀ ସାମାଜିକ ନ୍ୟାୟର ଜାଗ୍ରତ ରକ୍ଷକ ଭାବରେ ଆଗେଇ ଆସିବାକୁ ଅନୁପ୍ରାଣିତ କରିଥିଲା।

## କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

କେନ୍ଦୁଝର,(ନିପ୍ର): କାଳବୈଶାଖୀ ଯୋଗୁଁ ସ୍ୱାମପାଟଣା ବ୍ଲକ ମୂଷାକ୍ଷୋରି ପଞ୍ଚାୟତ ଅନ୍ତର୍ଗତ ବଡ ଧନୁର୍ଜୟପୁର ଗ୍ରାମ ଓ ଆଖପାଖ ଗ୍ରାମର ଲୋକମାନଙ୍କ ଅନେକ କ୍ଷୟକ୍ଷତି ହୋଇଯାଇଛି । ଗ୍ରାମର ଶିବଚରଣ ମହାନ୍ତଙ୍କ ଘର ଉପରେ ଏକ ବିରାଟ ଲିମ୍ବଗଛ ପଡିଯାଇଛି । ସେହିପରି ବିଜାନାଳି ମାଝୀ ସାହିର ବହୁତ ଲୋକଙ୍କ ଖପର ଓ ଆଜବେଷ୍ଟ ଘର ଉଡେଇନେଇ ଭାଙ୍ଗିରୁଜି ଯାଇଛି । ବିଦ୍ୟୁତ ତାର ଛିଣ୍ଡି ଯିବା ସହିତ ଖୁଣ୍ଟି ଉପୁଡ଼ି ଯାଇଛି । ତେବେ ଅନ୍ୟୁନ ୫୦ରୁ ଅଧିକ ଲୋକଙ୍କ କ୍ଷୟକ୍ଷତି ହୋଇଛି। ଖବରପାଇ ଉକ୍ତ ପଞ୍ଚାୟତର ଲୋକପ୍ରିୟ ସରପଞ୍ଚ ଭାମାମଣି ଦାସ ପ୍ରତ୍ୟେକ ଲୋକଙ୍କ ଘରକୁ ଯାଇ କ୍ଷୟକ୍ଷତି ଉପରେ ପଚାରିବୁଝିଥିଲେ। କିପରି ଲୋକମାନଙ୍କ ସମସ୍ୟା ଦୂରହେବ ସେ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଲୋକଙ୍କ ଦୁଃଖରେ ସମବେଦନା ଜଣାଇବା ସହିତ ସଭିଁଙ୍କୁ ଆଶ୍ୱାସନା ଦେଇଥିଲେ। ସେହି ସମୟରେ ମଧ୍ୟ ସରପଞ୍ଚ ଆଗଭର ହୋଇ, ଲୋକଙ୍କ ପାଖରେ ଛିଡାହୋଇ ସଭିଁଙ୍କର ଦୁଃଖ ବୁଝି ଜିଲା ପ୍ରଶାସନିକ ଅଧିକାରୀ ଓ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଠାରୁ ପ୍ରଶଂସିତ ହୋଇଥିଲେ।

## ମହିଳା ଓ ଶିଶୁ ବିରୋଧୀ ଅପରାଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି(ନିପ୍ର): ଓଡ଼ିଶା ପୋଲିସର ମହିଳା ଓ ଶିଶୁ ବିରୋଧୀ ଅପରାଧ ଶାଖା ଏବଂ ୟୁନିସେଫର ସହଭାଗିତାରେ ଏକ ସଚେତନ କାର୍ଯ୍ୟକ୍ରମ ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପୋଲିସ ମହାନିର୍ଦ୍ଦେଶକ, ମହିଳା ଏବଂ ଶିଶୁ ବିରୋଧୀ ଅପରାଧ ଶାଖା ଭୁବନେଶ୍ୱର କାର୍ଯ୍ୟାଳୟରୁ ଅନଲାଇନ୍ ମାଧ୍ୟମରେ ଶୁଭାରମ୍ଭ କରିଥିଲେ । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମକୁ ରାଜ୍ୟର ବିଭିନ୍ନ ଅଂଶଗ୍ରହଣକାରୀ ପୋଲିସ ଷ୍ଟେସନମାନଙ୍କ ସହିତ ପାରଳାଖେମୁଣ୍ଡି ପୋଲିସ ଷ୍ଟେସନରେ ମଧ୍ୟ ସିଧାସଳଖ ପ୍ରସାରିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁନୀଲ କାନ୍ତ ମହାନ୍ତି ଜିଲ୍ଲା ଆରକ୍ଷି ଅଧୀକ୍ଷକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ଏସଡ଼ିପିଓ ମାଧବାନନ୍ଦ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ , ଶିଶୁ କଲ୍ୟାଣ ପୋଲିସ ଅଧିକାରୀ (ସି ଡାବୁଲ୍ ପି ଓ) କୌତୁକ ସେଠୀ । ଏହା ବ୍ୟତୀତ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାର ପ୍ରତିନିଧି ଏବଂ ଗୋସାଣୀ ଓ କାଶୀନଗର ବ୍ଲକର ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ୧୪ ରୁ ୧୮ ବର୍ଷ ବୟସର କିଶୋର-କିଶୋରୀମାନଙ୍କ ବିରୋଧରେ ହେଉଥିବା ଶିଶୁ ସମ୍ବନ୍ଧୀୟ ଅପରାଧର ଏକ ବଡ଼ ଅଂଶ । ଅନେକ ସମୟରେ ସାମାଜିକ ଅପମାନ ଓ ପାରିବାରିକ ଭୟ କାରଣରୁ ଏହିପରି ଘଟଣାର ଅଭିଯୋଗ ହେଉନଥିବା ବେଳେ ଏହି ସମସ୍ୟାକୁ ଦୂର କରିବା ପାଇଁ ଲଗାତାର ସଚେତନତା ସୃଷ୍ଟି କରାଯାଉଛି ।

## ଏସସିବିରେ ଅଗ୍ନି ନିରାପତ୍ତା ସଚେତନତା ପାଇଁ ମକ ଡ୍ରିଲ

କଟକ(ନିପ୍ର) : ଅଗ୍ନି ନିରାପତ୍ତା ସଚେତନତା ପାଇଁ ଏସସିବି ପରିସରରେ ମକ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଆଜି ଆନାସ୍ଥାଓଲୋଜି ଡିପାର୍ଟମେଣ୍ଟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ ଡାକ୍ତର, ନର୍ସ, ପାରାମେଡିକାଲ ଷ୍ଟାଫ ଅଂଶ ଗ୍ରହଣ କରିଥିଲେ। ଗତକାଲି ଏଣ୍ଡୋକ୍ରୋନୋପୋଲୋଜି ଡିପାର୍ଟମେଣ୍ଟରେ ମଧ୍ୟ ମକ ଡ୍ରିଲ ଅନୁଷ୍ଠିତ ହୋଇଥିଲା। କୌଣସି ଅଘଟଣ ଦେଖାଦେଲେ ତତକ୍ଷଣାତ କିପରି ଅଗ୍ନି ନିରାପତ୍ତା ପାଇଁ କଣ ପଦକ୍ଷେପ ନିଆଯିବ ସେ ନେଇ ଶିକ୍ଷା ଦିଆଯାଇଥିଲା।

# ସୁଲଭ ସହରାଞ୍ଚଳ ଆବାସ କ୍ଷେତ୍ର: ଦେଶରେ ଶୀର୍ଷ ସ୍ଥାନରେ ଓଡ଼ିଶା

ଭୁବନେଶ୍ୱର,(ହି.ସ.): ଓଡ଼ିଶା ପ୍ରଧାନମନ୍ତ୍ରୀ ଆବାସ ଯୋଜନା–ସହରାଂଚଳ (ପିଏମଏୱାଇ-ୟୁ୨.୦)' ଅଧୀନରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପାଦନରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ସେପ୍ଟେମ୍ବର ୨୦୨୪ରେ ପିଏମଏୱାଇ-ୟୁ ୨.୦ ର ଶୁଭାରମ୍ଭ ପରଠାରୁ ସହରାଂଚଳର ହିତାଧିକାରୀଙ୍କୁ ସୁଲଭ ଓ ଗୁଣାତ୍ମକ ବାସଗୃହ ଯୋଗାଇବାରେ ରାଜ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ମାର୍ଚ୍ଚ ୨୦୨୫ ଠାରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବା କ୍ଷେତ୍ରରେ ଓଡ଼ିଶା କ୍ରମାଗତ ଭାବେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରି ଆସୁଛି। ଏହା "ସମସ୍ତଙ୍କ ପାଇଁ ଆବାସ" ସଂକଳ୍ପ ପ୍ରତି ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ଓ କାର୍ଯ୍ୟଦକ୍ଷତାକୁ ପୁନର୍ବାର ପ୍ରମାଣିତ କରିଛି।



ପିଏମଏୱାଇ-ୟୁ ୨.୦ ଅଧୀନରେ ଓଡ଼ିଶାରେ ମୋଟ ୨୪,୬୨୫ଟି ଘର ମଞ୍ଜୁର ହୋଇଥିବାବେଳେ, ସେଥିମଧ୍ୟରୁ ୨୩,୪୬୪ଟି ପ୍ରସ୍ତାବିତ ସ୍ଥାନର ଜିଓ-ଟ୍ୟାଗିଂ କାର୍ଯ୍ୟ ସମାପ୍ତ ହୋଇଛି। ୫ ମେ' ୨୦୨୬ ସୁଦ୍ଧା ୩,୧୩୪ଟି ଘରର ଭିତିପ୍ରସ୍ତର କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ, ୨,୦୦୮ଟି ଘରର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣ ହୋଇସାରିଛି। ଅବଶିଷ୍ଟ ଘରଗୁଡ଼ିକ ବିଭିନ୍ନ ପର୍ଯ୍ୟାୟରେ ନିର୍ମାଣାଧୀନ ରହିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ଲକ୍ଷ୍ୟ ପୂରଣ ହେବ ବୋଲି ରାଜ୍ୟ ସରକାର ଆଶା ପ୍ରକାଶ କରିଛନ୍ତି। ଏହି ସଫଳତା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସକ୍ରିୟ ପଦକ୍ଷେପ, ସହରାଂଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ସହ ଫଳପ୍ରସୂ ସମନ୍ୱୟ ଏବଂ ତୃଣମୂଳ ସ୍ତରରେ ଦ୍ରୁତ କାର୍ଯ୍ୟାନ୍ୱୟନର ସ୍ପଷ୍ଟ ପ୍ରତିଫଳନ। ଗୃହ ନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ଅଧିକାରୀମାନଙ୍କୁ ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ସହ ପିଏମଏୱାଇ-ୟୁ ୨.୦ରେ ଅବଶିଷ୍ଟ ଲକ୍ଷ୍ୟକୁ ସମୟସୀମା ପୂର୍ବରୁ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି। ସେ ଠିକ୍ ସମୟରେ କାର୍ଯ୍ୟ ସମ୍ପାଦନ, ଗୁଣାତ୍ମକ ନିର୍ମାଣ ଏବଂ ସହରାଞ୍ଚଳର ଯୋଗ୍ୟ ଗରିବ ପରିବାରଙ୍କୁ ଶୀଘ୍ର ସୁବିଧା ପ୍ରଦାନ ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି।

## ଉମରକୋଟରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ସମାବେଶ : ସାମିଲ ହେଲେ ମନ୍ତ୍ରୀ

ଭୁବନେଶ୍ୱର,(ହି.ସ.): ଉମରକୋଟ ନିର୍ବାଚନ ମଣ୍ଡଳୀ ବେହେଡା ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ହୋଇଥିବା 'ଜନ ଆକ୍ରୋଶ ମହିଳା ପଦଯାତ୍ରା' ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦନ ଗଣ୍ଡ ଯୋଗ ଦେଇଥିଲେ।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ମନ୍ତ୍ରୀ ଶ୍ରୀ ଗଣ୍ଡ ଲେଖିଛନ୍ତି ଉମରକୋଟ ନିର୍ବାଚନ ମଣ୍ଡଳୀ ବେହେଡା ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ହୋଇଥିବା 'ଜନ ଆକ୍ରୋଶ ମହିଳା ପଦଯାତ୍ରା' ସମାବେଶରେ ସାମିଲ ହେଲି। ଏହି ସମାବେଶରେ ଶତାଧିକ ମହିଳା ଏକାଠି ହେବା ସହିତ ମହିଳାଙ୍କ ପ୍ରତି ବିରୋଧୀ ଦଳ ମାନେ କରିଥିବା ଅନ୍ୟାୟ ବିରୁଦ୍ଧରେ ଆକ୍ରୋଶ ମୂଳକ ସ୍ୱର ଉଠାଇଛନ୍ତି। ଏହି ଶୋଭାଯାତ୍ରାରେ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରିବା ସହ ନାରୀ ଶକ୍ତିଙ୍କ ଅଧିକାର ଛଡ଼ାଇନେଇଥିବା ବିରୋଧୀ କଂଗ୍ରେସ ଓ ଅନ୍ୟ ଦଳମାନଙ୍କ ବିରୋଧରେ ମହିଳାମାନେ ଏକାଠି ହୋଇ ସ୍ୱର ଉଠାଇଥିଲେ।

## ବିପିଏଲ ହିତାଧିକାରୀଙ୍କୁ ବିଦ୍ୟୁତ୍ ସଂଯୋଗୀକରଣ ଦାବି

ବଲାଙ୍ଗିର, (ହି.ସ.): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଆଗଲପୁର ବ୍ଲକର କୁଟାସିଂହା ନୂଆପଡ଼ାର ୭ଟି ଘରକୁ ବିଗତ ୫ ବର୍ଷ ହେବ ବିପିଏଲ୍ ହିତାଧିକାରୀମାନଙ୍କ ପାଇଁ ବିଦ୍ୟୁତ୍ ସଂଯୋଗୀକରଣ ପାଇଁ ୱେରିଂ ହୋଇଛି, ମିଟର ବସିଛି କିନ୍ତୁ ବିଭାଗୀୟ ଅଧିକାରୀଙ୍କ ତରଫରୁ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗୀକରଣ କରାଯାଇନାହିଁ। ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସଂଯୋଗୀକରଣ କରିବା ପାଇଁ ପ୍ରତିଶ୍ରୁତି ଦେଉଛନ୍ତି କିନ୍ତୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରି ନଥିବା ବିପିଏଲ ହିତାଧିକାରୀ ଦଶରଥ ପଧାନ, ଅନନ୍ତ ପଧାନ, କାର୍ତ୍ତିକ ପଧାନ, ରଶ୍ମିତା ପଧାନ, ପ୍ରତାପ ମୁଦୁଲି, ପରମାନନ୍ଦ ପଧାନ ଅଭିଯୋଗ କରିଛନ୍ତି। ତେଣୁ ଟି ପି ଡବ୍ଲୁ ଓ ଡି ଏଲ ତାରଫରୁ ଶୀଘ୍ର ବିଦ୍ୟୁତ୍ ସଂଯୋଗୀକରଣ କରିବାକୁ ଦାବି ହେଉଛି ।

# 'ନିଃସ୍ୱାର୍ଥପର କାର୍ଯ୍ୟ ହିଁ ସେବା'

କେନ୍ଦୁଝର/ପାରାଖେମୁଣ୍ଡି,(ନିପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟରେ ବିଶ୍ୱ ରେଡକ୍ରସ୍ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଆଇଡିପି ଗୃହ ଠାରେ ଅନୁଷ୍ଠିତ ସଭାକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ଉଦ୍‌ଘାଟନ କରି ତାଙ୍କ ଅଭିଭାଷଣରେ କହିଥିଲେ ଯେ ମାନବିକତା ହେଉଛି ଏକତାର ମନ୍ତ୍ର ଆଉ ନିଃସ୍ୱାର୍ଥ ପର କାର୍ଯ୍ୟ ହିଁ ସେବା। ସେବା, ଦାୟିତ୍ୱ ଓ କର୍ତ୍ତବ୍ୟ ସମାଜ ପାଇଁ ନିରନ୍ତର ରହିଲେ ଆମେ ମାନବବାଦର ଏକ ଶୃଙ୍ଖଳିତ ସମାଜ ଗଠନ କରିପାରିବା। ଏହି ସଭାରେ ଉପସ୍ଥିତ ଥିଲେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡକ୍ଟର ପ୍ରଭୁ ପ୍ରସାଦ ଦାସ, ବିଶ୍ୱବିଦ୍ୟାଳୟର କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ସମାଜ ସେବୀ ଧରିତ୍ରୀ ରାଉତ, ଜିଲ୍ଲା ଆପାତକାଳୀନ ଅଧିକାରୀ ଅଭିଳାଷ ପୁରୋହିତ ଓ ଜିଲ୍ଲା ରେଡକ୍ରସ ଯୁଗ୍ମ ସମ୍ପାଦକ ଏ ଆର୍ ଖାନ୍ ।

ସେହିପରି ଗଜପତି ଜିଲ୍ଲା ମୁଖ୍ୟାଳୟ ପାରଳାଖେମୁଣ୍ଡି ରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଶ୍ୱ ରେଡ କ୍ରସ୍ ଦିବସ ପାଳିତ ହୋଇଥିଲା। ମାନବବାଦି ସମାଜସେବକ ଜନ୍ ହେନେରୀ ଡ୍ୟୁରାଣ୍ଟଙ୍କ ସମ୍ମାନରେ ତାଙ୍କ ଜନ୍ମଦିବସରେ ପ୍ରତି ବର୍ଷ ମଇ ଆଠ ତାରିଖରେ ବିଶ୍ୱ ରେଡ କ୍ରସ୍ ଦିବସ ପାଳନ କରାଯାଇଥାଏ। ଏହି ଅବସରରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନ୍ନାଗା ମହୋଦୟ ରେଡ କ୍ରସ୍ ସଂଗଠନର ମହତ୍ତ୍ୱ ଓ ସମାଜର ପୁନରୁଦ୍ଧାରରେ ତା'ର ଭୂମିକା ବିଷୟରେ ସୁନ୍ଦର ଅଭିଭାଷଣ ପ୍ରସ୍ତୁତ କରି କହିଥିଲେ 'ଆଜିର ଏହି ଯୁଦ୍ଧ ବିଭୀଷିକା ଦୁନିଆ ମଧ୍ୟରେ ରେଡ୍ କ୍ରସ ଶତ୍ରୁ-ମିତ୍ରର ଭେଦଭାବରୁ ଉର୍ଦ୍ଧ୍ୱକୁ ଯାଇ ମାନବ କଲ୍ୟାଣ ନିମନ୍ତେ ନିଃସ୍ୱାର୍ଥପର ଭାବରେ କାର୍ଯ୍ୟରତ ।' ସମ୍ମାନିତ ଅତିଥି ଭାବରେ ଉପଖଣ୍ଡ ପୋଲିସ ଅଧିକାରୀ ପାରଳାଖେମୁଣ୍ଡି ମାଧବାନନ୍ଦ ନାୟକ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ ମଞ୍ଚାସୀନ ହୋଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। ସଭା ପରିଚାଳନା ଦାୟୀତ୍ୱରେ ଡେପ୍ୟୁଟି କଲେକ୍ଟର ଏମର୍ଜେନ୍ସୀ ବିନାୟକ ଚନ୍ଦ୍ର ରାଉଳ ରହି ଜିଲ୍ଲା ରେଡ କ୍ରସ୍ ବିଷୟ ରେ ଅନେକ ତଥ୍ୟ ପ୍ରଦାନ କରିଥିଲେ । ବିଗତ ବର୍ଷରେ ଜିଲ୍ଲାରୁ ମୋଟ ୨୬,୫୩,୮୩୦ ଟଙ୍କା ରେଡ କ୍ରସ୍ ପାଣ୍ଠି ପାଇଁ ସଂଗୃହିତ ହୋଇଥିଲା । ଏହି ପାଣ୍ଠିକୁ ସର୍ବାଧିକ ୧୬,୬୩,୮୫୦ ଟଙ୍କାର ଅନୁଦାନ କରିଥିବାରୁ ଆର୍ ଟି ଓ ବିଭାଗକୁ ପୁରସ୍କୃତ କରାଯାଇଥିଲା । ସର୍ବାଧିକ ରକ୍ତ ଦାନ ପାଇଁ ସରକାରୀ ଏସ ଏସ ଡି ଉଚ୍ଚବିଦ୍ୟାଳୟ ମୋହନା କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଗତ ଅପ୍ରେଲ ମାସ ଓଡ଼ିଆ ପକ୍ଷରେ ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ସମସ୍ତଙ୍କୁ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

ଉକ୍ତ ବୈଠକରେ ଜିଲ୍ଲାଧିକାରୀଗଣ, ଜିଲ୍ଲାର ସମାଜସେବୀ ଓ ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି କାର୍ଯକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଧାୟକଙ୍କ ନିର୍ଦ୍ଦେଶ

ଭଦ୍ରକ,(ନିପ୍ର): ଭଦ୍ରକଜିଲ୍ଲାରଉନ୍ନୟନମୂଳକ ଓ ଯୋଜନାଭିତ୍ତିକ କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ଭଦ୍ରକ ବିଧାନସଭା ଉନ୍ନୟନ କମିଟି ବୈଠକ ଏବଂ ଜିଲ୍ଲା ଯୋଜନା ସମିତି ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସଭା ଭଦ୍ରକର ନୂତନ ପ୍ରଦକ୍ଷଣ ଗୃହର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ , ଭଦ୍ରକ ତଥା ଜିଲ୍ଲା ଯୋଜନା ସମିତିର ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ସଭାରେ ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମାକି ହବିବ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ପ୍ରହ୍ଲାଦ ରଣା, ଜିଲ୍ଲା ଯୋଜନା ଓ ପ୍ରଯ୍ୟାଲୋଚନା କାର୍ଯ୍ୟାଳୟ ,ଭଦ୍ରକର ଅର୍ଥନୀତି ବିଶେଷଜ୍ଞ ଡଃ ଭଗବାନ ବାରିକ, ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ମଳୟ ଜେନା ଏବଂ ଅତିରିକ୍ତ ଏସ୍.ପି. ବିଶ୍ୱପତି ପଣ୍ଡା ,ଭଦ୍ରକ ଉପସ୍ଥିତ ଥିଲେ ।ସଭାରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଚାଲୁଥିବା ସରକାରୀ ଯୋଜନାର ଅଗ୍ରଗତି, ସାଧାରଣ ଲୋକଙ୍କ ସୁବିଧା ସହ ପ୍ରଶାସନିକ ସମନ୍ୱୟ ଉପରେ ବିସ୍ତୃତ ସମୀକ୍ଷା ଓ ଆଲୋଚନା କରାଯାଇଥିଲା । ଉନ୍ନୟନମୂଳକ କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ସହ ଲୋକମୁଖୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

ବିଧାୟକ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଯଥା ସିଡିଏମ୍‌ଓ, ଏନ୍‌ଏଚ୍‌ଏଆଇ ବିଭାଗ, ଆରଆଣ୍ଡ ବି ବିଭାଗ, ଆରଡି ବିଭାଗ, ପୋଲିସ ବିଭାଗ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀମାନଙ୍କୁ ନେଇ ଜିଲ୍ଲାର ବିକାଶମୂଳକ ଯୋଜନା ଓ ବାକି ରହିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ । ବିଶେଷକରି ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟଗୁଡ଼ିକୁ ନେଇ ସେ ଗଭୀର ଚିନ୍ତା ପ୍ରକାଶ କରିବା ସହ ସମସ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସମାପ୍ତ କରିବାକୁ କଡା ନିର୍ଦ୍ଦେଶ ଦେଇଥିଲେ।

## ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ଶିବିର ଉଦ୍‌ଯାପିତ

ଚାରିଛକ,(ନିପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପ୍ରାୟୋଜିତ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସହଯୋଗରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ଶିବିରର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୋଗଦେଥିଲେ । ସଂମ୍ମାନୀତ ଅତିଥି ରୂପେ ପୁରୀ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡ଼ଃ ଗୋଲକ ବିହାରୀ ପଲେଇ ଏବଂ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଡ଼ଃ ଯୋଗମାୟା ପଣ୍ଡା ଯୋଗଦେଇଥିଲେ । ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରିଣୀ ଶ୍ରୀମତୀ କାନନବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂସ୍କୃତ ବିଭାଗ ଅଧ୍ୟାପକ ଶ୍ରୀମାନ ଜୀବନ ଦାଶ ଉଦଯାପନୀ ସମାରୋହ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ତିନି ଦିନ ଧରି ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ଦୁଇ ଶହ ସ୍ୱେଚ୍ଛାସେବୀ ମହାବିଦ୍ୟାଳୟ ପରିସରରେ ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ଶିବିରରେ ପ୍ରଶିକ୍ଷଣ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଶିକ୍ଷକ ଭିକାରି ଚରଣ ସାହୁ, ନୃସିଂହ ମହାପାତ୍ରଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଯୋଗଦେଇଥିଲେ ।

## ବୁଗୁଡ଼ା ଏନଏସିରେ ଗୃହ ଗଣନା ଓ ତାଲିକା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ବୁଗୁଡ଼ା,(ନିପ୍ର): ୨୦୨୭ ଜନଗଣନା କ୍ରମରେ ଏପ୍ରିଲ ୧୬ ତାରିଖରୁ ସାରା ଦେଶ ସମେତ ଗଞ୍ଜାମ ଜିଲ୍ଲାରେ ଗୃହ ଗଣନା ଓ ଗୃହ ତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଗଣନା ଏପ୍ରିଲ ୧୬ରୁ ଆରମ୍ଭ ହୋଇ ମଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧ ରୁ ୧୫ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ସ୍ୱ-ଗଣନା ଅବଧି ରହିଥିଲା ଏବଂ ଏବେ ଦ୍ୱିତୀୟ ପର୍ଯ୍ୟାୟରେ କ୍ଷେତ୍ରୀୟ ସ୍ତରରେ ଗୃହ ଗଣନା କରାଯାଉଛି ।ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି । ଗଣନା ପାଇଁ ଆସୁଥିବା କର୍ମଚାରୀଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଉଛି । ଏହି ପର୍ଯ୍ୟାୟରେ ଲୋକମାନଙ୍କୁ ମୋଟ୍ ୩୩ଟି ପ୍ରଶ୍ନ ପଚରାଯାଉଛି । ଏଥିରେ ଘରର ଅବସ୍ଥା, ଗୃହର ମାଲିକାନା, ପରିବାରରେ ରହୁଥିବା ସଦସ୍ୟଙ୍କ ସଂଖ୍ୟା, ପାଣି ଓ ବିଦ୍ୟୁତ ସୁବିଧା, ଶୌଚାଳୟ ,ଇଣ୍ଟରନେଟ୍ ସୁବିଧା, ଯାନବାହନ, ମୋବାଇଲ୍ ଓ ଅନ୍ୟାନ୍ୟ ସୁବିଧା ସମ୍ବନ୍ଧୀୟ ୩୩ଟି ପ୍ରଶ୍ନ ଆଧାରରେ ତଥ୍ୟ ସଂଗ୍ରହ ହେଉଛି । ଏହି ଜନଗଣନା ଏବଂ ଗୃହଗଣନା ତଥ୍ୟ ଆଧାରରେ ହିଁ ସରକାର ଆଗାମୀ ଦିନରେ ଲୋକହିତକର ଏବଂ ବିକାଶମୂଳକ ଯୋଜନାର ରୂପରେଖ ପ୍ରସ୍ତୁତ କରିବେ ବୋଲି ଜଣାଯାଇଛି । ଏ ପରିପ୍ରେକ୍ଷୀରେ ବୁଗୁଡା ଏନ୍‌ଏସିର ୧୩ଟି ୱାର୍ଡ ପାଇଁ ୬ ଜଣ ସୁପରଭାଇଜରଙ୍କ ସମେତ ୩୩ ଜଣ ଜନଗଣନାକାରୀ ନିୟୋଜିତ ରହିଛନ୍ତି।

## ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନର ଜିଲ୍ଲାସ୍ତରୀୟ ବୈଠକ



ନୟାଗଡ (ନିପ୍ର): ଭାରତୀୟ ଷ୍ଟେଟ ବ୍ୟାଙ୍କ ନୟାଗଡ ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନ ୨୦୨୫-୨୬ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟ ମାସିକ ଜିଲ୍ଲା ସ୍ତରୀୟ ଉପଦେଷ୍ଟା କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ଆରସେଟିର ନିର୍ଦ୍ଦେଶିକା ସୁଶ୍ରୀ ବ୍ରତତୀ ନାୟକଙ୍କ ସମେତ ଦକ୍ଷତା ବିକାଶ ଅଧିକାରୀ , ଜିଲ୍ଲା ଶିଳ୍ପ ଅଧିକାରୀ ,ଉଦ୍ୟାନ ବିଭାଗ ଅଧିକାରୀ,ଓରମାସର ଅଧ୍ୟକ୍ଷ, ସିଡିଭିଓ, ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ୨୦୨୫-୨୬ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସିକ ସମୟ ମଧ୍ୟରେ ମୋଟ ୨୨୭ଜଣଙ୍କୁ ବିଭିନ୍ନ ଦକ୍ଷତା ଭିତ୍ତିକ ତାଲିମ ପ୍ରଦାନ କରାଯାଇଥିଲା।

## ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ପାଣ୍ଠି ବୃଦ୍ଧି ଓ ଏହାର ସଦୁପଯୋଗ ଉପରେ ଗୁରୁତ୍ୱ

କଟକ(ନିପ୍ର): ଭାରତୀୟ ରେଡକ୍ରସ ସୋସାଇଟି, କଟକ ଶାଖା ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ବିଶ୍ୱ ରେଡକ୍ରସ ଦିବସ ଏବଂ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁଇଜରଲାଣ୍ଡର ଖ୍ୟାତାନମା ଚିକିତ୍ସକ ତଥା ରେଡକ୍ରସର ପ୍ରତିଷ୍ଠାତା ସାର ଜନ ହେନେରୀ ଡୂନାଣ୍ଟଙ୍କ ଜନ୍ମଦିବସରେ ପ୍ରତ୍ୟେକ ବର୍ଷ ବିଶ୍ୱ ରେଡକ୍ରସ ଦିବସ ପାଳନ କରାଯାଉଛି। ଆଜିର ଏହି ଦିବସ ପାଳନ ଅବସରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡକ୍ରସର ଭୂମିକା ସମ୍ବନ୍ଧରେ ସୂଚନା ପ୍ରଦାନ କରି କହିଲେ ଯେ, ଏହି ଆଦର୍ଶ ବ୍ୟବସ୍ଥାରେ ଅତି କମ ସମୟରେ ଅଭାବି ଲୋକଙ୍କୁ ଚିକିତ୍ସା ଆଦି ଆବଶ୍ୟକତା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ । ଅନେକ ସମୟରେ ଲୋକଙ୍କ ପାଇଁ ଏହି ସହାୟତା ଜୀବନ ରକ୍ଷକ ପ୍ରମାଣିତ ହୋଇଥାଏ । ତେଣୁ ରେଡକ୍ରସ ପାଣ୍ଠି ବୃଦ୍ଧି କରିବା ଆମ ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ ।

# ବିଭିନ୍ନ ଥାନା ପରିସରରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ

କାଶୀନଗର: କାଶୀନଗର ଥାନା ପରିସରରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଜପତି ଡ଼ି ଏସ ପି ନିରଞ୍ଜନ ବେହେରା ଓ ସମାଜସେବୀ ହୃଷିକେଶ ଗୌଡ଼ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଉଦେଶ୍ୟ ହେଉଛି ଜୁଭେଣ୍ଟିକା କାର୍ଯ୍ୟକ୍ରମ ୟୁନିସେଫ୍ ସହଯୋଗରେ ଓଡ଼ିଶା ପୋଲିସର ଏକ ପ୍ରମୁଖ ପଦକ୍ଷେପ ଯାହା ୨୦୨୬ ମାର୍ଚ୍ଚରେ ପିଲାମାନଙ୍କ ଡିଜିଟାଲ୍ ଅଧିକାର, ଆତ୍ମ ସୁରକ୍ଷା ଏବଂ ଅନଲାଇନ୍ ସୁରକ୍ଷା ଉପରେ ଧ୍ୟାନ ଦେବା ପାଇଁ ଆରମ୍ଭ ହୋଇଥିଲାଏବଂ ଏହା କିଶୋରମାନଙ୍କ ପାଇଁ ସାଇବର ବିପଦକୁ ସମାଧାନ କରିବା ପାଇଁ ଆଇନ ପ୍ରବର୍ତ୍ତନକାରୀ, ଶିକ୍ଷକ ଏବଂ ପିତାମାତାଙ୍କୁ ଏକତ୍ରିତ କରି ଏକ 'କନଚକ୍ଲବ୍' ଭାବରେ କାର୍ଯ୍ୟ କରି ସେମାନଙ୍କୁ ସଚେତନ କରିବା ହେଉଛି ଏହି କାର୍ଯ୍ୟକ୍ରମ ପାଳନର ଉଦେଶ୍ୟ ବୋଲି ଥାନା ଅଧିକାରୀ ଶ୍ରୀ ସେଠୀ କହିଥିଲେ.। ଏହି କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଅଙ୍ଗନବାଡି ମହିଳାମାନେ ଉପସ୍ଥିତ ଥିଲେ।



କାକଟପୁର : ଓଡ଼ିଶା ପୋଲିସ ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ କାକଟପୁର ଥାନା ପକ୍ଷରୁ କିଶୋର କିଶୋରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଆଉଟ୍ରିଚ୍ ପ୍ରୋଗ୍ରାମ 'ଜୁଭେଣ୍ଟିକା' ଅନୁଷ୍ଠିତ ହୋଇଯାଇଛି। କ୍ରାଇମ ଏଗେନଷ୍ଟ ଓମେନ ଏଣ୍ଡ ଚିଲଡ୍ରେନ ୱିଙ୍ଗ (ସି ଆଇ ଡି ସିବି ) ର ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଶିଶୁ ଏବଂ ମହିଳାମାନଙ୍କ ସୁରକ୍ଷା ତଥା ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମ ସହିତ ରାସ୍ତା ସୁରକ୍ଷାକୁ ଗୁରୁତ୍ୱ ଦେଇ କାକଟପୁର ପୋଲିସ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଥିଲା। ଥାନା ଅଧିକାରୀ ବସନ୍ତ ସାହୁଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଓ ସ୍କୁଲ ଛାତ୍ରୀ ମାନଙ୍କୁ ନେଇ ହେଲମେଟ ଓ ସିଟ ବେଲ୍ଟ ପିନ୍ଧି ବାଇକ୍ ଓ କାର ଚଲାଉଥିବା ସଚେତନ ଚାଳକମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିବା ସହ ଧନ୍ୟବାଦ ଜଣାଇଥିଲେ। ନିଜ ଜୀବନର ସୁରକ୍ଷା ପାଇଁ ଟ୍ରାଫିକ ନିୟମ ପାଳନ କରିବାକୁ ଏହି ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା।

ଧାମନଗର: ଓଡ଼ିଶା ପୋଲିସ ପକ୍ଷରୁ କିଶୋରୀ ବାଳିକାମାନଙ୍କ ସୁରକ୍ଷା ଏବଂ ସେମାନଙ୍କୁ ସାମାଜିକ ବିଭ୍ରାଟରୁ ଦୂରେଇ ରଖିବା ପାଇଁ ଆରମ୍ଭ ହୋଇଥିବା ଅଭିନବ ପ୍ରୟାସ 'ଜୁଭେଣ୍ଟିକା' ଏକ ସଚେତନତା ଶିବିର ସ୍ଥାନୀୟ ଧୂଷୁରୀ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। କିଶୋରୀ ବାଳିକାମାନେ କିପରି ସମାଜରେ ନିଜକୁ ସୁରକ୍ଷିତ ରଖିପାରିବେ ଏବଂ କୌଣସି ପ୍ରକାରର ପ୍ରଲୋଭନ ବା ଖରାପ ମାର୍ଗକୁ ନ ଯିବେ, ସେ ନେଇ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ମୁଖ୍ୟ ଭୂମିକା ଗ୍ରହଣ କରି ବାଳିକାମାନଙ୍କୁ ସମ୍ବୋଧିତ କରିଥିଲେ। ସେ କହିଥିଲେ ଯେ, ଆଜିର ସମୟରେ କିଶୋରୀମାନେ ଅନେକ ସମୟରେ ଅଜାଣତରେ ସୋସିଆଲ ମିଡିଆ ବା ଅନ୍ୟାନ୍ୟ କାରଣରୁ ଭୁଲ ବାଟକୁ ଚାଲିଯାଉଛନ୍ତି। ଏଥିରୁ ବର୍ତ୍ତିବା ପାଇଁ ସଚେତନତା ହିଁ ଏକମାତ୍ର ମାଧ୍ୟମ। ସେହିପରି ଏସ.ଆଇ ବାସୁଦେବ ଓରାମ, ସୁଜାତା ସାହୁ, ତ୍ରିନାଥ ଭୋଇ, ବୈଷ୍ଣବ ତ୍ରିପାଠୀଙ୍କ ସମେତ ଅଙ୍ଗନବାଡି କର୍ମୀ ମଧ୍ୟ ଉପସ୍ଥିତ ରହି ବାଳିକାମାନଙ୍କୁ ଆଇନଗତ ସୁରକ୍ଷା ଏବଂ ପୋଲିସର ସହାୟତା ନେବା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

ବୁଗୁଡ଼ା,: ରାଜ୍ୟବ୍ୟାପୀ ଚାଇଲ୍ଡ ଫ୍ରେଣ୍ଡଲି ଥାନା ଗଠନ ନିମନ୍ତେ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କିଶୋରୀ ବାଳିକାଙ୍କୁ ନେଇ ଜୁଭେନ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପେକ୍ଷିରେ ଥାନା ପରିସରରେ ପୋଲିସ ପକ୍ଷରୁ ଜୁଭେନ୍ଟିକା କାର୍ଯ୍ୟକ୍ରମ ଜରିଆରେ କିଶୋରୀ ଅବସ୍ଥାରେ ହେଉଥିବା ବିଭିନ୍ନ ଅପରାଧରୁ ବର୍ତ୍ତିବା ସହ ସାଇବର ଠକାମୀରୁ ନିବୃତ ରହିବା ଲାଗି ସଚେତନତା ସୃଷ୍ଟି କରାଯାଇଛି। ବୁଗୁଡ଼ା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୁଗୁଡ଼ା ଓ ଆଖପାଖ ଅଞ୍ଚଳର ୨୫ ରୁ ଉର୍ଦ୍ଧ୍ୱ କିଶୋରୀ ବାଳିକା ଓ ଅଙ୍ଗନବାଡ଼ୀ କର୍ମୀ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଏଲଇଡି ଜରିଆରେ ପୋଲିସ ମହାନିର୍ଦ୍ଦେଶକ, ଉପ ନିର୍ଦ୍ଦେଶକ ଭିଡିଓ ବାର୍ତ୍ତା ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ।

ହିଞ୍ଜିଳିକାଟୁ,: ଓଡ଼ିଶା ପୁଲିସ୍ ସଂଗଠନ ଓ ୟୁନିସେଫ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ହିଞ୍ଜିଳି ଥାନା ପରିସରରେ ଜୁଭେଣ୍ଟିକା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କିଶୋର ବାଳକ,ବାଳିକା ଓ ମହିଳାଙ୍କ ଉପରେ ଅପରାଧ ନିୟନ୍ତ୍ରଣ କରିବା ଦିଗରେ ପୁଲିସ ତଦନ୍ତ ବିଭାଗ ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପୁଲିସ ମହାନିର୍ଦ୍ଦେଶକ ଡଃ ଯୋଗେଶ ବାହାଦୁର ଖୁରାନିଆ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ସମନ୍ୱୟ ଶିଶୁ ବିକାଶ ବିଭାଗର ସୁପର ଭାଇଜର, ଶିଶୁ ଓ ମହିଳା ସୁରକ୍ଷା ୟୁନିଟ ସଦସ୍ୟା ଏଏସଆଇ ଜ୍ୟୋତ୍ସ୍ନା ସାହୁ ଓ ଏସଆଇ ଧରିତ୍ରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାମ୍ପ୍ରତିକ ପରିସ୍ଥିତିରେ ସମାଜରେ ଦୃଶ୍ୟମାନ ଓ ସଂଗଠିତ ସାଇବର ଅପରାଧ ନିୟନ୍ତ୍ରଣ କରିବାରେ ପୁଲିସର ପ୍ରମୁଖ ଭୂମିକା ରହିଛି। ଏଭଳି ସ୍ଥିତିରେ କିଶୋର ବାଳକ, ବାଳିକା ଓ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର, ନିର୍ଯାତନାକୁ ପ୍ରତିହତ କରିବା ସହ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ପାଇଁ ଜୁଭେଣ୍ଟିକା ସଚେତନତା କାର୍ଯ୍ୟକ୍ରମ ଅପରିହାର୍ଯ୍ୟ।



ତିଥି :(ସପ୍ତମୀ): (ଶ୍ରବଣା ମକର)
ଅମୃତ ବେଳା: ଦିବା ଘ ୯।୧୮ ଗତେ ଘ ୧୨।୩୦ ମଧ୍ୟେ

## ଆଜିର ଅନୁଚିନ୍ତନ

ନିଜକୁ ସର୍ବଦା ପରମାତ୍ମାଙ୍କ ଠାରେ ସଂଯୁକ୍ତ କରିଥିବା ପାପରହିତ ଯୋଗୀ ସହଜରେ ବ୍ରହ୍ମପ୍ରାପ୍ତିରୂପକ ଆତ୍ୟନ୍ତିକ ସୁଖ ଅନୁଭବ କରେ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ପଦକ୍ଷେପ କାହିଁ ?

ଯେ ପର୍ଯ୍ୟନ୍ତ ବ୍ୟକ୍ତିଠାରେ ମାନବୀୟ ସମ୍ବେଦନା, ବିଚାର ଓ ବିବେକବୋଧ ରହିଛି, ସେ ପର୍ଯ୍ୟନ୍ତ କୌଣସି ଅପରାଧ ଘଟେନାହିଁ। ମାତ୍ର ଏସବୁକୁ ଯେବେ ହେୟ ମନେ କରାଯାଏ ଓ ଭୟଙ୍କର କ୍ରୋଧ ଚରମ ରୂପ ନିଏ ସେତେବେଳେ ହତ୍ୟାକାଣ୍ଡ ଭଳି ଅପରାଧ ଘଟେ। ସେତେବେଳେ ଆଇନକୁ ହାତକୁ ନେଇଥାଏ ଅପରାଧୀ। ନିକଟ ଅତୀତରେ ଗଂଜାମ ହିଞ୍ଜିଳି ଅଞ୍ଚଳରେ ଜଣେ ଗର୍ଭବତୀଙ୍କୁ ତାଙ୍କ ଛୋଟ ଝିଅ ସମ୍ମୁଖରେ ଟାଙ୍ଗିଆରେ ହାଣି ହତ୍ୟା ହେଉ ଅବା ପୁରୀ ଜିଲ୍ଲା କଣାସ ଅଞ୍ଚଳରେ ଜଣଙ୍କୁ ଅପରାଧୀମାନେ ପନିକିରେ ହାଣି ତାହା ଉପରେ ବାଇକ୍ ଚଢାଇବା ଘଟଣା ହେଉ କିମ୍ବା ସଦ୍ୟ ରାଜଧାନୀ ଉପକଣ୍ଠ ବାଲିଅନ୍ତା ଅଞ୍ଚଳରେ ଜଣେ ଯୁବକଙ୍କୁ ସର୍ବସମ୍ମୁଖରେ ନିସ୍ତୁକ ପିଟାଯିବା ପରେ ପଶୁ ଭଳି ହାତଗୋଡ଼ ଠେଙ୍ଗାରେ ବାନ୍ଧି ଝୁଲାଇ ଭିଡ଼ତନ୍ତ୍ର ଜରିଆରେ ହତ୍ୟା କରିବା କି ପ୍ରକାର ସାମାଜିକ ବିସଙ୍ଗତି ସୂଚାଏ ତାହା ଉଲ୍ଲେଖ କରିବା ନିଷ୍ପ୍ରୟୋଜନ।

କୌଣସି ବିବାଦ ଉପୁଜିଲେ ବୁଝାମଣା ହେଉ କି ସ୍ଥିତି ଗୁରୁତର ଥିଲେ ତାହାକୁ ପୋଲିସକୁ ହସ୍ତାନ୍ତର କରିବା, ଅଧିକନ୍ତୁ ଆଇନଶୃଙ୍ଖଳା ବ୍ୟବସ୍ଥା ସହ ଯୋଗାଯୋଗ ରକ୍ଷା ଏସବୁ ଆଜିକାଲି ଏକ ପ୍ରକାର ବିରଳ ହୋଇଗଲାଣି। ସଦ୍ୟ ଘଟଣା ପରିପ୍ରେକ୍ଷୀରେ ମୃତ ଯୁବକ ଜଣଙ୍କ ଜଣେ ଜିଆର୍‌ପି(ସରକାରୀ ରେଳବାଇ କନଷ୍ଟେବଲ) ଥିଲେ। କେଉଁ ପରିସ୍ଥିତିରେ ଏଭଳି ଭିଡ଼ତନ୍ତ୍ରଜନିତ ହତ୍ୟା ଘଟିଲା, ତାହା ସ୍ପଷ୍ଟ ରୂପ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ତେବେ କୁହାଯାଉଛି ଯେ ମୃତକ ଜଣକ ଫିଟ୍‌ସ ବା ଅପସ୍ମାରରେ ପୀଡ଼ିତ ଥିଲେ। ଜଣେ ସାଙ୍ଗ ସହ ନିଜ ବାଇକ୍ ଚଳାଇ ମେଡିସିନ ଦୋକାନକୁ ଇଞ୍ଜେକସନ୍ ପାଇଁ ଯାଉଥିବାବେଳେ ରୋଗ ଆକ୍ରମଣ କାରଣରୁ ବାଇକ୍ ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ଦୁଇ ଯୁବତୀ ଯାଉଥିବା ସ୍କୁଟି ସହ ବାଇକର ଧକ୍କା ହୋଇଥିଲା। କୁହାଯାଉଛି ଯୁବତୀଙ୍କୁ ମୃତକ ଜଣକ କୁଆଡ଼େ ଅସଦାଚରଣ ଉଦ୍ୟମ କରିଥିଲେ। ପୁଣି କୁହାଯାଉଛି ସଂପୃକ୍ତ ଯୁବକଙ୍କ ବିରୋଧରେ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଥିଲା। ମାତ୍ର ଯାହା ବିବାଦ ଘଟିଲା ତାହାକୁ ବୁଝାମଣା ଜରିଆରେ ତୁଟାଇ ଦିଆଯାଇପାରିଥାଆନ୍ତା। ମାତ୍ର ଯେଉଁ ଅଭାବନୀୟ ଘଟଣା ଘଟିଲା ତାହା ସଦ୍ୟ ଅତୀତରେ କଙ୍କାଳ ବୁହା ଘଟଣା ପରବର୍ତ୍ତୀ ଆଉ ଏକ କଳଙ୍କ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାଦ୍ୱାରା ଓଡ଼ିଶାର ଛବି ସର୍ବତ୍ର ମଳିନ ହେବାରେ ଲାଗିଛି। ଯାହା ଉଦ୍‌ବେଜନକ। ଅବଶ୍ୟ ଏହି ଘଟଣାର ତଦନ୍ତ ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ।

କିନ୍ତୁ ପ୍ରଶ୍ନ ଉଠୁଛି ଏପରି ଅଭାବନୀୟ ଅପରାଧ ଅବା ହତ୍ୟାକାଣ୍ଡ ଘଟିବା ସଂପର୍କରେ ସେ ନେଇ ସୁରାକ, ଅପରାଧ ପୂର୍ବରୁ ହେଉ କି ଅପରାଧ ଘଟିବାର କିଛି ସମୟ ମଧ୍ୟରେ ସୂଚନା ପୋଲିସ ନିକଟରେ କିପରି ପହଞ୍ଚିପାରୁନାହିଁ ? ଏହା ଦର୍ଶାଉଛି କି ପୋଲିସ ସହ ଜନସାଧାରଣଙ୍କ ସଂପର୍କ ତଥା ବିଶ୍ୱାସରେ ଭଟ୍ଟା ପଡ଼ିଯାଇଛି ? ପୋଲିସ ସହ ତତ୍‌କାଳ ଯୋଗାଯୋଗ ନେଇ କାହିଁକି ଜନସାଧାରଣରେ ରହୁଛି ଅହେତୁକ ଅନିଚ୍ଛା ଅଭାବ ? ଅବା ପୋଲିସ ସୂଚନା ପାଇଥିଲେ ବି ବିଳମ୍ବରେ ଘଟଣା ସ୍ଥଳରେ ପହଞ୍ଚିବା ପାଇଁ ମନେ କରୁଛି ? ସଦ୍ୟ ଘଟଣା ପରିପ୍ରେକ୍ଷୀରେ ଅପରାଧ ସ୍ଥଳରେ ପୋଲିସ ଉପସ୍ଥିତ ଥିଲେ ବୋଲି କୁହାଯାଇଛି। ତାହା ସତ୍ତ୍ୱେ କିପରି ଅପରାଧ ଦମନ କରାଯାଇପାରିଲା ନାହିଁ ? ଆଇନ ଅଦାଲତରେ ଅପରାଧୀ ପ୍ରତି କଠୋର ଦଣ୍ଡବିଧାନ ଅବଶ୍ୟକ । କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମାଜ ବ୍ୟବସ୍ଥାରେ ଯେଉଁ ସଦ୍‌ଭାବନା ଓ ଭାଇଚାରା ପୂର୍ବରୁ ଥିଲା ତାହା ଏବେ କେଉଁଠି ? ଶାନ୍ତି ଓ ସମାଧାନର ମାର୍ଗ ସର୍ବଦା ହିତକାରକ। ସେ ବାବଦରେ ପଦକ୍ଷେପ କାହିଁ ?

# ବିପନ୍ନ ହେବାରେ ଲାଗିଛି ଆଞ୍ଚଳିକ ଦଳଙ୍କ ସ୍ଥିତି

### ଗୋପାଳ ମହାପାତ୍ର

ଭାରତୀୟ ରାଜନୀତିର ପରିଦୃଶ୍ୟରେ ଏକ ଏମିତି ଘଟଣା ଘଟୁଛି ଯାହାକୁ ବୁଝିବା ଓ ସେ ପ୍ରସଙ୍ଗରେ ଚିନ୍ତା କରିବା ଜରୁରୀ ହୋଇପଡିଛି। ଏକଦା ବିଜେପି 'କଂଗ୍ରେସ ମୁକ୍ତ ଭାରତ'ର ସ୍ଲୋଗାନ ଦେଉଥିଲା ସେତେବେଳେ ଅନେକେ ଚିନ୍ତା କରୁଥିଲେ ଯେ ବିଜେପି ମଜା କରୁଛି ବା ମନଗଢ଼ା କଥା କହୁଛି । କିନ୍ତୁ ଏବେର ରାଜନୈତିକ ଦୃଶ୍ୟପଟ୍ଟକୁ ଦେଖିଲେ ଏହା 'ଆଞ୍ଚଳିକଦଳ ମୁକ୍ତ ଭାରତ'ର ଏକ ବଡ଼ ଯୋଜନା ଭଳି ଜଣାପଡୁଛି।

ନୀତିଶ କୁମାର ହୁଅନ୍ତୁ ବା ଉଦ୍ଧବ ଠାକ୍‌ରେ, ନବୀନ ପଟ୍ଟନାୟକ ହୁଅନ୍ତୁ ବା ବାଦଲ ପରିବାର ଏହି ଆଞ୍ଚଳିକ ଦଳ ମୁକ୍ତ ଭାରତ ପ୍ଲାନର କାହାଣୀ ଗୋଟିଏ ପ୍ରକାର ଲେଖାହେଲା ଭଳି ଲାଗୁଛି। ବିହାର କଥା ଆଲୋଚନା କରାଗଲେ ଜଣାପଡେ ଯେ ନୀତିଶ କୁମାର ବଡ଼ ଭାଇ ଥିଲେ ଓ ବିଜେପି ନୀତିଶଙ୍କ ପଛରେ ଥିଲା। କିନ୍ତୁ ଏବେ ସ୍ଥିତି ପୂରା ଓଲଟା ହୋଇଯାଇଛି। ବିହାରରେ ଏବେ ବିଜେପି ସବୁଠାରୁ ବଡ଼ ଦଳ/ଶକ୍ତି ପାଲଟି ଯାଇଛି। ମହାରାଷ୍ଟ୍ରରେ ଯେଉଁ ଶିବସେନା ବିଜେପିର ହାତ ଧରି ହିନ୍ଦୁତ୍ୱର ରାସ୍ତା ଦେଖାଇଥିଲା ଏବେ ସେଇ ଶିବ ସେନା ଦୁଇ ଭାଗରେ ବିଭକ୍ତ ଓ ପରିଚୟ ପାଇଁ ଲଢେଇ କରୁଛି। ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କୁ ଅପରାଜେୟ ବୋଲି କୁହାଯାଉଥିଲା। ୨୪ ବର୍ଷ ଧରି ଶାସନ କରିଥିବା ବିଜେଡି ବା ନବୀନ ପଟ୍ଟନାୟକଙ୍କ ଦଳର ଯେମିତି ବିପର୍ଯ୍ୟୟ ହେଲା ତାହା ରାଜନୈତିକ ପଣ୍ଡିତମାନଙ୍କୁ ଚକିତ କରିଦେଇଥିଲା।

ପଞ୍ଜାବରେ ଅକାଳିଦଳ ସହ ସମ୍ପର୍କକୁ ଭାଙ୍ଗି ବିଜେପି ତାର ସ୍ଥିତିକୁ ଯେପରି ସୁଦୃଢ଼ କରିପାରିଛି ସେଥିରୁ ସ୍ପଷ୍ଟ ଯେ ଆଗାମୀ ବର୍ଷ ପଞ୍ଜାବରେ ହେବାକୁ ଥିବା ପଞ୍ଜାବ ବିଧାନସଭା ନିର୍ବାଚନରେ କେଜରିଓ୍ୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି ପାଇଁ ଅସୁବିଧା ସୃଷ୍ଟି ହେବ। ଦକ୍ଷିଣ ଭାରତ ବିଜେପି ପାଇଁ ଏକ ପ୍ରୟୋଗଶାଳା ପାଲଟିଛି । ବିଜେପି ସେଠି ନିତି ପ୍ରତି ନୂଆ ନୂଆ ପ୍ରୟୋଗ କରିବାରେ ଲାଗିଛି। ତାମିଲନାଡୁ ରାଜନୀତିରେ ଦୁଇଟି ଦଳ ଡିଏମ୍‌କେ ଓ ଏଆଇଡ଼ିଏମକେକୁ ଲୋକେ ଗ୍ରହଣ କରିନେଇଥିଲେ। କିନ୍ତୁ ଏଆଇଡିଏମ୍‌କେ ଦୁର୍ବଳ ହୋଇପଡିବା କାରଣରୁ ବିଜେପି ସେଠି ତାର ସ୍ଥିତିକୁ ବିସ୍ତାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। କେରଳରେ କଂଗ୍ରେସ ଏବଂ ବାମଦଳ ବ୍ୟତୀତ ଅନ୍ୟ କାହାରି ସ୍ଥିତି ନ ଥିଲା। କିନ୍ତୁ ତ୍ରିଶୁର ଆସନ ଜିତି ବିଜେପି ତାର ଭୋଟ ହାର ବଢ଼ାଇବାରେ ସକ୍ଷମ ହୋଇଛି। କଂଗ୍ରେସ ଯଦିଓ କେରଳରେ ଜିତିଛି କିନ୍ତୁ କଂଗ୍ରେସ ନେତାମାନେ ଜାଣିଛନ୍ତି ଯେ ବିଜେପିର ନଜର ଏବେ କେରଳ ଉପରେ ରହିଛି।

ପଶ୍ଚିମବଂଗ ବିଧାନସଭା ଫଳାଫଳ ଘୋଷଣା ହେବା ପରେ ବିଜେପି ମୁଖ୍ୟାଳୟରେ ଦଳୀୟ ନେତାଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ମହିଳା ଆରକ୍ଷଣ ବିଧେୟକକୁ ବିରୋଧ କରି ଅଖିଳେଶ ଯାଦବ ମସ୍ତବଡ଼ ଭୁଲ କରିଛନ୍ତି। ଏହା ତାଙ୍କ ରାଜନୀତି ପାଇଁ ମହଙ୍ଗା ପଡିବ। ଏଥିରୁ ସ୍ପଷ୍ଟ ଯେ ବିଜେପି ଆଗାମୀ ଦିନରେ ପୁନଃ ଉତ୍ତର ପ୍ରଦେଶକୁ ହାତେଇବାର ଉଦ୍ୟମରେ ରହିଛି। ହୁଏତ ଆଗାମୀ ଦିନରେ ହେବାକୁ ଥିବା ଉତ୍ତର ପ୍ରଦେଶର ବିଧାନସଭା ନିର୍ବାଚନରେ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ମଧ୍ୟ ଖତ ଖାଇଯିବ। ଆଞ୍ଚଳିକ ଦଳମାନେ ଯେଉଁ ସବୁ ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢୁଥିଲେ ସେ ସବୁ ପ୍ରସଙ୍ଗକୁ ପଛରେ ପକାଇ ଦେଇଛି ବିଜେପି। ଅନ୍ୟ ପକ୍ଷରେ କଂଗ୍ରେସର କିନ୍ତୁ ଭିନ୍ନ ତର୍କ। କଂଗ୍ରେସର ଅନେକ ନେତାଙ୍କ ମତ ହେଉଛି ଆଞ୍ଚଳିକ ଦଳମାନେ ବିଜେପିର ଆକ୍ରାମକ ବିଚାରଧାରାର ମୁକାବିଲା କରିପାରୁ ନାହାନ୍ତି। ଆଞ୍ଚଳିକ ଦଳ ଏବଂ ବିଜେପି ମଧ୍ୟରେ ମୁକାବିଲା ଆହୁରି ବଢ଼ିବ । ଶେଷରେ ଦେଶରେ 'କଂଗ୍ରେସ ବନାମ ବିଜେପି' ରହିବାର ସମୟ ଆସିବ। ଅର୍ଥାତ୍ କଂଗ୍ରେସ ମଧ୍ୟ ଚାହୁଁଛି ଯେ ଆଞ୍ଚଳିକ ଦଳମାନେ ଦୁର୍ବଳ ହେଲେ କଂଗ୍ରେସର ଲାଭ ହେବ। କଂଗ୍ରେସ ଶାସନକୁ ଆସି ନ ପାରିଲେ ମଧ୍ୟ ମୁଖ୍ୟ ବିରୋଧୀ ଦଳ ହୋଇ ରହିବ। ଅଲାପଡି ବିଜୟଙ୍କ ଭଳି ନୂଆ ଚେହେରା ତାମିଲନାଡୁରେ ଲୋକଙ୍କ ମନରେ ଆଶା ସଞ୍ଚାର କରିପାରନ୍ତି । କିନ୍ତୁ ବିଜେପି ଯେମିତି ଷ୍ଟାଇଲରେ କାମ କରୁଛି ସେଥିରୁ ସ୍ପଷ୍ଟ ଯେ ତାମିଲନାଡୁର ବିଜୟଙ୍କ ତିଷ୍ଠିବା ମୁସ୍କିଲ ହୋଇପଡିବ। ଆଗକୁ କ'ଣ ହେବ ସେ କଥା ସମୟ କହିବ। ଆଞ୍ଚଳିକ ପରିଚୟ ଏବଂ ସ୍ୱରକୁ ବଞ୍ଚେଇ ରଖିବା ପାଇଁ ଲୋକେ ଚାହିଁବେ କି ନାହିଁ ?

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ପଶ୍ଚିମବଙ୍ଗର ରକ୍ତଚରିତ୍ର ରାଜନୀତି

### ଡ. ପ୍ରମୋଦ କୁମାର ପଣ୍ଡା

**ମମତା ବାନାର୍ଜୀ ଜନାଦେଶକୁ ଗ୍ରହଣ କରିବାକୁ ନାରାଜ। ସେ ପରାଜିତ ହୋଇନାହାନ୍ତି ବରଂ ତାଙ୍କର ନୈତିକ ବିଜୟ ହୋଇଛି ବୋଲି କହୁଛନ୍ତି। ସାମ୍ବିଧାନିକ ବିଧି ବ୍ୟବସ୍ଥାର ବିରୋଧରେ ଯାଇ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ସଫା ସଫା ମନା କରୁଛନ୍ତି। ଅବଶ୍ୟ ତୃଣମୂଳ କଂଗ୍ରେସ ଏହାକୁ ତାଙ୍କର ବ୍ୟକ୍ତିଗତ ବୟାନ କହି ତାଙ୍କଠୁ ଦୂରତା ବଜାୟ ରଖିବା ଆରମ୍ଭ କଲାଣି। ବାମ ଦଳ ସରକାର ଥିବା ସମୟରୁ ଆରମ୍ଭ ହୋଇଥିବା ଗୁଣ୍ଡାମାନଙ୍କ ଅବୈଧ ଟୋଲ ଟ୍ୟାକ୍ସ ଆଦାୟକାରୀ ଗାଏବ ହେଲେଣି। ନୂଆ ସରକାର ଗଠନ ପରେ ସ୍ଥିତିରେ ସୁଧାର ଆସିବା ଆଶା କରାଯାଏ।**

ରକ୍ତଚରିତ୍ର ରାଜନୀତିରେ ରକ୍ତରଞ୍ଜିତ ପଶ୍ଚିମବଙ୍ଗ। ନିର୍ବାଚନ ଫଳାଫଳ ଘୋଷଣାର ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଆଠଟି ଜିଲ୍ଲା କୋଲକତା, ହାଓ୍ୱଡା, ଉତ୍ତର ୨୪ ପରଗନା, ଦକ୍ଷିଣ ୨୪ ପରଗନା, ପଶ୍ଚିମ ବର୍ଦ୍ଧମାନ, ମୁର୍ଶିଦାବାଦ, ମଳଦା ଓ ବୀରଭୂମରେ ୧୯ ବଡ଼ ରାଜନୈତିକ ହିଂସା ସହ ତେର ଜଳାପୋଡା ଓ ଦୁଇଜଣ ତୃଣମୂଳ କଂଗ୍ରେସ ଓ ଜଣେ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତ୍ତାଙ୍କ ସମେତ ତିନିଜଣଙ୍କ ହତ୍ୟା ହୋଇଛି। ଆସାନସୋଲ କାଉନସେଲର କାର୍ଯ୍ୟାଳୟରେ ଅଗ୍ନି ସଂଯୋଗ ହୋଇଛି। ନିଆଁ ଲଗେଇ ଦିଆଯାଇଛି। ବର୍ଦ୍ଧମାନ ଟିଏମସି କାର୍ଯ୍ୟାଳୟ ନିଶାନାରେ। ବୋଲପୁରରେ ଟିଏମସି ଓ ବିଜେପି କାର୍ଯ୍ୟକର୍ତ୍ତା ପରସ୍ପର ମୁହାଁମୁହିଁ ହୋଇଛନ୍ତି। ସ୍ୱରୂପନଗରରେ ଟିଏମସି ନେତାଙ୍କ ଘରେ ହମଲା ହୋଇଛି। କୋଲକତା ଟିଏମସି କାର୍ଯ୍ୟାଳୟଗୁଡ଼ିକରେ ବୁଲଡୋଜର ଚାଲିଛି। ଉତ୍ତର ୨୪ ପରଗନାରେ କେନ୍ଦ୍ରୀୟ ସୁରକ୍ଷା ବଳଙ୍କ ଉପରେ ଗୁଳି ଚଳିଛି । ନଦିଆ କଂଗ୍ରେସ ଅଫିସ ଓ ବାରାକପୁର କଂଗ୍ରେସ ଟ୍ରେଡ୍ ୟୁନିୟନ କାର୍ଯ୍ୟାଳୟ ଟିଏମସି ଜବରଦସ୍ତି ମାଡ଼ିବସିଥିଲା। ନିଜ କବ୍‌ଜାରେ ରଖିଥିଲା। ବିଜେପିର ବିଜୟ ପରେ ତାକୁ ମୁକ୍ତ କରାଯାଇଛି। ପନ୍ଦର ବର୍ଷରୁ ବନ୍ଦ ପଡ଼ିଥିବା ପଶ୍ଚିମ ବର୍ଦ୍ଧମାନ ବସ୍ତିନ ବଜାର ସ୍ଥିତ ଶ୍ରୀ ଶ୍ରୀ ଦୁର୍ଗା ମାତା ଚାରିଟେବୁଲ ଟ୍ରଷ୍ଟ ପରିଚାଳିତ ଦୁର୍ଗା ମନ୍ଦିରର ତାଲା ଖୋଲିଛି। କବାଟ ଫିଟିଛି।

ପଶ୍ଚିମବଙ୍ଗରେ ନିର୍ବାଚନ ପରେ ରକ୍ତର ହୋଲି ଖେଳିବା କିଛି ନୂଆ କଥା ନୁହେଁ। ହିଂସା ବଦଳରେ ହିଂସା, ଜଳାପୋଡ଼ା ବଦଳରେ



ଜଳାପୋଡ଼ା, ମାରପିଟ ବଦଳରେ ମାରପିଟ ଇତ୍ୟାଦି ବଙ୍ଗର ଅଙ୍ଗରେ ବସିଛି। ଶିରା ପ୍ରଶିରାରେ ମିଶିଛି। ରକ୍ତରେ ରହିଛି। ଏମିତିରେ ରାଜ୍ୟର ରାଜନୈତିକ ଦୃଶ୍ୟପଟ୍ଟରେ ସକାରାତ୍ମକ ପରିବର୍ତ୍ତନ ବାଧିତ ହେବା ସ୍ୱାଭାବିକ। ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡ ଦୁର୍ବଳ ହେବା ନିଶ୍ଚିତ। ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ କ୍ଷେତ୍ରରେ ରାଜ୍ୟର ଭାବମୂର୍ତ୍ତି ଓ ଛବି ଖରାପ ହେବାର ସମ୍ଭାବନା ମଧ୍ୟ ଯଥେଷ୍ଟ ରହିଛି। ସବୁ ନୀତି ମଧ୍ୟରେ ଶ୍ରେଷ୍ଠ ରାଜନୀତି। ଅଥଚ କ୍ଷମତା ଲୋଭ ଓ ବ୍ୟକ୍ତିଗତ ଲାଭ ପାଇଁ ଏହାର ଅପବ୍ୟବହାର ଅବନତି ଆନୟନ କରିବା ଏକପ୍ରକାର ଅନିବାର୍ଯ୍ୟ । କେବଳ କୌଣସି ଏକ ସରକାରଙ୍କ ଶାସନ କାଳରେ ଏହା ପରିଦୃଶ୍ୟ ନୁହେଁ । ଏହାର ଇତିହାସ ଖୁବ୍ ପୁରୁଣା। ଏହି ଧାରା ଅନେକ ଦିନରୁ ଧାରାବାହିକ ଭାବେ ଚାଲିଆସିଛି। ପଶ୍ଚିମବଙ୍ଗରେ ରାଜନୈତିକ ହତ୍ୟାର ପରିସଂଖ୍ୟାନ ଖୁବ୍ ବିବ୍ରତ କରେ। ମନରେ ଅନେକ ପ୍ରଶ୍ନ ସୃଷ୍ଟି କରେ। ବିସ୍ମିତ ମଧ୍ୟ ଲାଗେ।

ପଶ୍ଚିମବଙ୍ଗରେ ୧୯୭୭ ରୁ ୧୯୯୬ ମଧ୍ୟରେ ୨୮,୦୦୦ ଓ ୧୯୭୭ ରୁ ୨୦୦୯ ମଧ୍ୟରେ ୫୫,୦୦୦ ରାଜନୈତିକ ହତ୍ୟାକାଣ୍ଡ ସଂଘଟିତ ହୋଇଛି। ରାଜ୍ୟରେ ବାମ ଦଳ ୧୯୭୭ ରୁ ୨୦୧୧ ପର୍ଯ୍ୟନ୍ତ ଶାସନରେ ଥିଲା। ଜ୍ୟୋତି ବସୁ ୧୯୭୭ ରୁ ସାଲ ୨୦୦୦ ପର୍ଯ୍ୟନ୍ତ ପାଖାପାଖି ୨୩ ବର୍ଷରୁ ଉର୍ଦ୍ଧ୍ୱ ଓ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ୨୦୦୦ ରୁ ୨୦୧୧ ପ୍ରାୟ ୧୧ ବର୍ଷ କାଳ ମୁଖ୍ୟମନ୍ତ୍ରୀ ଥିଲେ। ଏହାଙ୍କ ଶାସନକାଳରେ ରାଜନୈତିକ ହିଂସା ଏବଂ ପ୍ରତିଶୋଧର ଆରୋପ ଲାଗେ। କ୍ଷମତାସୀନ ବାମପନ୍ଥୀ ସରକାର ମୁଖ୍ୟ ରୂପରେ କଂଗ୍ରେସ ଓ ତୃଣମୂଳ କଂଗ୍ରେସର କାର୍ଯ୍ୟକର୍ତ୍ତା ଓ ତାଙ୍କ ଦଳୀୟ ବିଚାରଧାରାରେ ଅସହମତି ରଖୁଥିବା ନିରୀହ ଗ୍ରାମୀଣ ଜନସାଧାରଣଙ୍କୁ ଅଯଥା ହଇରାଣ ହରକତ କରୁଥିଲେ। ପ୍ରତିଶୋଧ ହିଂସା ଓ ହତ୍ୟାରେ ମଧ୍ୟ ରୂପାନ୍ତରିତ ହେଉଥିଲା। ସୁନ୍ଦରବନ ମରିଚଝାପି ଦ୍ୱୀପରେ ଆଶ୍ରୟ ନେଇଥିବା ଦଳିତ ଶରଣାର୍ଥୀଙ୍କୁ ତତ୍କାଳୀନ ସରକାର ବଳପୂର୍ବକ ବେଦଖଲ କରିଥିଲା। ନନ୍ଦୀଗ୍ରାମ ଓ ସିଙ୍ଗୁର ଜମି ଅଧିଗ୍ରହଣ ବିରୋଧୀ ଆନ୍ଦୋଳନ ସମୟରେ କାର୍ଯ୍ୟକର୍ତ୍ତାଙ୍କ ଉପରେ ଭାରୀ ହିଂସାର ଆରୋପ ମଧ୍ୟ ବାମ ସରକାରଙ୍କ ଉପରେ ଲାଗେ। ୨୦୧୧ ସାଧାରଣ ନିର୍ବାଚନରେ ତୃଣମୂଳ କଂଗ୍ରେସ ବିଜୟୀ ହୋଇଥିଲା। ବାମ ସରକାରର ଦୀର୍ଘ ୩୪ ବର୍ଷର ଶାସନର ଅନ୍ତ ହୋଇଥିଲା। ପତନ ଘଟିଥିଲା। କିନ୍ତୁ ପୂର୍ବ ଧାରାର ଯବନିକା ପଡ଼ିନଥିଲା। ନିର୍ବାଚନ ପରିଣାମ ପରେ ୫୬ ଜଣ ସିପିଏମ ନେତା ହତ୍ୟାର ଶିକାର ହୋଇଥିଲେ। ସମ୍ପ୍ରତି ସେହି ଧାରା ଯେପରି ଜାରି ରହିଛି। ରାଜନୈତିକ ଉଷ୍ମତା ଲାଗିରହିଛି। ଜଳାପୋଡ଼ା ଚାଲିଛି। ଆକ୍ରମଣ ଓ ପ୍ରତିଆକ୍ରମଣ ହେଉଛି। ଉତ୍ତେଜନା ଥମୁନି। ହତ୍ୟା ହେଉଛି। ଲୋକଙ୍କ ପ୍ରାଣ ଯାଉଛି। ପରାଜିତ ପ୍ରାର୍ଥୀଙ୍କ ଭ୍ରମାତ୍ମକ ବୟାନ ନିଆଁରେ ଘିଅର କାମ କରୁଛି। ମମତା ବାନାର୍ଜୀ ଜନାଦେଶକୁ ଗ୍ରହଣ କରିବାକୁ ନାରାଜ। ସେ ପରାଜିତ ହୋଇନାହାନ୍ତି ବରଂ ତାଙ୍କର ନୈତିକ ବିଜୟ ହୋଇଛି କହୁଛନ୍ତି। ସାମ୍ବିଧାନିକ ବିଧି ବ୍ୟବସ୍ଥାର ବିରୋଧରେ ଯାଇ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ସଫା ସଫା ମନା କରୁଛନ୍ତି। ଅବଶ୍ୟ ତୃଣମୂଳ କଂଗ୍ରେସ ଏହାକୁ ତାଙ୍କର ବ୍ୟକ୍ତିଗତ ବୟାନ କହି ତାଙ୍କଠୁ ଦୂରତା ବଜାୟ ରଖିବା ଆରମ୍ଭ କଲାଣି। ବାମ ଦଳ ସରକାର ଥିବା ସମୟରୁ ଆରମ୍ଭ ହୋଇଥିବା ଗୁଣ୍ଡାମାନଙ୍କ ଅବୈଧ ଟୋଲ ଟ୍ୟାକ୍ସ ଆଦାୟକାରୀ ଗାଏବ ହେଲେଣି। ଅନ୍ୟାୟ ଟୋଲ ଟ୍ୟାକ୍ସରେ ସମ୍ପୂର୍ଣ୍ଣ ବିରାମ ପଡ଼ିଲାଣି। ନୂଆ ସରକାର ଗଠନ ପରେ ସ୍ଥିତିରେ ସୁଧାର ଆସିବା ଆଶା କରାଯାଏ।

ଭାରତୀୟ ଜନତା ଦଳ ଓ ତାର ସହଯୋଗୀ ପାର୍ଟି ୨୦୦ ରୁ ଅଧିକ ସିଟ ଦଖଲ କରି ସଂଖ୍ୟାଗରିଷ୍ଠତା ହାସଲ କରିଛନ୍ତି। ତୃଣମୂଳ କଂଗ୍ରେସକୁ ୮୦ ଆସନ ମିଳିଛି। ନିର୍ବାଚନ କମିଶନ, ନିର୍ବାଚନ ଗଣନାକାରୀ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ସହିତ ବିଜେପି ୧୦୦ ରୁ ଅଧିକ ଆସନ ଚୋରି କରିଥିବା ଅଭିଯୋଗ କରୁଛନ୍ତି ତୃଣମୂଳ କଂଗ୍ରେସର ହାଇକମାଣ୍ଡ। ଏଠି ଗୋଟିଏ କଥା ବିଚାରଯୋଗ୍ୟ।

ଲୋକପ୍ରିୟ ସିନେମା ସୁପରଷ୍ଟାର ତଥା ଟିଭିକେ ମୁଖ୍ୟ ଥାଲାପତି ବିଜୟ ଦୁଇବର୍ଷ ପୂର୍ବରୁ ସକ୍ରିୟ ରାଜନୀତିରେ ପ୍ରବେଶ କରିଛନ୍ତି। ପ୍ରଥମ ନିର୍ବାଚନରେ ତାଙ୍କ ଦଳ ବିପୁଳ ବିଜୟ ହାସଲ କରିଛି। ଏହା ଚମତ୍କାର। କିନ୍ତୁ କ୍ରମାଗତ ଦଶ ବର୍ଷରୁ ଅଧିକ ସମୟ ନିରନ୍ତର କଠିନ ପରିଶ୍ରମ କରିଥିବା, ଦୀର୍ଘକାଳୀନ ସଂଘର୍ଷ କରିଥିବା ଏବଂ ନିଜର ଅନେକ କାର୍ଯ୍ୟକର୍ତ୍ତାଙ୍କୁ ହରେଇଥିବା ବିଜେପିର ବିଜୟ ଭୋଟ ଚୋରି। ବିଜେପି ଜିତିଥିବା ୨୦୭ ଆସନରୁ ୧୦୦ ଆସନରେ ଭୋଟ ଚୋର। କିନ୍ତୁ ଟିଏମସି ଜିତିଥିବା ୮୦ ଆସନରେ ସବୁକିଛି ଠିକ୍‌ଠାକ୍ ଅଛି । ୨୦୨୬ ପଶ୍ଚିମବଙ୍ଗ ଜାନାଦେଶ ଭୋଟ ଚୋରି, କିନ୍ତୁ ୨୦୨୪ ଲୋକସଭା ନିର୍ବାଚନରେ ଟିଏମସିକୁ ୪୨ ସିଟ୍‌ରୁ ୨୯ ସିଟ ମିଳିବା ଉପରେ କୌଣସି ପ୍ରଶ୍ନବାଚୀ ନାହିଁ। ଏସବୁ ବିଭ୍ରାନ୍ତିକର ବକ୍ତବ୍ୟ ବ୍ୟତୀତ ଅନ୍ୟ କିଛି ନୁହଁ। ଗଣତନ୍ତ୍ରରେ ଜନାଦେଶକୁ ସସମ୍ମାନ ଗ୍ରହଣ କରିବା ଉଚିତ। ବିବାଦ ବିଭେଦ ବଦଳରେ ବିକାଶ ରାଜନେତା ଓ ରାଜନୈତିକ ଦଳର ବିଚାର ହେବା ବିଧେୟ। ତାହା ଯେକୌଣସି ଦଳ ହେଉନା କାହିଁକି। ମଇ ୪, ୨୦୨୬ ପାଞ୍ଚଗୋଟି ରାଜ୍ୟର ବିଧାନସଭା ପରିଣାମ, ବିଶେଷକରି ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ଐତିହାସିକ ବିଜୟ, ଉପରାନ୍ତେ ବିଜେପି ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଦଳର କାର୍ଯ୍ୟକର୍ତ୍ତାଙ୍କ ଉପଲକ୍ଷେ ଦେଇଥିବା ବୈଚାରିକ ବକ୍ତବ୍ୟର ମୁଖ୍ୟ ବିନ୍ଦୁ ବିଶେଷତଃ "ଭୟ ନହିଁ , ବଲ୍‌କି ଭବିଷ୍ୟ କି ବାତ ହୋନି ଚାହିୟେ" ଏବଂ "ବଦଲା ନହିଁ ବଦଲାବ ଚାହିୟେ" ପ୍ରଣିଧାନଯୋଗ୍ୟ। ତେବେ ଯାଇ ରକ୍ତଚରିତ୍ର ରାଜନୀତିର ଅନ୍ତ ହେବ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର
ମୋ-୭୯୭୮୨୮୩୧୯୦

# ଘୃଣା ନୁହେଁ ନ୍ୟାୟିକ ଶୃଙ୍ଖଳା ଶ୍ରେଷ୍ଠପନ୍ଥା

### ଅଖିଳ ତରାଇ

**ଯଦି ପାଞ୍ଚ ବା ତହିଁରୁ ଅଧିକ ବ୍ୟକ୍ତି ସମାନ ଉଦ୍ଦେଶ୍ୟ ରଖି କାହାକୁ ହତ୍ୟା କରନ୍ତି, ତେବେ ସେମାନଙ୍କୁ ଆଜୀବନ କାରାଦଣ୍ଡ କିମ୍ବା ମୃତ୍ୟୁଦଣ୍ଡ ମଧ୍ୟ ମିଳିପାରେ। ସୁପ୍ରିମକୋର୍ଟଙ୍କ ୨୦୧୮ର 'ତହସିନ ପୁନାଓ୍ୱାଲା ବନାମ ଭାରତ ସରକାର' ମାମଲାର ନିର୍ଦ୍ଦେଶନାମା ଅନୁଯାୟୀ, ପ୍ରତ୍ୟେକ ରାଜ୍ୟରେ ଏଭଳି ଘଟଣା ରୋକିବା ପାଇଁ ସ୍ୱତନ୍ତ୍ର ନୋଡାଲ ଅଫିସର ନିଯୁକ୍ତି ହେବା ସହ ଦ୍ରୁତ ବିଚାର ହେବା ବାଧ୍ୟତାମୂଳକ। ବାଲିଅନ୍ତା ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ହତ୍ୟା ମାମଲା (ବି.ଏନ୍.ଏସ ଧାରା ୧୦୩) ଏବଂ ବେଆଇନ ଜନସମାବେଶ କରି ହିଂସା ଉପୁଜାଇବା ଭଳି କଠୋର ଧାରା ଲଗାଇ ଉଦାହରଣମୂଳକ ଦଣ୍ଡ ଦେବା ଉଚିତ। ଆଇନର ଶାସନ ରହିଥିବା ଏକ ଦେଶରେ 'ଜଙ୍ଗଲି ନିୟମ' କୁ ସ୍ଥାନ ମିଳିବା ଅନୁଚିତ। ସରକାରଙ୍କୁ ଏଭଳି ମାମଲାଗୁଡ଼ିକରେ କ୍ଷତିପୂରଣର ବ୍ୟବସ୍ଥା କରିବା ସହ ସାକ୍ଷୀମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ପଡ଼ିବ, ଯାହାଦ୍ୱାରା ଅପରାଧୀମାନେ ଦଣ୍ଡରୁ ବଞ୍ଚିପାରିବେ ନାହିଁ।**

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଗ୍ରାମ ନିକଟ ବାଲିଅନ୍ତା ପୋଲିସ ଅଞ୍ଚଳରେ ଘଟିଥିବା ଅମାନବୀୟ ଗୋଷ୍ଠୀଗତ ଆକ୍ରମଣ ଘଟଣା ସଭ୍ୟ ସମାଜର ମୁଣ୍ଡ ନୁଆଇ ଦେଇଛି। ଜଣେ ସରକାରୀ ରେଳବାଇ ପୋଲିସ (ଜି.ଆରପି) କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟିପିଟି ହତ୍ୟା କରିବା ଏବଂ ଅନ୍ୟ ଜଣେ ଯୁବକ ଗୁରୁତର କରିବା ଘଟଣା କେବଳ ଏକ ଅପରାଧ ନୁହେଁ ବରଂ ଆମ ନ୍ୟାୟିକ ବ୍ୟବସ୍ଥା ପ୍ରତି ଏକ ବଡ଼ ଆହ୍ୱାନ। ଦୁଇଜଣ ମହିଳାଙ୍କ ସହ ଦୁର୍ବ୍ୟବହାର ଓ ଦୁଷ୍କର୍ମ ଉଦ୍ୟମ ଭଳି ସଂଗୀନ ଅଭିଯୋଗକୁ ଭିତ୍ତି କରି ସ୍ଥାନୀୟ ଲୋକେ ଯେଉଁଭଳି ଭାବେ ନିଜେ ବିଚାରପତି ସାଜି ଆଇନକୁ ହାତକୁ ନେଲେ, ତାହା ଗଣତନ୍ତ୍ର ପାଇଁ ଏକ କଳଙ୍କିତ ଅଧ୍ୟାୟ। ପୋଲିସ ଏହି ମାମଲାରେ ପାଞ୍ଚ ଜଣଙ୍କୁ ଗିରଫ କରିଥିଲେ ହେଁ ଏହି ଘଟଣା ପଛରେ ଥିବା ସାମାଜିକ ଓ ମାନସିକ କାରଣଗୁଡ଼ିକୁ ଗଭୀର ଭାବେ ବିଶ୍ଳେଷଣ କରିବା ଏବେ ସମୟର ଆହ୍ୱାନ।

ଏହି ଘୃଣ୍ୟକାଣ୍ଡର ମୂଳ କାରଣ ଖୋଜିଲେ ଜଣାପଡ଼େ ଯେ, ସମାଜରେ ନ୍ୟାୟିକ ପ୍ରକ୍ରିୟା ପ୍ରତି ଲୋକଙ୍କ ବିଶ୍ୱାସ ହ୍ରାସ ପାଇବା ଏବଂ 'ତୁରନ୍ତ ନ୍ୟାୟ' ପାଇବାର ଅହେତୁକ ଇଚ୍ଛା ଏହି ମବ୍ ଲିଞ୍ଚିଂ ବା ଗୋଷ୍ଠୀଗତ ଆକ୍ରମଣ ପାଇଁ ମୁଖ୍ୟତଃ ଦାୟୀ। ଯେତେବେଳେ ମହିଳାଙ୍କ ପ୍ରତି ଅସଦାଚରଣ ଭଳି ସମ୍ବେଦନଶୀଳ ଘଟଣା ଘଟେ, ସେତେବେଳେ ସାଧାରଣ ଜନତା ଉତ୍ତ୍ୟକ୍ତ ହେବା ସ୍ୱାଭାବିକ। କିନ୍ତୁ ସେହି ଉତ୍ତେଜନାକୁ ହିଂସାରେ ପରିଣତ କରି ଜଣଙ୍କ ଜୀବନ ନେବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ଅନେକ ସମୟରେ ଗୁଜବ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ଅଧାପନ୍ତରିଆ ତଥ୍ୟ ଲୋକଙ୍କୁ ହିଂସ୍ର କରିଥାଏ। ବାଲିଅନ୍ତା ଘଟଣାରେ ମଧ୍ୟ ଭିଡିଓ ଭାଇରାଲ ହେବା ଏବଂ ଲୋକେ ଏକାଠି ହୋଇ ଯୁବକ ଦୁଇଙ୍କୁ ବାନ୍ଧି ପିଟିବା ଦର୍ଶାଉଛି ଯେ, ସେଠାରେ ଆଇନର ଭୟ ଅପେକ୍ଷା ଉନ୍ମାଦନା ଅଧିକ ଥିଲା। ପୋଲିସ ପ୍ରଶାସନ ଉପରେ ଭରସା ନ ରହିବା କିମ୍ବା ପୋଲିସ ପହଞ୍ଚିବା ପୂର୍ବରୁ ନିଜେ ଦଣ୍ଡବିଧାନ କରିବାର ଏହି ମାନସିକତା ଏକ ଗୁରୁତର ସାମାଜିକ ବ୍ୟାଧି।

ଆଜିକାଲି ସୋସିଆଲ ମିଡିଆର ପ୍ରଭାବରେ କୌଣସି ଘଟଣାର ସତ୍ୟାସତ୍ୟ ନ ଜାଣି ଲୋକେ ଉତ୍‌କ୍ଷିପ୍ତ ହୋଇପଡୁଛନ୍ତି। ଭିଡ଼ର ମନସ୍ତତ୍ତ୍ୱ ସବୁବେଳେ ବିନା ତର୍କରେ ପରିଚାଳିତ ହୋଇଥାଏ, ଯେଉଁଠି ମଣିଷ ନିଜର ବ୍ୟକ୍ତିଗତ ବିବେକ ହରାଇ ବସେ। ଏହା ବ୍ୟତୀତ, ଗୋଷ୍ଠୀଗତ ହିଂସା ସମୟରେ ନିଜକୁ 'ନ୍ୟାୟଦାତା' ମନେ କରିବାର ଏକ ମିଥ୍ୟା ଗର୍ବ ମଧ୍ୟ ଏଭଳି ଘଟଣାକୁ ପ୍ରୋତ୍ସାହିତ କରିଥାଏ। ଅନେକ ସମୟରେ ପୂର୍ବ ଶତ୍ରୁତା କିମ୍ବା ସ୍ଥାନୀୟ ରାଜନୈତିକ ପ୍ରଭାବ ମଧ୍ୟ ଏଭଳି ଗୋଷ୍ଠୀଗତ ଆକ୍ରମଣକୁ ଜଳାଞ୍ଜଳି ଦେଇଥାଏ।

ଏହାର ସମାଧାନ ପାଇଁ ବହୁମୁଖୀ ପଦକ୍ଷେପର ଆବଶ୍ୟକତା ରହିଛି। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବାକୁ ହେବ, ଯେପରି କୌଣସି ଅପରାଧ ଘଟିବା ମାତ୍ରେ ଲୋକେ ଆଇନକୁ ହାତକୁ ନ ନେଇ ତୁରନ୍ତ ପୋଲିସକୁ ଖବର ଦେବେ। ସେହିପରି ସୋସିଆଲ ମିଡିଆର ଅପବ୍ୟବହାର ରୋକିବା ପାଇଁ ସ୍ଥାନୀୟ ଗୋଷ୍ଠୀ






ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଉଚିତ। 'ଗୋଷ୍ଠୀଗତ ଆକ୍ରମଣ ବା ଭିଡ଼ତନ୍ତ୍ର ହତ୍ୟା ଏକ ଜଘନ୍ୟ ଅପରାଧ' - ଏହି ବାର୍ତ୍ତା ପ୍ରତିଟି ଗ୍ରାମ ଓ ସହରରେ ପହଞ୍ଚିବା ଦରକାର। ଏହା ସହିତ ପୋଲିସର ପ୍ରତିକ୍ରିୟା ସମୟକୁ କମ୍ କରିବାକୁ ହେବ, ଯେପରି ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବା ପୂର୍ବରୁ ସୁରକ୍ଷା ବଳ ଉପସ୍ଥିତ ରହିବେ। ଗ୍ରାମସ୍ତରରେ ଶାନ୍ତି କମିଟି ଗଠନ କରାଯାଇ ଲୋକଙ୍କୁ ଆଇନର ଗୁରୁତ୍ୱ ବୁଝାଇବା ଆବଶ୍ୟକ। ଶିକ୍ଷା ଓ ମୂଲ୍ୟବୋଧର ବିକାଶ ଦ୍ୱାରା ହିଁ ଏଭଳି ବର୍ବରତାକୁ ରୋକାଯାଇପାରିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମହିଳା ସୁରକ୍ଷା ଓ ଅପରାଧୀଙ୍କୁ ଦଣ୍ଡ ଦେବା ପାଇଁ ଥିବା ଆଇନଗତ ପ୍ରକ୍ରିୟାକୁ ଅଧିକ ଦ୍ରୁତଗତିରେ କାର୍ଯ୍ୟକାରୀ କରିବାକୁ ହେବ, ଯାହାଦ୍ୱାରା ଲୋକଙ୍କ ମନରେ ବିଶ୍ୱାସ ଜନ୍ମିବ ଯେ ଅପରାଧୀ ଖସିଯିବ ନାହିଁ। ଯେତେବେଳେ ନ୍ୟାୟିକ ବ୍ୟବସ୍ଥା ତ୍ୱରାନ୍ୱିତ ହୁଏ, ସେତେବେଳେ ଜନସାଧାରଣ ନିଜେ ଆଇନର ରକ୍ଷକ ସାଜିବାର ଭୁଲ୍ କରନ୍ତି ନାହିଁ।

ଭାରତୀୟ ସମ୍ବିଧାନ ଓ ଆଇନ ଅନୁଯାୟୀ, କୌଣସି ବ୍ୟକ୍ତିଙ୍କୁ ଅନ୍ୟ ଜଣଙ୍କର ପ୍ରାଣ ନେବାର ଅଧିକାର ନାହିଁ, ସେ ଅଭିଯୁକ୍ତ ହେଲେ ମଧ୍ୟ। ଭାରତୀୟ ନ୍ୟାୟ ସଂହିତା ଅନୁସାରେ, ଗୋଷ୍ଠୀଗତ ଆକ୍ରମଣ ବା ମବ୍ ଲିଞ୍ଚିଂ ପାଇଁ କଠୋର ଦଣ୍ଡର ବ୍ୟବସ୍ଥା ରହିଛି। ଯଦି ପାଞ୍ଚ ବା ତହିଁରୁ ଅଧିକ ବ୍ୟକ୍ତି ସମାନ ଉଦ୍ଦେଶ୍ୟ ରଖି କାହାକୁ ହତ୍ୟା କରନ୍ତି, ତେବେ ସେମାନଙ୍କୁ ଆଜୀବନ କାରାଦଣ୍ଡ କିମ୍ବା ମୃତ୍ୟୁଦଣ୍ଡ ମଧ୍ୟ ମିଳିପାରେ। ସୁପ୍ରିମକୋର୍ଟଙ୍କ ୨୦୧୮ର 'ତହସିନ ପୁନାଓ୍ୱାଲା ବନାମ ଭାରତ ସରକାର' ମାମଲାର ନିର୍ଦ୍ଦେଶନାମା ଅନୁଯାୟୀ, ପ୍ରତ୍ୟେକ ରାଜ୍ୟରେ ଏଭଳି ଘଟଣା ରୋକିବା ପାଇଁ ସ୍ୱତନ୍ତ୍ର ନୋଡାଲ ଅଫିସର ନିଯୁକ୍ତି ହେବା ସହ ଦ୍ରୁତ ବିଚାର ହେବା ବାଧ୍ୟତାମୂଳକ।

ବାଲିଅନ୍ତା ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ହତ୍ୟା ମାମଲା (ବି.ଏନ୍.ଏସ ଧାରା ୧୦୩) ଏବଂ ବେଆଇନ ଜନସମାବେଶ କରି ହିଂସା ଉପୁଜାଇବା ଭଳି କଠୋର ଧାରା ଲଗାଇ ଉଦାହରଣମୂଳକ ଦଣ୍ଡ ଦେବା ଉଚିତ। ଆଇନର ଶାସନ ରହିଥିବା ଏକ ଦେଶରେ 'ଜଙ୍ଗଲି ନିୟମ' କୁ ସ୍ଥାନ ମିଳିବା ଅନୁଚିତ। ସରକାରଙ୍କୁ ଏଭଳି ମାମଲାଗୁଡ଼ିକରେ କ୍ଷତିପୂରଣର ବ୍ୟବସ୍ଥା କରିବା ସହ ସାକ୍ଷୀମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ପଡ଼ିବ, ଯାହାଦ୍ୱାରା ଅପରାଧୀମାନେ ଦଣ୍ଡରୁ ବଞ୍ଚିପାରିବେ ନାହିଁ।

ଶେଷରେ, ଏହା ବୁଝିବାକୁ ହେବ ଯେ ହିଂସା ଦ୍ୱାରା କେବେ ବି ପ୍ରକୃତ ନ୍ୟାୟ ମିଳିନଥାଏ। ଯଦି ସୌମ୍ୟରଞ୍ଜନ ସ୍ୱାଇଁ ଦୋଷୀ ଥିଲେ, ତେବେ ତାଙ୍କୁ ପୋଲିସରେ ଜିମା ଦେଇ କୋର୍ଟ ଜରିଆରେ ଦଣ୍ଡ ଦେବାର ସୁଯୋଗ ଥିଲା। ଏହି ଘଟଣାଟି ସମାଜ ପାଇଁ ଏକ ଚେତାବନୀ। ଆମକୁ ଏକ ସଂସ୍କାରୀ ଓ ଆଇନ ମାନୁଥିବା ସମାଜ ଗଠନ କରିବାକୁ ହେଲେ ଭାବପ୍ରବଣତାରେ ବଶବର୍ତ୍ତୀ ନ ହୋଇ ବିବେକ ଓ ଆଇନର ପରିସୀମା ମଧ୍ୟରେ ରହିବାକୁ ପଡ଼ିବ। ଗଣତନ୍ତ୍ରରେ ଆଇନର ସୁରକ୍ଷା ପାଇଁ ଧୈର୍ଯ୍ୟ ଓ ବିଶ୍ୱାସ ଅପରିହାର୍ଯ୍ୟ। ଯଦି ଲୋକେ ନିଜେ ବିଚାରକ ସାଜିବେ, ତେବେ ନ୍ୟାୟାଳୟର ପ୍ରାସଙ୍ଗିକତା ରହିବ ନାହିଁ। ତେଣୁ ପ୍ରଶାସନ ଓ ନାଗରିକଙ୍କ ସମ୍ମିଳିତ ପ୍ରୟାସ ହିଁ ବାଲିଅନ୍ତା ଭଳି ଘଟଣାର ପୁନରାବୃତ୍ତି ରୋକିବାରେ ସହାୟକ ହେବ। ନଚେତ୍ ଆଜିର ରକ୍ଷକ କାଲିର ଭକ୍ଷକ ସାଜିବ । ସାଧାରଣ ମଣିଷ ଭୟର ବାତାବରଣ ମଧ୍ୟରେ ଜୀବନ ବିତାଇବାକୁ ବାଧ୍ୟ ହେବ। ଏକ ସୁସ୍ଥ ସମାଜ ଗଠନ ପାଇଁ ଘୃଣା ନୁହେଁ ବରଂ ନ୍ୟାୟିକ ଶୃଙ୍ଖଳା ହିଁ ଶ୍ରେଷ୍ଠ ପନ୍ଥା। ଆଜିର ଏହି ଘଟଣା ସୂଚାଉଛି ଯେ ଆମକୁ ଆଇନ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିବାକୁ ପଡ଼ିବ, ଯାହା ଦ୍ୱାରା କୌଣସି ନିରପରାଧୀର ଜୀବନ ଯିବ ନାହିଁ କିମ୍ବା କୌଣସି ଅଭିଯୁକ୍ତ ବିନା ବିଚାରରେ ମୃତ୍ୟୁବରଣ କରିବ ନାହିଁ।

ଗଞ୍ଜାମ,ମୋ: ୭୭୮୭୦୦୧୦୦୧

# ଜନଗଣନା ସର୍ଭେ କାର୍ଯ୍ୟରେ ବାଧକ ସାଜୁଛି ଆନ୍ଧ୍ର

## ଗଙ୍ଗାବାଡ ପଞ୍ଚାୟତରେ ସର୍ଭେ କରୁଛି ଆନ୍ଧ୍ର, ମିଳିତ ଡିମାରକେସନ ଚାହୁଁଛନ୍ତି ସ୍ଥାନୀୟ ବାସିନ୍ଦା

ପାରଳାଖେମୁଣ୍ଡି,୮।୫(ନିପ୍ର):ଗଙ୍ଗାବାଡ ପଞ୍ଚାୟତ ଅନ୍ତର୍ଗତ ଆନ୍ଧ୍ର ସୀମାନ୍ତ ମାଣିକପାଟଣା ଗ୍ରାମରେ ଜନଗଣନା ସର୍ଭେ କାର୍ଯ୍ୟ ଚାଲୁ ରହିଛି । ଓଡ଼ିଶା ପକ୍ଷରୁ କାର୍ଯ୍ୟ କରାଯାଇ ଗ୍ରାମର ସମସ୍ତ ଘର କାନ୍ଥରେ ଘର ନଂ ପକାଇଛନ୍ତି । ଘର କାନ୍ଥରେ ଉଲ୍ଲେଖ କରାଯାଇଥିବା ଓଡ଼ିଶା ଜନଗଣନା ସର୍ଭେ ନଂ ଉପରେ ରଙ୍ଗ ବୋଳି ଆନ୍ଧ୍ର ଅଧିକାରୀ ସେମାନଙ୍କ ସର୍ଭେ ନଂ ଉଲ୍ଲେଖ କରିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଖବର ପାଇ ଗଜପତି ଜିଲ୍ଲା ପ୍ରଶାସନ ଓ ପୋଲିସ ଗ୍ରାମରେ ପହଞ୍ଚି ଆନ୍ଧ୍ରର ତଥ୍ୟକୁ ଲିଭାଇ ଓଡ଼ିଶା ସର୍ଭେ ନମ୍ବର ପୁଣି ଲେଖିଛି । ଉଭୟ ଆନ୍ଧ୍ର ଓ ଓଡ଼ିଶା ପକ୍ଷରୁ ସର୍ଭେ କାର୍ଯ୍ୟ ଜାରି ରହିଥିବା ବେଳେ ଆନ୍ଧ୍ର ଓ ଓଡ଼ିଶାର ପ୍ରଶାସନିକ ଅଧିକାରୀଙ୍କ ବାରମ୍ବାର ଗସ୍ତକୁ ନେଇ ପୁଣି ଉତ୍ତେଜନା ମୂଳକ ପରିସ୍ଥିତି ଉପୁଜିବାରେ ଲାଗିଛି । ଯାହାଦ୍ୱାରା ଜନସାଧାରଣଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହେଉଥିବା ପ୍ରକାଶ କରିଛନ୍ତି । ମାଣିକପାଟଣା ଗ୍ରାମ ନୁହେଁ ଏହିପରି ଚାରୋଟି ଗ୍ରାମ ଉପରେ ନିଜର ଲୋଲୁପ ଦୃଷ୍ଟି ପକାଇଛି ଆନ୍ଧ୍ର । ଏହି ଗ୍ରାମରେ ପ୍ରାୟ ୮୦ ଘର ରହିଥିବା ବେଳେ ୨୨ ଗୋଟି ଘର ଉପରେ ଆନ୍ଧ୍ର ପ୍ରଶାସନ ନିଜର କହି ଓଡ଼ିଶାର ସର୍ଭେ ନଂ କୁ ମାତ୍ର ଦୁଇ ଦିନରେ ଲିଭାଇ ଦେଇ ଆନ୍ଧ୍ରର ସର୍ଭେ ନଂ କାନ୍ଥରେ ଲେଖିଛି । ପରବର୍ତ୍ତୀ ସମୟରେ ଆନ୍ଧ୍ରର ମଞ୍ଜୁଷା ମଣ୍ଡଳର ରାଜସ୍ୱ ସୁପରଭାଇଜର ଓଡ଼ିଶା ସର୍ଭେ ଅଧିକାରୀଙ୍କୁ କଲ୍ କରି ସେହି ଅଞ୍ଚଳ ସବୁ ଆନ୍ଧ୍ରର ଆପଣ କାହିଁକି ଜନଗଣନା ପ୍ରକିୟାରେ



ସାମିଲ କରିଛନ୍ତି କହିବା ସହ ଆଉ ସେହି ଅଞ୍ଚଳକୁ ନ ଯିବାକୁ ବାରଣ କରି ଧମକ ଦେଇଥିଲେ । ଏହି ଖବର ପାଇ ଗଜପତି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ନେତୃତ୍ୱରେ, ରାୟଗଡ଼ା ତହସିଲଦାର ସୁକାନ୍ତ ପ୍ରଧାନ, ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିଶିକାଙ୍କ ସହ ରାଜସ୍ୱ ଅଧିକାରୀ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଆନ୍ଧ୍ର ପକ୍ଷକୁ କରାଯାଇଥିବା ୨୨ ଘରର ସର୍ଭେ ନମ୍ବରକୁ ଲିଭାଇ ପୁଣି ଓଡିଶାର ସର୍ଭେ ନଂ ପକାଇଥିଲେ ଓଡିଶା ଅଧିକାରୀ । ସ୍ଥାନୀୟ ବାସିନ୍ଦା ତଥା ଆନ୍ଧ୍ର ସପକ୍ଷବାଦୀଙ୍କ ନିକଟରେ ଆନ୍ଧ୍ର ସରକାର ପକ୍ଷରୁ ଆଧାର କାର୍ଡ, ଭୋଟର କାର୍ଡ ଓ ବିଦ୍ୟୁତ ସେବ। ଯୋଗାଇ ଆସୁଛି ଆନ୍ଧ୍ର । ଉଭୟ ରାଜ୍ୟର ଯୋଜନାର ଫାଇଦା ଉଠାଉଛନ୍ତି ଗ୍ରାମବାସୀ ତେଣୁ କିଛି ଆନ୍ଧ୍ର ଓ କିଛି ଓଡିଶାକୁ ସପକ୍ଷ କରୁଛନ୍ତି । ଗ୍ରାମରେ ଆନ୍ଧ୍ର ପକ୍ଷରୁ ଅଙ୍ଗନବାଡି ସେଣ୍ଟର ମଧ୍ୟ ଖୋଲାଯାଇଛି । ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ଧ୍ର ପକ୍ଷରୁ ଦିଆଯାଉଥିବା ସରକାରୀ ସୁବିଧାକୁ ରୋକ ଲଗାଇ ପାରୁ ନଥିବାରୁ ଏଭଳି ସ୍ଥିତି ଉପୁଜିବା ସ୍ୱାଭାବିକ । ଏହି ଗ୍ରାମ ଓଡିଶା ନା ଆନ୍ଧ୍ର ଜାଣିନଥିବା ପ୍ରକାଶ କରିବା ଏବଂ ଓଡିଶା ଓ ଆନ୍ଧ୍ର ପକ୍ଷରୁ ମିଳିତ ସର୍ଭେ କରାଯାଇ ବିବାଦ ସମାଧାନ କରାଯାଉ ବୋଲି ଦାବି କରିଛନ୍ତି ଆନ୍ଧ୍ର ସପକ୍ଷବାଦୀ ଶବର ଗୁରୁନଥ । ଅନ୍ୟପଟେ ସୀମା ବିବାଦର ସ୍ଥାୟୀ ସମାଧାନ ପାଇଁ ଦାବି ହୋଇ ଆସୁଥିବା ବେଳେ ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ତିନି ତିନି ଥର ଶ୍ରୀକାକୁଲମ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ସହଯୋଗ ଲୋଡ଼ିଥିଲେ ମଧ୍ୟ ଏଥିରେ ଆନ୍ଧ୍ର ପ୍ରଶାସନ ସହଯୋଗ କରୁନଥିବା ବେଳେ ମଝିରେ ମଝିରେ ଓଡ଼ିଶା ସୀମା ମଧ୍ୟରେ ପଶି ଆନ୍ଧ୍ର ଅଧିକାରୀ ଦାଦାଗିରି ଦେଖାଉଛନ୍ତି ବୋଲି କହିଛନ୍ତି ଉପଜିଲ୍ଲାପାଳ । ସୀମାକୁ ନେଇ ବିବାଦ ନୁଆ କଥା ନୁହେଁ ପୂର୍ବରୁ ସୀମା ବିବାଦକୁ ନେଇ ଉଭୟ ଜିଲ୍ଲା ପ୍ରଶାସନ ଏବଂ ଆନ୍ଧ୍ର ପ୍ରଦେଶର ମନ୍ତ୍ରୀ ଆସି ଧମକ ଦେବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଉଭୟ ରାଜ୍ୟ ସରକାର ଆଲୋଚନା ପୂର୍ବକ ଏନେଇ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହୋଇଥିବା ପ୍ରକାଶ କରିଛନ୍ତି ସ୍ଥାନୀୟ ସରପଞ୍ଚ ହରିବନ୍ଧୁ କାର୍ଯୀ ।

# ଜରାଜୀର୍ଣ୍ଣ ବୌଦ୍ଧ ରେଡକ୍ରସ ଭବନ

ବୌଦ୍ଧ,୮।୫ (ନିପ୍ର): ସମଗ୍ର ବିଶ୍ୱରେ ରେଡକ୍ରସ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ନେଇ ପ୍ରଶଂସିତ ହୋଇଅଛି । ବୌଦ୍ଧ ଜିଲ୍ଲାରେ ମଧ ରେଡକ୍ରସ ସଂସ୍ଥାର ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଅଛି । ବିଶେଷ ଭାବରେ ଜରୁରୀକାଳୀନ ସମୟରେ ଆର୍ଥିକ ସାହାଯ୍ୟ ଓ ଚିକିତ୍ସା ସେବା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଓ



ସହଯୋଗ କରାଯାଉଅଛି । ରେଡକ୍ରସ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମାଧ୍ୟମରେ ରକ୍ତର ଅଭାବକୁ ପୂରଣ କରି ଆସୁଅଛି । ବିଗତ ବର୍ଷଗୁଡ଼ିକରେ କାର୍ଯ୍ୟକ୍ରମର ସଫଳତାକୁ ନେଇ ରାଜ୍ୟ ଓ ଜାତୀୟ ସ୍ତରରେ ପୁରସ୍କୃତ ହୋଇ ସୁନାମ ଅର୍ଜନ କରିଛି । ରେଡକ୍ରସ ର ଆଜୀବନ ସଦସ୍ୟ ମାନଙ୍କ ଉଦ୍ୟମ କ୍ରମେ ୨୦୧୦ ମସିହାରେ ରେଡକ୍ରସ ଭବନ ନିର୍ମାଣ କରି ଉଦ ଘାଟନ ହୋଇଯାଇଛି । ସେହି ସମୟରେ ମୁଖ୍ୟ ଚିକିତ୍ସାଳୟର ଗୃହ ଅଭାବକୁ ନେଇ ରେଡକ୍ରସ ଭବନରେ ଜରୁରୀ ସ୍ୱାସ୍ଥ୍ୟ ସେବା ପାଇଁ ଜିଲ୍ଲାପାଳ ଏକବର୍ଷ ପାଇଁ ହସ୍ତାନ୍ତର କରାଯାଇଥିଲା । ଦୁଃଖର ବିଷୟ ଦୀର୍ଘ ୧୭ବର୍ଷ ବିତ ଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ରେଡକ୍ରସ ବିଭାଗ ନିଜ ହାତକୁ ନେଇ ନଥିବା କୁହାଯାଉଛି। ପ୍ରତ୍ୟେକ ବୈଠକରେ ଉପସ୍ଥାପନା କରାଯାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନାହିଁ ।ଗତ କାର୍ଯ୍ୟକାରୀ କମିଟିରେ ବିଶ୍ୱ ରେଡକ୍ରସ ଦିବସ ପୂର୍ବରୁ ରେଡକ୍ରସ ଭବନର ମରାମତି ଓ ରଙ୍ଗ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିବା ବେଳେ ତାହା ମଧ କାର୍ଯ୍ୟକାରୀ ହୋଇ ନ ଥିବା ଦେଖିବାକୁ ମିଳିଛି । ବିଶ୍ୱ ରେଡକ୍ରସ ଦିବସ ପାଳନ କରାଯାଇଛି । ରେଡକ୍ରସ ଭବନ ଅବସ୍ଥା ଅତି ଦୟନୀୟ ଅବସ୍ଥାରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଉଛି

# ଡାବୁଗାଁରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା

ଡାବୁଗାଁ,୮।୫ (ନିପ୍ର): ଡ଼ାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସମିର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜନ ଶୁଣାଣି କାର୍ଯ୍ୟକ୍ରମରେ ହୋଇଥିବା ମନରେଗା ଓ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ହୋଇଥିବା ଖର୍ଚ୍ଚ ଓ ପ୍ରକଳ୍ପର ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଏହି ସମୟ ମଧ୍ୟରେ ଡାବୁଗାଁ ବ୍ଲକ ର ୧୨ଟି ଗ୍ରାମପଞ୍ଚାୟତ ପାଇଁ ୬ ଲକ୍ଷ ୬ ହଜାର ୭୨୪ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ବେଳେ ୧୩୮୩୯ ପରିବାର କାର୍ଯ୍ୟ କରିବା ପାଇଁ ପଞ୍ଜୀକୃତ ହୋଇଥିଲେ ୯୦୬୪ ପରିବାର ୧୦୦ ଦିନ କାମ ପାଇଥିଲେ । ଏହି ସମୟ ମଧ୍ୟରେ ୧୫ କୋଟି ୬୪ ଲକ୍ଷ ୨୩ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୩୮୫୪ ପ୍ରକଳ୍ପ ମଧ୍ୟରୁ ୨୩୪୪ ପ୍ରକଳ୍ପ ଶେଷ ହୋଇଥିଲା। ବିଶେଷକରି ସାଇନ୍ ବୋର୍ଡ ଓ ପଞ୍ଚାୟତର ରେଜିଷ୍ଟ୍ରାର ଠିକ୍‌ରେ ପରିଚାଳନା କରାଯାଉ ନଥିବା ନେଇ ବ୍ଲକ ସାମାଜିକ ସମୀକ୍ଷକ କହିଥିଲେ । ନୂତନ ଜବକାର୍ଡ ଧାରିଙ୍କ ନାମ ପଞ୍ଜୀକୃତ ପାଇଁ ବ୍ୟାପକ ପ୍ରଚାର ପ୍ରସାର କରିବାକୁ କୁହା ଯାଇଥିଲା ।ଗ୍ରାମ ପଞ୍ଚାୟତ ଗୁଡ଼ିକର ରେଜିଷ୍ଟ୍ରାରରେ ଦେଖାଦେଇଥିବା ତ୍ରୁଟିକୁ ୭ ଦିନ ମଧ୍ୟରେ ସଂଶୋଧନ କରି ବିଡିଓଙ୍କୁ ଅବଗତ କରିବାକୁ ସମସ୍ତ ପିଇଓ, ଜିଆରଏସଙ୍କୁ କୁହା ଯାଇଥିଲା । ସେହି ପରି ସର୍ବଶିକ୍ଷା ଅଭିଯାନରେ ବିଦ୍ୟାଳୟ ଗୁଡ଼ିକର ଅବ୍ୟବସ୍ଥା ସମ୍ପର୍କରେ ଅଭିଯୋଗ ହୋଇଥିଲା । ବିଶେଷ କରି ବିଦ୍ୟାଳୟ ଗୁଡ଼ିର ଭିତ୍ତିଭୂମିରେ ସମସ୍ୟା , ଶୌଚାଳୟ ସଫା ସୁତୁରା ରଖିବା,ରୋଷେଇ ଗୃହ ପରିଷ୍କାର ପରିଚ୍ଛନ୍ନ ଉପରେ ଗୁରୁତ୍ୱାରୋପ କରାଯାଇଛି ।

# ୩୦ ଗ୍ରାମ ବ୍ରାଉନସୁଗର ଜବତ, ୪ ଗିରଫ

ବୌଦ୍ଧ,୮।୫ (ନିପ୍ର): ବୌଦ୍ଧ ଜିଲା ଗଞ୍ଜେଇ ନେଇ ସବୁବେଳେ ଚର୍ଚ୍ଚାରେ ଥିବା ବେଳେ ପୁଣି ବୁଧବାର ବ୍ରାଉନ ସୁଗର ଧରାପଡିବା ପରେ ଜିଲାରେ ଏକ ପ୍ରକାର ବ୍ରାଉନ ସୁଗର କାରବାର ବୃଦ୍ଧି ହୋଇଥିବା ଜଣାପଡିଛି । ଜିଲାରେ ପ୍ରଥମ ଥର ଗତ ୧୮.୩.୨୫ରେ ୨୨.୬୭ ଗ୍ରାମ ବ୍ରାଉନ ସୁଗର ଜବତ ହୋଇଥିବା ବେଳେ ବୌଦ୍ଧ ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା । ପୁଣି ବୁଧବାର ସକାଳେ ବୌଦ୍ଧ ସହରର ନିକଟସ୍ଥ ଜଗଦିଶପୁର ଗ୍ରାମ ଛକ ଠାରେ ଚଢାଉ କରି ୩୦ ଗ୍ରାମ ବ୍ରାଉନ ସୁଗର ଜବତ କରିଥିବା ବେଳେ ୪ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି । ବ୍ରାଉନ ସୁଗାର ଜବତ ହେବ ପରେ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟେଲ ଜିଲା ପୋଲିସ କାର୍ଯ୍ୟାଳୟ ଠାରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି । ଆରକ୍ଷୀ ଅଧୀକ୍ଷକ ଶ୍ରୀ ଗୋୟେଲଙ୍କ ସୂଚନା ଅନୁଯାୟର ବୌଦ୍ଧ ପୋଲିସ ବୁଧବାର ଭୋର ସମୟରେ ବୌଦ୍ଧଥାନା ଅନ୍ତର୍ଗତ ଜଗଦୀଶପୁର ଗ୍ରାମ ଛକ ଠାରେ ଚଢାଉ କରି ୩୦ ଗ୍ରାମ ବ୍ରାଉନସୁଗର ଜବତ କରିଥିବା ବେଳେ ଏନେଇ ବୌଦ୍ଧ ଥାନାରେ କେସ ନଂ ୨୧୨/୨୬ରେ ମାମଲା ରୁଜୁ କରି ଏହି ମାମଲାରେ ୪ ଜଣକୁ ପୋଲିସ ଗିରଫ କରିଛି । ଜବତ ବ୍ରାଉନସୁଗର ଆନୁମାନିକ ମୂଲ୍ୟ ତିନି ଲକ୍ଷ ଟଙ୍କା ହେବ । ଗିରଫ ଅଭିଯୁକ୍ତମାନେ ବୌଦ୍ଧ ସହରର ଖଲିଆବଗିଚା ସାହିର ପ୍ରଦୀପ କୁମାର ସେଠୀ(୨୪), ଇରିକେଶନ କଲୋନୀର ପ୍ରୀତମ ଦେହୁରୀ(୨୩), ଇରିକେଶନ କଲୋନୀର ବିଶ୍ୱନାଥ ଭୋଇ(୧୯) ଓ ବାବୁସାହିର ସତ୍ୟବ୍ରତ ସିଂ(୨୩) ବୋଲି ଏସପି ସୂଚନା ଦେଇଥିଲେ । ପ୍ରୀତମ ପୂର୍ବରୁ ୧୮.୩.୨୫ରେ ବ୍ରାଉନସୁଗର କାରବାରରେ ଗିରଫ ହୋଇଥିଲା । ଏବେ ପୁଣିଥରେ ସେ ବ୍ରାଉନସୁଗର କାରବାରରେ ଜଡିତ ରହିଛି ବୋଲି ଏସପି ସୂଚନା ଦେଇଥିଲେ । ପୋଲିସ ଅଭିଯୁକ୍ତଙ୍କ ଠାରୁ ବ୍ରାଉନସୁଗର ସହିତ ଗୋଟିଏ ଫୋଲଡିଙ୍ଗ ଛୁରୀ, ୧୫ ଶହ ଟଙ୍କା, ମାଟିର ଚିଲମ, ବ୍ୟବହୃତ କାଗଜ ପୁଡିଆକୁ ଜବତ କରିଥିଲା । ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରୁ ଏହି ବ୍ରାଉନସୁଗର ଆଣି ବୌଦ୍ଧଜିଲାରେ ବିକ୍ରି କରୁଥିବା ନେଇ ଆରକ୍ଷୀ ଅଧୀକ୍ଷକ ସୁଚନା ଦେବା ସହ ଏହାର ମୂଳପର୍ଯ୍ୟନ୍ତ ପହଞ୍ଚିବା ପାଇଁ ବୌଦ୍ଧ ପୋଲିସର ଏକ ଟିମ ବାଲେଶ୍ୱର ଜିଲାକୁ ଯାଇଥିବା ଆରକ୍ଷୀ ଅଧୀକ୍ଷକ ପ୍ରକାଶ କରିଥିଲେ ।

# ଭାଜପା ମହିଳା ମୋର୍ଚ୍ଚା ତରଫରୁ ଜନ-ଆକ୍ରୋଶ ସମାବେଶ

କେସିଙ୍ଗା-୮/୫(ନିପ୍ର) କଳାହାଣ୍ଡି ଜିଲା କେସିଙ୍ଗା ଭାଜପାର ମହିଳା ମୋର୍ଚ୍ଚା ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ପାଳିତ ହୋଇଯାଇଛି । ଭାଜପା ନଗର ସଭାପତି ପିଙ୍କୁ ପରିଡାଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା । ନାରୀ ଶକ୍ତି ବନ୍ଦନ ଅଧିନିୟମ (ମହିଳା ସଂରକ୍ଷଣ ବିଲ୍) ସମ୍ବନ୍ଧୀୟ ୧୭ ଏପ୍ରିଲ ୨୦୨୬ ରେ, ଏନଡିଏ ସରକାର ଲୋକସଭାରେ ଶତକଡା ୩୩ଭାଗ ମହିଳା ସଂରକ୍ଷଣ ଲାଗୁ କରିବାକୁ ଏକ ନୂତନ ସାମ୍ବିଧାନିକ ସଂଶୋଧନ ବିଲ୍ ଆଗତ କରିଥିଲେ



। କିନ୍ତୁ ତାହା ଗୃହରେ ପାରିତ ହେଲା ନାହିଁ । ତେଣୁ ସାରା ଭାରତ ବର୍ଷରେ ଭାଜପା ପାର୍ଟି ତରଫରୁ ଜନ ଆକ୍ରୋଶ ମହିଳା ସମାବେଶ କରି ତୀବ୍ର ବିରୋଧ କରାଯାଉଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଗୌରୀ ଶଙ୍କର ମନ୍ଦିରରୁ ବ୍ଲକ ପରିସର ପର୍ଯ୍ୟନ୍ତ ଶତାଧିକ ମହିଳାଙ୍କ ସମାବେଶ ହୋଇ ଜନ-ଆକ୍ରୋଶ ରାଲି ଅନୁଷ୍ଠିତ ହୋଇଥିଲା। ଏହା କେସିଙ୍ଗା ନଗର ସଭାପତି ପିଙ୍କୁ ପରିଡା ଓ ମହିଳା ସଭାନେତ୍ରୀ ଯାଜ୍ଞସେନୀ ସାହୁଙ୍କ ନେତୃତ୍ୱରେ କରାଯାଇଥିଲା । କଂଗ୍ରେସ ଓ ବିଜେଡି ଏହି ନାରୀ ବନ୍ଦନା ବିଲ୍‌କୁ ସମର୍ଥନ ନ କରିଥିବାରୁ ଆଗାମୀ ଦିନରେ ନାରୀମାନେ ତାଙ୍କର ଶକ୍ତି ପ୍ରଦର୍ଶିତ କରିବେ ବୋଲି ଦଳ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ସମାବେଶରେ ଜିଲା ଉପସଭାପତି ସନ୍ତୋଷିନୀ ଦାଶ, ଜିଲା ମହିଳା ମୋର୍ଚ୍ଚା ସଂପାଦିକା ଶୋଭାଙ୍ଗିନୀ ପାତ୍ର, ଜିଲା ସଦସ୍ୟ ପୁଷ୍ପାଞ୍ଜଳି ନାୟକ, ପୂର୍ବତନ ନଗରପାଳ ସରିତା ସିନ୍ଧୁର, ବିର୍ଦ୍ଧି ଜୈନ, ପ୍ରଶାନ୍ତ ବାନାର୍ଜୀ, ମଗନ ସିନ୍ଧୁର, ବଣ୍ଟି ଜୈନ, ସନ୍ତୋଷ ଦାଶ, ସୁନୀଲ ଜୈନ ସହ ସମସ୍ତ କେସିଙ୍ଗା ଭାଜପା କର୍ମୀ ଯୋଗଦାନ କରିଥିଲେ।

# ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ଅଣ୍ଟା ଭିଡ଼ିଲା ଲାଞ୍ଜିଗଡ଼ ପ୍ରେସ କ୍ଲବ

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ

ଲାଞ୍ଜିଗଡ଼,୮।୫ (ନିପ୍ର): ଲାଞ୍ଜିଗଡ଼ ବ୍ଲକ ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତ କରି ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିଛି ଅଗ୍ରଣୀ ସାମ୍ବାଦିକ ସଂଗଠନ ଲାଞ୍ଜିଗଡ଼ ପ୍ରେସ କ୍ଲବ। ଲାଞ୍ଜିଗଡ଼ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଞ୍ଚଳର ୧୩ ଗୋଟି ପଞ୍ଚାୟତ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ର କୋଠାକୁ ଶତାଧିକ ବର୍ଷ ବିତି ସାରିଛି। ଏହା ଏବେ ଭଙ୍ଗାଦଦରା ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଣ୍ଠୁଏ ପାଣି ଜମୁଛି। ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କୋଠା ନିର୍ମାଣ ପାଇଁ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଜାଗା ଚିହ୍ନଟ ହୋଇପାରୁନଥିବାରୁ ଏହା ଅଟକି ରହିଛି। ଷ୍ଟାଫ କ୍ୱାର୍ଟର ନଥିବାରୁ ଡାକ୍ତର ଓ କର୍ମଚାରୀମାନେ ମଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ଶିକ୍ଷାଞ୍ଚଳ ଲାଞ୍ଜିଗଡରେ ଜାଗା ଚିହ୍ନଟ ସହିତ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ଓ ଷ୍ଟାଫ କ୍ୱାର୍ଟର ନିର୍ମାଣ କରାଯିବାର ଆବଶ୍ୟକତା ରହିଛି। ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୧୬ ଗୋଟି ପଞ୍ଚାୟତ ଲୋକେ ନିର୍ଭର କରୁଥିବାବେଳେ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପାଇଁ ଅଲଟ୍ରାସାଉଣ୍ଡ ମେସିନ, ଦୁର୍ଘଟଣା ପ୍ରବଣ ଅଞ୍ଚଳ ହେତୁ ଏକ୍ସରେ ମେସିନ ସ୍ଥାପନ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ ସମେତ ଭେଷଜ ବିଶେଷଜ୍ଞ ପଦବୀ ପୂରଣ, ଖାଲି ଥିବା ଚାରିଜଣ ଷ୍ଟାଫ ନର୍ସ, ଖାଲି ଥିବା ଦୁଇ ଜଣ ଫାର୍ମାସିଷ୍ଟ, ଦୁଇ ଜଣ ଲାବ ଟେକ୍ନିସିଆନ ପଦବୀ, ଖାଲି ଥିବା ୫ ଜଣ ପରିଦର୍ଶକ, ଜନସ୍ୱାସ୍ଥ୍ୟ ଅଧିକାରୀ ପଦବୀ ପୂରଣ, ଷ୍ଟାଫ କ୍ୱାର୍ଟର ନିର୍ମାଣର ଅତ୍ୟନ୍ତ



ଆବଶ୍ୟକତା ରହିଛି। ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସିଏଚସି ମାନ୍ୟତା, ଷ୍ଟାଫ୍ କ୍ୱାର୍ଟର ନିର୍ମାଣ, ଲାଞ୍ଜିଗଡ ରୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ, ନୂତନ ହସ୍ପିଟାଲ କୋଠା ନିର୍ମାଣ, ଷ୍ଟାଫ୍ କ୍ୱାର୍ଟର ନିର୍ମାଣ, ମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ଥିବା ପଦବୀ ପୂରଣର ଆବଶ୍ୟକତା ରହିଛି। ବିଶ୍ୱନାଥପୁରଠାରେ ଏକ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣର ଆବଶ୍ୟକତା ରହିଛି। ଦୁଇଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ ତିନୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନିରାମୟ ଯୋଜନାରେ ପର୍ଯ୍ୟାପ୍ତ ପରିମାଣର ଔଷଧ ଯୋଗାଇଦେବାର ଆବଶ୍ୟକତା ରହିଛି ।ବ୍ଲକର ଘାଟି ଅଞ୍ଚଳରେ ଅଚଳ ହୋଇ ପଡିଥିବା ବାଇକ ଆମ୍ବୁଲାନ୍ସ ସଜାଡିବା ସହିତ ସ୍ୱତନ୍ତ୍ର ଭାବେ ଆଉ ଗୋଟିଏ ୧୧୨ ଆମ୍ବୁଲାନ୍ସ ଯୋଗାଇଦେବାର ଆବଶ୍ୟକତା ରହିଛି। ଏସବୁ ଦାବି ନେଇ ପ୍ରେସ କ୍ଲବର କର୍ମକର୍ତ୍ତା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗଙ୍କ ନେତୃତ୍ୱରେ ଉପଦେଷ୍ଟା କୈଳାସ ସାହୁ, ଉପସଭାପତି କ୍ଷମାନିଧି ମହାଖୁଡ଼, ସାଧାରଣ ସଂପାଦକ ଏମ. ଚନ୍ଦ୍ରଶେଖର, କୋଷାଧ୍ୟକ୍ଷ ପରେଶ ନାୟକ, ସଦସ୍ୟ ରମେଶ ଚନ୍ଦ୍ର ନାୟକ, ଦିଲୀପ ନାଏକ, ପ୍ରଭୁରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ଗ୍ରହଣ ସହିତ ପ୍ରେସ କ୍ଲବର ଏହି ଦାବିଗୁଡ଼ିକ ଯଥାର୍ଥ ଓ ବର୍ଷକ ମଧ୍ୟରେ ବିଭାଗ ଏସବୁ ସମାଧାନ ପାଇଁ ପଦକ୍ଷେପ ନେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ୯ରୁ ଆଦିବାସୀ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ 'ଢ଼ଙ୍ଗର'

ଭବାନୀପାଟଣା, ୮/୫ (ନି.ପ୍ର)- କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନ (ଏମ ଏସ ଏ)ର ରଙ୍ଗ ମଞ୍ଚରେ ଆସନ୍ତା ୯ ତାରିଖ ଶନିବାର ଠାରୁ ଆଦିବାସୀ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ 'ଢ଼ଙ୍ଗର' ଅନୁଷ୍ଠିତ ହେବାକୁ ଯାଉଛି। ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, କଳାହାଣ୍ଡି ଜିଲା ସଂସ୍କୃତି ପରିଷଦ ଓ ଶୁଭମ୍ ଅନୁଷ୍ଠାନ ମିଳିତ ସହଯୋଗରେ ଏହା ଆୟୋଜିତ ହେବ। ଏହାକୁ ନେଇ ଭବାନୀପାଟଣା ସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । 'ଢ଼ଙ୍ଗର' ମହୋତ୍ସବ ଆସନ୍ତା ୯ ଓ ୧୦ ତାରିଖ ପ୍ରତ୍ୟେକ ଦିନ ସଂନ୍ଧ୍ୟାରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଜିଲାର ସୁନାମଧନ୍ୟ ସାଂସ୍କୃତିକ ଦଳ ଯୋଗଦେଇ ତାଙ୍କର ନୃତ୍ୟ କଳା ପରିବେଷଣ କରିବେ ବୋଲି ଉପସ୍ଥିତ ଅତିଥିମାନେ ପ୍ରକାଶ କରିଥିଲେ। ୨ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମରେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ରଙ୍ଗମଞ୍ଚ ଦୁଲୁକିବ।

# ଯୁବକ ଓ ପୋଲିସ ମଧ୍ୟରେ ମାଡପିଟ ଘଟଣା: ୪ ଗିରଫ

ବୌଦ୍ଧ,୮।୫ (ନିପ୍ର): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଥାନାରେ ଗତ ମଙ୍ଗଳବାର କରଞ୍ଜକଟା ଗ୍ରାମରେ ଥିବା ପଶୁ ଡାକ୍ତରଖାନାର ପରିସରରେ ଥିବା ଏକ ଗଛ କଟାକୁ କେନ୍ଦ୍ର କରି କିଛି ଯୁବକ ଓ ପୁରୁଣାକଟକ ପୋଲିସ ମାଡପିଟ ହୋଇଥିଲା । ଗ୍ରାମର ୧୫ରୁ ଅଧିକ ଯୁବକ ପୁରୁଣାକଟକ ଥାନା ଭିତରକୁ ପଶିବା ସହ ପୋଲିସ ସହ ଗଣ୍ଡଗୋଳ କରିବା ସହ ଉଭୟ ମଧ୍ୟର ମାଡପିଟ ହୋଇଥିଲା। ପୁରୁଣାକଟକ ପୋଲିସ ଏହି ଘଟଣାକୁ ଗୁରୁତର ସହ ନେବା ସହିତ ଥାନା କେସନଂ ୮୫/୨୬ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପୋଲିସ ଗ୍ରାମର ୪ ଯୁବକଙ୍କୁ ବୁଧବାର ଗିରଫ କରିବା ସହ କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ଅତିରାତ୍ର ପ୍ରଧାନ (୫୦), ଜିତେନ୍ଦ୍ର ପ୍ରଧାନ (୫୩), ଗପୁନ ସାହୁ(୨୨) ଓ ପିକୁନ ରାଜହଂସ (୨୧)। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ସୂତ୍ରରୁ ଜଣାପଡିଛି।

# ଜନକଲ୍ୟାଣମୂଳକ ଯୋଜନା ସମସ୍ତ ଯୋଗ୍ୟ ପରିବାରଙ୍କ ପାଖରେ ପହଞ୍ଚା ଯାଉ

ବୌଦ୍ଧ,୮।୫ (ନିପ୍ର) ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦିନିକିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ସେ ନୂତନ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ କରିଥିଲେ । ପରେ ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପାତ୍ର ଯୋଗଦେଇ ନୂତନ ହିତାଧିକାରୀମାନଙ୍କୁ ଖାଉଟି କାର୍ଡ ବଣ୍ଟନ କରି ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ସମସ୍ତ ଯୋଗ୍ୟ ପରିବାରଙ୍କ ପାଖକୁ ପହଞ୍ଚାଇବାକୁ ଗୁରୁତ୍ୱ ଦେଇଥିଲେ । ତାପରେ ଜିଲ୍ଲା ଯୋଗାଣ ବିଭାଗର କାର୍ଯ୍ୟ ସମୀକ୍ଷା ବୈଠକରେ ଯୋଗଦେଇ ଖାଦ୍ୟ ସୁରକ୍ଷା ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ, ହିତାଧିକାରୀମାନଙ୍କୁ ଠିକ୍ ସମୟରେ ଖାଉଟି ସାମଗ୍ରୀ ବଣ୍ଟନ ଓ ପାରଦର୍ଶିତାର ସହ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସମୀକ୍ଷାରୁ ଜଣାଗଲାଯେ ଜିଲ୍ଲାରେ ୨୦୨୫-୨୬ ବର୍ଷ ପାଇଁ ଖରିଫ ଋତୁରେ ୪୪,୮୯୮ ଜଣ ଚାଷୀଙ୍କ ଠାରୁ ୬୨ ଟି ମଣ୍ଡି ଦ୍ୱାରା ୨୦,୭୨,୯୫୫ କୁଇଣ୍ଟାଲ ଧାନ କ୍ରୟ ହୋଇଛି । ଯାହକି ଧାର୍ଯ୍ୟ ଲକ୍ଷର ୯୯.୮୫% । ମନ୍ତ୍ରୀ ଏଥିପାଇଁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । ଚଳିତ ରବିଋତୁ ପାଇଁ ୮,୨୯୦ ଜଣ ଚାଷୀ ୨୪ ଟି ମଣ୍ଡିରେ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଛନ୍ତି । ଜିଲ୍ଲାରେ କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ପିଏଚଏଚ ବର୍ଗରେ ୯୪,୫୪୨ଟି ପରିବାରର ପ୍ରତ୍ୟେକ ହିତାଧିକାରୀଙ୍କୁ ମାସିକ ୫ କିଲୋ ଚାଉଳ ଏବଂ ଅନ୍ତୋଦୟ ଅନ୍ନ ଯୋଜନାରେ ୧୬,୨୩୫ ଟି ପରିବାରଙ୍କୁ ମାସିକ ୩୫ କିଲୋ ଚାଉଳ ଦିଆଯାଉଛି । ସେହିପରି ରାଜ୍ୟ ଯୋଜନାରେ ୩,୩୬୭ ଟି ପରିବାର ଏବଂ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ପ୍ରତି ହିତାଧିକାରୀଙ୍କୁ ୧୧୪୧୪୪ ଟି କାର୍ଡରେ ମାସିକ ୫ କିଲୋ ଚାଉଳ ବିନା ମୂଲ୍ୟରେ ଯୋଗାଇ



ଦିଆଯାଉଛି । ଜିଲ୍ଲାର ସର୍ବମୋଟ ୩,୬୧,୩୭୪ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ବିନା ମୂଲ୍ୟରେ ଖାଦ୍ୟାନ୍ନ ଯୋଗାଇ ଦିଆଯାଉଛି । ଜିଲ୍ଲାର ୯୭% ଖାଉଟି ହିତାଧିକାରୀଙ୍କ ଇ- କେ.ୱାଇ.ସି ଭେରିଫିକେଶନ ସମ୍ପୂର୍ଣ୍ଣ ହୋଇଛି । ଜିଲ୍ଲାରେ ଆଜିର ଦିନରେ ବିଭିନ୍ନ ବିତରଣ କମ୍ପାନୀ ପାଖରେ ଘରୋଇ ଜାଳେଣୀ ଗ୍ୟାସ ସିଲିଣ୍ଡର ୧,୬୧୭ ଟି ବ୍ୟବସାୟୀକ ୮୨ ଟି ଏବଂ ୫ କିଲୋ ସିଲିଣ୍ଡର ୧୨୬ଟି ମହଜୁଦ ଅଛି । ସେହିପରି ଜିଲ୍ଲାର ୨୮ ଟି ତୈଳ ବିତରଣକାରୀ କେନ୍ଦ୍ର ମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଡିଜେଲ, ପେଟ୍ରୋଲ ମହଜୁଦ ଅଛି । ଏହାପରେ ମନ୍ତ୍ରୀ ଜିଲ୍ଲାର କୃଷି ଏବଂ ଉଦ୍ୟାନ କୃଷି ବିଭାଗର କାର୍ଯ୍ୟାବଳୀର ସମୀକ୍ଷା କରି ଇଣ୍ଟିଗ୍ରେଟେଡ ଫାର୍ମିଂ ଦ୍ୱାରା କୃଷକମାନଙ୍କୁ ସମୃଦ୍ଧ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଏସପି ରାହୁଲ ଗୋଏଲ,କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ସ୍ଥାନୀୟ ଜନପ୍ରତିନିଧି, ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀଗଣ, ଯୋଗାଣ ବିଭାଗର କର୍ମଚାରୀ ଓ ବହୁ ସଂଖ୍ୟକ ହିତାଧିକାରୀ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ସେମାନଙ୍କୁ ସାକ୍ଷାତକାର ଦେଇ ମନ୍ତ୍ରୀ କହିଲେ ଯେ ଜିଲ୍ଲାରେ ଜାଳେଣୀ ଗ୍ୟାସ, ଡିଜେଲ, ପେଟ୍ରୋଲର କୌଣସି ଅଭାବ ନାହିଁ । ଜିଲ୍ଲାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ନିଶ୍ଚିତ ଭାବେ ସାମିଲ କରି ବିନା ମୂଲ୍ୟରେ ଚାଉଳ ଯୋଗାଇ ଦିଆଯିବ ।

# ଜନ ବିରୋଧୀ କାର୍ଯ୍ୟ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର, ସମାଧାନ ନ ହେଲେ ଆନ୍ଦୋଳନ

ଝାରସୁଗୁଡ଼ା, ୮/୫ (ନିପ୍ର): ଝାରସୁଗୁଡ଼ା ଜିଲ୍ଲା ମରାକୁଟା ସ୍ଥିତ ଓଡ଼ିଶା ମେଟାଲିକ୍ସ କମ୍ପାନୀର ଜନବିରୋଧୀ କାର୍ଯ୍ୟକଳାପ ନେଇ ଅଭିଯୋଗ ହୋଇଛି। ଏନେଇ ମରାକୁଟା ଗ୍ରାମ ପଞ୍ଚାୟତ ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇଛି। ଶୁକ୍ରବାର ଗ୍ରାମବାସୀମାନେ ଏକତ୍ର ହୋଇ ଝାରସୁଗୁଡ଼ା ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଉପ-ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କମ୍ପାନୀ ପ୍ରତିଷ୍ଠା ହେବା ପରେ ଅନେକ ପରିବାର ନିଜର ଚାଷଜମି ହରାଇଥିଲେ ମଧ୍ୟ ସେମାନଙ୍କୁ କମ୍ପାନୀରେ ନିଯୁକ୍ତି ଦିଆଯାଉ ନାହିଁ। ଏଥିସହିତ ପୂର୍ବରୁ କାର୍ଯ୍ୟରତ ଅଭିଜ୍ଞ ସ୍ଥାନୀୟ କର୍ମଚାରୀମାନଙ୍କୁ କୌଣସି କାରଣ ନଥାଇ ଛଟେଇ କରାଯାଉଛି କିମ୍ବା ସେମାନଙ୍କୁ ଠିକା ସଂସ୍ଥା ଅଧୀନରେ କାମ କରିବାକୁ ବାଧ୍ୟ କରାଯାଉଛି। ଅନ୍ୟପଟେ କମ୍ପାନୀ ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦେବାରେ ଅଧିକ ଆଗ୍ରହ ପ୍ରକାଶ କରୁଥିବା ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟ ଏକ ଗୁରୁତର ଅଭିଯୋଗ ଅନୁଯାୟୀ, କମ୍ପାନୀ ବେଆଇନ ଭାବେ ପ୍ରାୟ ୫୨ ଏକର ଗୋଚର ଜମି ଓ ଶ୍ମଶାନ ଜମିକୁ କବଜା କରି ପାଚେରି ନିର୍ମାଣ କରିଛି, ଯାହା ଫଳରେ ଗ୍ରାମବାସୀଙ୍କ ଗୋରୁଗାଈଙ୍କ ଚରିବା ପାଇଁ ସମସ୍ୟା ସୃଷ୍ଟି ହେଉଛନ୍ତି ।ଏହି ସବୁ ସମସ୍ୟା ର ସମାଧାନ ଯଦି ଆସନ୍ତା ମେ' ୧୩ ତାରିଖ ମଧ୍ୟରେ କମ୍ପାନୀ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆନଯାଏ, ତେବେ ଗ୍ରାମବାସୀମାନେକମ୍ପାନୀର ମୁଖ୍ୟ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ମରାକୁଟା ସରପଞ୍ଚ ଲିଲି ତନ୍ତୀ , ସମିତି ସଭ୍ୟା ସୁଜାତା ମେହେର, ନାଏବ ସରପଞ୍ଚ ଆଶିଷ କୁମାର ଗର୍ଡିଆଙ୍କ ସାହିତ୍ୟ ଗୋଲାପ ବେହେରା, ଦିଲେଶ୍ୱର ମେହେର ଓ ଅନ୍ୟାନ୍ୟ ଗ୍ରାମବାସୀମାନେ ଉପସ୍ଥିତ ଥିଲେ ।ସୂଚନା ଥାଉ କି ଧୀରେ ଧୀରେ ଉକ୍ତ କମ୍ପାନୀର ବେଆଇନ କାର୍ଯ୍ୟ କଳାପ କୁ ଅଂଚଳ ରେ ଧୀରେ ଧୀରେ ଜନ ଅସନ୍ତୋଷ ବଢିବା ରେ ଲାଗିଲାଣି ।ଯଦି କମ୍ପାନୀ ଓ ଜିଲ୍ଲା ପ୍ରଶାସନ ଏହା ଉପରେ ସଠିକ ପଦକ୍ଷେପ ନ ନିଅନ୍ତି, ଆଗାମୀ ଦିନରେ ଏହା ବିରାଟ ଜନ ଆନ୍ଦୋଳନର ରୂପ ନେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

# ହଣ୍ଟା ଭାଇରସ୍ ବ୍ୟାପିଥିବା ଜାହାଜରେ ଦୁଇ ଭାରତୀୟ



ନୂଆଦିଲ୍ଲୀ,୮।୫: ଆଟଲାଣ୍ଟିକ ମହାସାଗରରେ କେପ୍ ଭର୍ଡେ ନିକଟରେ ଅଟକି ରହିଥିବା କ୍ରୁଜ ଜାହାଜ 'ଏମ୍ଭି ହଣ୍ଡିୟସ୍'ରେ ହଣ୍ଟାଭାଇରସ୍ ବ୍ୟାପିବା ଘଟଣା ଏବେ ସମସ୍ତଙ୍କୁ ଭୟଭୀତ କରିଛି । ଜାହାଜରେ ଥିବା କ୍ରୁ ସଦସ୍ୟଙ୍କ ମଧ୍ୟରେ ଦୁଇଜଣ ଭାରତୀୟ ଅଛନ୍ତି। ଜାହାଜରେ ହଣ୍ଟାଭାଇରସ୍ ବ୍ୟାପିଥିବାବେଳେ ଏଥିରେ ୧୧ ଜଣ ଆକ୍ରାନ୍ତ ହୋଇଥିବାବେଳେ ତିନି ଜଣଙ୍କର ମୃତ୍ୟୁ ହୋଇଛି। 'ଓସିଏନବାଇଡ' ଏକ୍ସପେଡିସନ୍ସ' କମ୍ପାନିର ଏହି ବିଳାସପୂର୍ଣ୍ଣ ଜାହାଜ ଏପ୍ରିଲ ପହିଲାରେ ଆର୍ଜେଣ୍ଟିନାର ଉସୁଆଇଆଠାରୁ ଯାତ୍ରା ଆରମ୍ଭ କରିଥିଲା। ମେ ୧୦ ତାରିଖ ସୁଦ୍ଧା ଏହା ସ୍ପେନର କେନରି ଦ୍ୱୀପ ପହଞ୍ଚିବାର ସମ୍ଭାବନା ରହିଛି। ଯାତ୍ରା ଆରମ୍ଭ ବେଳେ ଜାହାଜରେ ୨୮ ଦେଶର ୧୫୦ ଯାତ୍ରୀ ଓ କ୍ରୁ ସଦସ୍ୟ ସାମିଲ ଥିଲେ। ଏପ୍ରିଲ ୧୧ ତାରିଖରେ ଜାହାଜରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା। ୨୪ ଏପ୍ରିଲରେ ମୃତଦେହ ସେଣ୍ଟ ହେଲେନା ଦ୍ୱୀପରେ ଛାଡ଼ି ଦିଆଯାଇଥିଲା। ପରେ ଉକ୍ତ ଯାତ୍ରୀଙ୍କ ପତ୍ନୀ ଅସୁସ୍ଥ ହୋଇଥିଲେ ଓ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ଉଭୟ ଡଚ୍ ନାଗରିକ ଥିଲେ। ଏପ୍ରିଲ ୨୭ରେ ଆଉ ଜଣେ ଯାତ୍ରୀ ଅସୁସ୍ଥ ହୋଇଥିଲେ। ମେ ୨ରେ ଜଣେ ଜର୍ମାନ ନାଗରିକଙ୍କର ମୃତ୍ୟୁ ହୋଇଥିଲା। ସେତେବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଚେତାବନୀ ଦେଇଥିଲା ଓ ଜାହାଜଟିକୁ କେପ୍ ଭର୍ଡ଼ଠାରେ ଅଟକିବାକୁ କହିଥିଲା। ବିବିସି ରିପୋର୍ଟ ଅନୁଯାୟୀ, ଜାହାଜରେ ଫିଲିପାଇନ୍ସର ୩୮, ବ୍ରିଟେନର ୩୧, ଆମେରିକାର ୨୩, ନେଦରଲ୍ୟାଣ୍ଡର ୧୬, ସ୍ପେନର ୧୪, ଜର୍ମାନୀର ୯, କାନାଡାର ୬ ଓ ଭାରତର ଦୁଇ କ୍ରୁ ସଦସ୍ୟ ଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ହଣ୍ଟାଭାଇରସ୍ ନେଇ ଚେତାବନୀ ଜାରି କରିଛି। ଏହା କୋଭିଡ-୧୯ ଭାଇରସ ପରି ନୁହେଁ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିଛି। ହଣ୍ଟା ଭାଇରସ ସାଧାରଣତଃ ମୂଷାଠାରୁ ବ୍ୟାପିଥାଏ, ଏହା ମନୁଷ୍ୟଠାରୁ ମନୁଷ୍ୟକୁ ମଧ୍ୟ ବ୍ୟାପି ପାରିବ।

# ଆସାମ, ପଶ୍ଚିମବଙ୍ଗରେ ବିଜେପି ବିଜୟରେ ଭୟଭୀତ ବାଂଲାଦେଶ

ନୂଆଦିଲ୍ଲୀ,୮।୫: ଭାରତରେ ବାଂଲାଦେଶୀଙ୍କ ବେଆଇନ ଅନୁପ୍ରବେଶକୁ ନେଇ ଦୀର୍ଘଦିନ ହେଲା ଦୁଇ ଦେଶ ଭିତରେ ତିକ୍ତତା ଲାଗି ରହିଥିବା ବେଳେ ଉଭୟ ପଶ୍ଚିମବଙ୍ଗ ଓ ଆସାମରେ ବିଜେପିର ଦମ୍‌ଦାର ବିଜୟ ପରେ ବାଂଲାଦେଶ ଭୟଭୀତ ହୋଇପଡ଼ିଛି। ଭାରତ କାଳେ ବେଆଇନ ବାଂଲାଦେଶୀଙ୍କୁ ଭାରତରୁ ଜବରଦସ୍ତ ଠେଲି ବାହାର କରିଦେବ, ଏହି ଆଶଙ୍କାରେ ବାଂଲାଦେଶ ସରକାର ସୀମାରେ କଡ଼ା ପହରା ପାଇଁ ଆଦେଶ ଦେଇଛନ୍ତି। ଗୁରୁବାର ନୂଆଦିଲ୍ଲୀ କହିଛି ଯେ ଭାରତରୁ ବେଆଇନ ବାଂଲାଦେଶୀ ପ୍ରବାସୀମାନଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ଢାକା ଏହାର ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ଏହାପରେ ବାଂଲାଦେଶ ଗୃହମନ୍ତ୍ରୀ ସଲାହୁଦ୍ଦିନ ଅହମଦ କହିଛନ୍ତି ଯେ, ଭାରତରୁ କୌଣସି ସମ୍ଭାବ୍ୟ 'ପୁସ୍-ଇନ୍' (ବେଆଇନ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ଠେଲି ପଠାଇବା)କୁ ରୋକିବା ପାଇଁ ସୀମାରେ ସଜାଗ ରହିବାକୁ ସୀମା ଗାର୍ଡ ବାଂଲାଦେଶ (ବିଜିବି)କୁ ନିର୍ଦ୍ଦେଶ ଦିଆଯାଇଛି। ବାଂଲାଦେଶର ବୈଦେଶିକ ମନ୍ତ୍ରୀ ଖଲିଲୁର ରହମାନଙ୍କ ଏକ ବିବୃତି ଉପରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପ୍ରତିକ୍ରିୟା ଦେବାର କିଛି ଘଣ୍ଟା ପରେ ଭାରତ-ବାଂଲାଦେଶ ସୀମାରେ ସତର୍କ ସୂଚନା ଜାରି କରିବାକୁ ଢାକା ଏହି ପଦକ୍ଷେପ ନେଇଛି। ପଶ୍ଚିମବଙ୍ଗ ଓ ଆସାମ ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ ପରେ ଏହା ମଧ୍ୟ ହୋଇଛି। ଭାରତର ଦୁଇ ରାଜ୍ୟ ବାଂଲାଦେଶ ସୀମାକୁ ଲାଗିଛି ଏବଂ ନିକଟରେ ହୋଇଥିବା ନିର୍ବାଚନରେ ବେଆଇନ ପ୍ରବାସ ଏକ ପ୍ରମୁଖ ପ୍ରସଙ୍ଗ ଥିଲା। ବିଧାନସଭା ନିର୍ବାଚନର ଫଳାଫଳ ଘୋଷିତ ହେବାର ଗୋଟିଏ ଦିନ ପରେ ମେ ୫ ତାରିଖରେ ବାଂଲାଦେଶର ବୈଦେଶିକ ମନ୍ତ୍ରୀ ଖଲିଲୁର ରହମାନ କହିଥିଲେ ଯେ ଢାକା ଭାରତ ପକ୍ଷରୁ 'ପୁସ୍-ଇନ୍' ଘଟଣା ବିରୋଧରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବ। ପଶ୍ଚିମବଙ୍ଗରେ କ୍ଷମତା ପରିବର୍ତ୍ତନ ପରେ ଯଦି କୌଣସି ପ୍ରକାର ପୁସ୍-ଇନ୍ ଘଟଣା ଘଟେ, ତେବେ ବାଂଲାଦେଶ ଉପଯୁକ୍ତ ପଦକ୍ଷେପ ନେବ। ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି କ୍ଷମତାରେ ଥିବା ଆସାମ ଓ ତ୍ରିପୁରାରୁ ଅନେକ ବେଆଇନ ପ୍ରବାସୀଙ୍କୁ ସୀମାପାର କରାଯାଇଥିବା ଖବର ଆସିଛି। ପଶ୍ଚିମବଙ୍ଗ ଏବେ ବିଜେପି ଶାସିତ ରାଜ୍ୟରେ ପରିଣତ ହେବାକୁ ଯାଉଛି। ରହମାନଙ୍କ ମନ୍ତବ୍ୟରୁ ଜଣାପଡିଛି ଯେ ଢାକା ମଧ୍ୟ ବର୍ତ୍ତମାନ ପଶ୍ଚିମବଙ୍ଗରୁ ବେଆଇନ ପ୍ରବାସୀଙ୍କୁ ତଡ଼ାଯିବା ନେଇ ଆଶଙ୍କା କରୁଛି।

# ପଞ୍ଜାବର ନୂଆ 'ଈଶନିନ୍ଦା' ଆଇନକୁ ପ୍ରତ୍ୟାଖ୍ୟାନ କଲା ଅକାଳ ତଖତ

ଅମୃତସର,୮।୫: ପଞ୍ଜାବର ନୂଆ ଈଶନିନ୍ଦା ଆଇନକୁ ନେଇ ପଞ୍ଜାବ ସରକାର ଓ ଶିଖ୍ ଧର୍ମଗୁରୁଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଅକାଳ ତଖତ ଶୁକ୍ରବାର ଜଗତ ଜୋତ ଶ୍ରୀଗୁରୁଗ୍ରନ୍ଥସାହିବ ସତକାର (ସଂଶୋଧନ) ଅଧିନିୟମ, ୨୦୨୬କୁ ପ୍ରତ୍ୟାଖ୍ୟାନ କରିଛି। ପବିତ୍ର ଶିଖ୍ ଧର୍ମଗ୍ରନ୍ଥକୁ ଅପମାନ କଲେ ଦଣ୍ଡବିଧାନର ବ୍ୟବସ୍ଥା ଏହି ଆଇନରେ ଅଛି। ପଞ୍ଜାବ ବିଧାନସଭା ବାଚସ୍ପତି କୁଲତାର ସିଂହ ସାନ୍ଧୱାନ କାର୍ଯ୍ୟନିର୍ବାହୀ ଜଠେଦାର ଜ୍ଞାନୀ କୁଲଦୀପ ସିଂହ ଗର୍ଗଜ ଓ ତଖତ ଦମଦମା ସାହିବ ଜଠେଦାର ଜ୍ଞାନୀ ଟେକ୍ ସିଂହ ଧନାଉଲାଙ୍କ ନିକଟରେ ହାଜର ହେବା ପରେ ଧର୍ମଗୁରୁମାନେ ଏହି ଆଇନକୁ ପ୍ରତ୍ୟାହାର କରିବାକୁ ଆମ୍ ଆଦମୀ ପାର୍ଟି ସରକାରଙ୍କୁ ୧୫ ଦିନିଆ ଅଲ୍ଟିମେଟମ୍ ଜାରି କରିଥିଲେ। ଜଠେଦାର ସ୍ପଷ୍ଟ କରିଛନ୍ତି ଯେ, ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ଏସଜିପିସି) ଗୁରୁଗ୍ରନ୍ଥ ସାହିବ 'ସରୂପ (କପି)'ର ରେକର୍ଡ ସରକାରୀ ତଦାରଖରେ ଥିବା ୱେବସାଇଟରେ ଅପ୍ଲୋଡ୍ କରିବା ପାଇଁ ଆଇନର ଆବଶ୍ୟକତାକୁ ପାଳନ କରିବ ନାହିଁ। ସେ କହିଛନ୍ତି ଯେ, ଧାର୍ମିକ ରେକର୍ଡ ଓ ଜୀବନ୍ତ ଗୁରୁଙ୍କ ପବିତ୍ରତାର ପରିଚାଳନା ପନ୍ଥ (ଶିଖ୍ ସମ୍ପ୍ରଦାୟ)ର ଏକମାତ୍ର ଡୋମେନ୍ (ପରିସର) ହୋଇ ରହିଛି ଏବଂ ଏହା ରାଜ୍ୟ ଦ୍ୱାରା ବାଧ୍ୟତାମୂଳକ ଡିଜିଟାଲ୍ ନିରୀକ୍ଷଣର ଅଧୀନ ହୋଇପାରିବ ନାହିଁ। ସ୍ୱର୍ଣ୍ଣ ମନ୍ଦିର ପରିସରରେ ଉପସ୍ଥିତ ହେବା ପରେ ସାନ୍ଧୱାନ ବିଭାଜନକୁ ଦୂର କରିବାକୁ ଚେଷ୍ଟା କରିଥିଲେ, ଯଦିଓ ତାଙ୍କର ସ୍ପଷ୍ଟୀକରଣ ଧର୍ମଗୁରୁମାନଙ୍କୁ ସନ୍ତୁଷ୍ଟ କରିବାରେ ବିଫଳ ହୋଇଥିଲା। ସାନ୍ଧୱାନ କହିଛନ୍ତି, ମୁଁ ବାର୍ତ୍ତାଳାପ ବିଷୟରେ ଅଧିକ କିଛି ପ୍ରକାଶ କରିପାରିବି ନାହିଁ, କିନ୍ତୁ ମୁଁ ଜଣାଇଲି ଯେ ଆମେ ପନ୍ଥ ପ୍ରତି ପ୍ରତିଶ୍ରୁତିବଦ୍ଧ ଏବଂ ଏହାର ଭାବନା ଅନୁଯାୟୀ କାର୍ଯ୍ୟ କରିବୁ। ଆମେ ଯାହା କରିଛୁ ତାହା ପନ୍ଥର ଭାବନା ଅନୁଯାୟୀ ହୋଇଛି।

# ଶିକ୍ଷକ ଆଶାୟୀଙ୍କ ଉପରେ ପୋଲିସର ଲାଠିଚାର୍ଜ

## ଅନେକ ଛାତ୍ର ଆହତ



ପାଟନା,୮।୫: ବିହାରର ରାଜଧାନୀ ପାଟନାରେ ଶିକ୍ଷକ ନିଯୁକ୍ତି ପରୀକ୍ଷା ବିଜ୍ଞପ୍ତି ପ୍ରକାଶ ଦାବିରେ ଆନ୍ଦୋଳନ କରୁଥିବା ଶହ ଶହ ପ୍ରାର୍ଥୀଙ୍କ ଉପରେ ପୋଲିସ ନିର୍ମମ ଭାବେ ଲାଠିଚାର୍ଜ କରିଛି । ଶୁକ୍ରବାର ଦିନ ପାଟନା କଲେଜରୁ ବାହାରିଥିବା ଏହି ବିଶାଳ ଶୋଭାଯାତ୍ରାରେ ହଜାର ହଜାର ପୁରୁଷ ଓ ମହିଳା ପ୍ରାର୍ଥୀ ସାମିଲ ହୋଇ ବିହାର ସରକାର ଓ ବିହାର ଲୋକସେବା ଆୟୋଗ (ବିପିଏସସି) ବିରୋଧରେ ସ୍ଲୋଗାନ ଦେଇଥିଲେ । ଆଶାୟୀମାନେ ଛାତ୍ର ନେତା ଦିଲୀପଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଜେପି ଗୋଲମ୍ବର ନିକଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା । ଯେତେବେଳେ ପ୍ରାର୍ଥୀମାନେ ବାରିକେଡ୍ ଭାଙ୍ଗି ଆଗକୁ ବଢ଼ିବାକୁ ଚେଷ୍ଟା କରିଥିଲେ, ସେତେବେଳେ ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଲାଠିଚାର୍ଜ କରିଥିଲା, ଯାହା ଫଳରେ ଅନେକ ଆନ୍ଦୋଳନକାରୀ ଗୁରୁତର ଭାବେ ଆହତ ହୋଇଛନ୍ତି । ପ୍ରାର୍ଥୀମାନଙ୍କ ଅଭିଯୋଗ ଅନୁଯାୟୀ, ସରକାର ନିଯୁକ୍ତି ପ୍ରକ୍ରିୟାକୁ ଜାଣିଶୁଣି ବିଳମ୍ବ କରୁଥିବାରୁ ଲକ୍ଷ ଲକ୍ଷ ଆଶାୟୀ ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧକାରମୟ ହେବାକୁ ଯାଉଛି । ଦୀର୍ଘ ଦିନରୁ ଶିକ୍ଷକ ନିଯୁକ୍ତି ପରୀକ୍ଷା ବିଜ୍ଞପ୍ତି ପାଇଁ ଦାବି ହୋଇ ଆସୁଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଉ ନାହିଁ । ଏଥିସହ ବିପିଏସସି ଦ୍ୱାରା ଲାଗୁ କରାଯାଇଥିବା କିଛି ନୂଆ ନିୟମକୁ ମଧ୍ୟ ଛାତ୍ରମାନେ ତୀବ୍ର ବିରୋଧ କରିଛନ୍ତି । ପଦଯାତ୍ରା ସମୟରେ ପୋଲିସ ଓ ଛାତ୍ରଙ୍କ ମଧ୍ୟରେ ଧସ୍ତାଧସ୍ତି ଯୋଗୁଁ ସମଗ୍ର ଅଞ୍ଚଳରେ ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି । ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଯାଇଥିବା ସମସ୍ତ ରାସ୍ତାକୁ ସିଲ୍ କରାଯାଇଥିବା ବେଳେ ପରିସ୍ଥିତି ଉପରେ ନଜର ରଖିବା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଛାତ୍ରମାନଙ୍କ ଏହି ଆନ୍ଦୋଳନ ଏବେ ବିହାର ରାଜନୀତିରେ ମଧ୍ୟ ହଟଚମଟ ସୃଷ୍ଟି କରିଛି ।

# ଋଷିଆ ଉପରେ ୟୁକ୍ରେନର ଆକ୍ରମଣ



କିଭ୍,୮।୫: ମଧ୍ୟପ୍ରାଚ୍ୟ ବ୍ୟତିତ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ କମିବାର କୌଣସି ସଙ୍କେତ ଦେଖାଯାଉନାହିଁ। ବିଭିନ୍ନ କାରଣକୁ ତୁଳନା କରିବା ପରେ ରୁଷିଆ ରାଷ୍ଟ୍ରପତି ପୁଟିନ ମେ ୯ ବିଜୟ ଦିବସରେ ୟୁକ୍ରେନ ସହିତ ଯୁଦ୍ଧବିରତି ଘୋଷଣା କରିବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ଏହା ପୂର୍ବରୁ ହିଁ ସବୁ ଓଲଟପାଲଟ କରିଦେଇଥିଲା ୟୁକ୍ରେନ । ୟୁକ୍ରେନ ରୁଷିଆ ବିରୁଦ୍ଧରେ ଏକ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ ଆରମ୍ଭ କରିଥିଲା। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ଏହି ପଦକ୍ଷେପ ଉତ୍ତେଜନାକୁ ଏକ ଜଟିଳ ଶୀର୍ଷରେ ପହଞ୍ଚାଇଛି। ରିପୋର୍ଟ କରାଯାଉଛି ଯେ, ରୁଷିଆ ଉପରେ ଆକ୍ରମଣର ପ୍ରତିଶୋଧ ସ୍ୱରୂପ, ରୁଷିଆ କିଭ ଉପରେ ପ୍ରବଳ କ୍ଷେପଣାସ୍ତ୍ର ଆକ୍ରମଣ କରିପାରେ । କିଭରେ ଅବସ୍ଥିତ ସମସ୍ତ ବିଦେଶୀ ଦୂତାବାସକୁ ସମୟ ମଧ୍ୟରେ ସହର ଛାଡିବାକୁ ସତର୍କ କରାଯାଇଛି । ସଦ୍ୟତମ ରିପୋର୍ଟ ଅନୁଯାୟୀ, ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଭୟଙ୍କର ଯୁଦ୍ଧ ଜାରି ରହିଛି। ରୁଷିଆ ଡନିପ୍ରୋ, ଓଡେସା, ଖାରକିଭ ଏବଂ କିଭ ଭଳି ୟୁକ୍ରେନୀୟ ସହର ବିରୁଦ୍ଧରେ ଶହ ଶହ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ବ୍ୟବହାର କରି ବଡ଼ ଧରଣର ଆକ୍ରମଣ ଆରମ୍ଭ କରିଛି।

# ନାସିକ୍ ଟିସିଏସ୍ କାଣ୍ଡର ମୁଖ୍ୟ ଅଭିଯୁକ୍ତ ଗିରଫ

ନୂଆଦିଲ୍ଲୀ,୮।୫: ବହୁଚର୍ଚ୍ଚିତ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍)ରେ ମହିଳାମାନଙ୍କୁ ଯୌନ ଉତ୍ପୀଡ଼ନ ଏବଂ ଧର୍ମାନ୍ତରୀକରଣ ଅଭିଯୋଗରେ ଅଭିଯୁକ୍ତ ନିଦା ଖାନଙ୍କୁ ଗୁରୁବାର ଛତ୍ରପତି ସମ୍ଭାଜୀନଗରରୁ ଗିରଫ କରାଯାଇଛି। ନାସିକ୍ ପୁଲିସ କମିସନର ସନ୍ଦୀପ କର୍ଣ୍ଣିକ କହିଛନ୍ତି ଯେ ତାଙ୍କୁ ଛତ୍ରପତି ସମ୍ଭାଜୀନଗର ପୋଲିସ ସହାୟତାରେ ଗିରଫ କରାଯାଇଛି। ଟିସିଏସ୍ ନାସିକ୍ ୟୁନିଟରେ ମହିଳା କର୍ମଚାରୀଙ୍କ ଉତ୍ପୀଡ଼ନ, ବଳପୂର୍ବକ ଧର୍ମାନ୍ତରୀକରଣ ପ୍ରୟାସ, ଧାର୍ମିକ ଭାବନାକୁ ଆଘାତ, ଯୌନ ନିର୍ଯାତନା ଏବଂ ମାନସିକ ଉତ୍ପୀଡ଼ନ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇବା ପରେ ନାସିକ୍ ପୁଲିସ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍ଆଇଟି) ନଅଟି ଏଫଆଇଆର ପଞ୍ଜିକୃତ କରିଛି ଏବଂ ଆଠ ଜଣଙ୍କୁ ଗିରଫ କରିଛି।

# ଇରାନ-ଇସ୍ରାଏଲ ଯୁଦ୍ଧ : ବିମାନବନ୍ଦର ଉପରେ ମିଳିତ ଆକ୍ରମଣ

ନୂଆଦିଲ୍ଲୀ,୮।୫: ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଏକ ଭୟଙ୍କର ରୂପ ନେଇଛି । ଇରାନର ଷ୍ଟେଟ ମିଡିଆ ପକ୍ଷରୁ ଜାରି କରାଯାଇଥିବା ଏକ ଭିଡିଓରେ ଆମେରିକା ଓ ଇସ୍ରାଏଲର ମିଳିତ ଏୟାରଷ୍ଟ୍ରାଇକ ଯୋଗୁଁ ଇରାନର ବିମାନବନ୍ଦର ଗୁଡ଼ିକରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି । ବିଶେଷ କରି ତେହେରାନର ମେହରାବାଦ ଏବଂ ବୁସେହର ବିମାନବନ୍ଦରକୁ ଟାର୍ଗେଟ କରାଯାଇଛି । ଭିଡିଓରେ ଦେଖାଯାଇଛି , ମିସାଇଲ ମାଡ଼ରେ ରନୱେରେ ଠିଆ ହୋଇଥିବା ଏକ ବୋଇଂ ଯାତ୍ରୀବାହୀ ବିମାନ ସମ୍ପୂର୍ଣ୍ଣ ଜଳିଯାଇଛି। ବିମାନବନ୍ଦରର ହ୍ୟାଙ୍ଗର ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ଧ୍ୱଂସ ହୋଇଯାଇଥିବା ବେଳେ ଚାରିଆଡ଼େ କଳା ଧୂଆଁର ଆସ୍ତରଣ ଦେଖିବାକୁ ମିଳୁଛି। ଇରାନର ଏୟାରଲାଇନ୍ସ ଆସୋସିଏସନ ଅନୁଯାୟୀ, ଆକ୍ରମଣରେ ପ୍ରାୟ ୨୦ରୁ ଅଧିକ ଯାତ୍ରୀବାହୀ ବିମାନ କ୍ଷତିଗ୍ରସ୍ତ ହୋଇଛି । ଆମେରିକା ଓ ଇସ୍ରାଏଲର ଏହି ମିଳିତ କାର୍ଯ୍ୟାନୁଷ୍ଠାନ ପରେ ସାରା ବିଶ୍ୱରେ ଚେତାବନୀ ଜାରି କରାଯାଇଛି । ଏହି ଘଟଣା ପରେ ଇରାନ ନିଜର ସମସ୍ତ ବିମାନ ଚଳାଚଳ ବନ୍ଦ କରିଦେଇଥିବା ବେଳେ ପ୍ରତିଶୋଧ ନେବାକୁ ଧମକ ଦେଇଛି ।

# ଟ୍ରମ୍ପଙ୍କୁ ଆମେରିକା କୋର୍ଟରୁ ଝଟ୍‌କା ୧୦% ବିଶ୍ୱବ୍ୟାପୀ ଶୁଳ୍କ ବି ବେଆଇନ



ୱାଶିଂଟନ,୮।୫: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରମୁଖ ଅର୍ଥନୈତିକ ନୀତିକୁ ଏକ ବଡ଼ ଝଟକା ଲାଗିଛି। ଗୁରୁବାର, ଏକ ଫେଡେରାଲ କୋର୍ଟ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ୧୦% ବିଶ୍ୱବ୍ୟାପୀ ଶୁଳ୍କକୁ ବେଆଇନ ଘୋଷଣା କରିଛନ୍ତି। ଏହି ରାୟ ଏପରି ଏକ ସମୟରେ ଆସିଛି ଯେତେବେଳେ ସୁପ୍ରିମକୋର୍ଟ ଚଳିତ ବର୍ଷ ଆରମ୍ଭରେ ଟ୍ରମ୍ପଙ୍କ ଶୁଳ୍କ ନୀତି ଉପରେ ପ୍ରଶ୍ନ ଉଠାଇ ସାରିଛନ୍ତି। ୨-୧ ନିଷ୍ପତ୍ତିରେ, ଆମେରିକାର ଅନ୍ତର୍ଜାତୀୟ ବାଣିଜ୍ୟ ଅଦାଲତର ଏକ ତିନି ଜଣିଆ ଖଣ୍ଡପୀଠ କହିଛନ୍ତି ଯେ ଟ୍ରମ୍ପ ପ୍ରଶାସନ ୧୯୭୪ ମସିହାର ବାଣିଜ୍ୟ ଆଇନର ଧାରା ୧୨୨ ଅନୁଯାୟୀ ଏହି ଶୁଳ୍କ ଲାଗୁ କରିବା ପାଇଁ ପର୍ଯ୍ୟାପ୍ତ କାରଣ ନାହିଁ। ସିଏନଏସ ରିପୋର୍ଟ ଅନୁଯାୟୀ, ପ୍ରଶାସନ କଂଗ୍ରେସ ଅନୁମୋଦନ ବିନା ସମସ୍ତ ଆମଦାନୀ ଉପରେ ଶୁଳ୍କ ଲଗାଇବା ପାଇଁ ଏହି ନିୟମକୁ ବ୍ୟବହାର କରିବାକୁ ଚେଷ୍ଟା କରିଥିଲା। କୋର୍ଟ ଏକ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରିଛନ୍ତି ଯେ ଏହି ରାୟ ବିରୁଦ୍ଧରେ ମାମଲା ଦାୟର କରିଥିବା କମ୍ପାନୀ କିମ୍ବା ପକ୍ଷମାନେ ଆଉ ଏହି ଶୁଳ୍କ ଲାଗୁ କରିବେ ନାହିଁ, ଏବଂ ସେମାନଙ୍କଠାରୁ ପୂର୍ବରୁ ସଂଗୃହୀତ ଯେକୌଣସି ପରିମାଣ ଫେରସ୍ତ କରାଯିବ। ଯଦିଓ ଏହି ନିଷ୍ପତ୍ତି ବର୍ତ୍ତମାନ କେବଳ ସମ୍ପୃକ୍ତ ନିର୍ଦ୍ଦିଷ୍ଟ ପ୍ରଭାବିତ ପକ୍ଷମାନଙ୍କ ପାଇଁ ପ୍ରଯୁଜ୍ୟ, ଏହାକୁ ଟ୍ରମ୍ପ ପ୍ରଶାସନ ପାଇଁ ଏକ ବଡ଼ ବିପର୍ଯ୍ୟୟ ଭାବରେ ଦେଖାଯାଉଛି।

# ପଶ୍ଚିମବଙ୍ଗକୁ ମିଳିଲା ଆଉ ଜଣେ ଅବିବାହିତ ମୁଖ୍ୟମନ୍ତ୍ରୀ



କୋଲକାତା, ୮।୫: ପଶ୍ଚିମବଙ୍ଗ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି। ଭାରତୀୟ ଜନତା ପାର୍ଟି (ଭାଜପା) ଶୁଭେନ୍ଦୁ ଅଧିକାରୀଙ୍କୁ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରିଛି। ଦିନେ ମମତା ବାନାର୍ଜୀଙ୍କ ଅତି ନିକଟତର ଥିବା ଶୁଭେନ୍ଦୁ, ଏବେ ତାଙ୍କ ଗାଦି ସମ୍ଭାଳିବାକୁ ଯାଉଛନ୍ତି। ୨୦୨୧ ବିଧାନସଭା ନିର୍ବାଚନ ପୂର୍ବରୁ ଶୁଭେନ୍ଦୁ ଟିଏମସି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ମାତ୍ର ୫ ବର୍ଷ ମଧ୍ୟରେ ଟିଏମ୍ସି ସରକାର ବିରୋଧରେ ଜନମତ ସୃଷ୍ଟି କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମମତା ବାନାର୍ଜୀ ଓ ଶୁଭେନ୍ଦୁଙ୍କ ମଧ୍ୟରେ ଅନେକ ସମାନତା ରହିଛି, ଯେଉଁଥିରୁ ସବୁଠାରୁ ଚର୍ଚ୍ଚିତ ବିଷୟ ହେଉଛି ଉଭୟ ଅବିବାହିତ। ମମତା ବାନାର୍ଜୀଙ୍କ ଭଳି ଶୁଭେନ୍ଦୁ ମଧ୍ୟ ସାମାଜିକ ଜୀବନକୁ ନିଜର ସର୍ବସ୍ୱ ମାନିଛନ୍ତି। ବିବାହ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ ୧୯୮୭ରୁ ଛାତ୍ର ରାଜନୀତିରୁ ତାଙ୍କର ଯାତ୍ରା ଆରମ୍ଭ ହୋଇଥିଲା। ସେ ଅଞ୍ଚଳର ତିନି ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ସତୀଶ ସାମନ୍ତ, ସୁଶୀଲ ଧାରା ଏବଂ ଅଜୟ ମୁଖାର୍ଜୀଙ୍କ ଦ୍ୱାରା ବହୁତ ପ୍ରଭାବିତ ହୋଇଥିଲେ। ଏହି ତିନିଜଣ ଯାକ ଆଜୀବନ ଅବିବାହିତ ରହି ଦେଶ ସେବା କରିଥିଲେ, ଯାହା ଶୁଭେନ୍ଦୁଙ୍କୁ ଜନସେବା ପାଇଁ ଅନୁପ୍ରାଣିତ କରିଥିଲା। ପଶ୍ଚିମବଙ୍ଗ ଇତିହାସରେ ଶୁଭେନ୍ଦୁ କେବଳ ଏକମାତ୍ର ଅବିବାହିତ ମୁଖ୍ୟମନ୍ତ୍ରୀ ନୁହନ୍ତି। ତାଙ୍କ ପୂର୍ବରୁ ଆଉ ୪ ଜଣ ବ୍ୟକ୍ତି ଏହି ପଦବୀରେ ରହିଛନ୍ତି ଯେଉଁମାନେ ବିବାହ କରି ନ ଥିଲେ। ପ୍ରଥମେ ଡାକ୍ତର ବିଧାନ ଚନ୍ଦ୍ର ରାୟ ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ଚିକିତ୍ସକ। ସେହିପରି ଦ୍ୱିତୀୟରେ ପ୍ରଫୁଲ୍ଲ ଚନ୍ଦ୍ର ସେନ ଗାନ୍ଧୀବାଦୀ ଚିନ୍ତାଧାରାର ନେତା (୧୮୯୭-୧୯୯୦)। ତୃତୀୟରେଅଜୟ ମୁଖାର୍ଜୀ ନିଜର ସରଳ ଜୀବନଶୈଳୀ ପାଇଁ ଜଣାଶୁଣା ଥିଲେ। ଚତୁର୍ଥରେ ମମତା ବାନାର୍ଜୀ ଟିଏମସି ସୁପ୍ରିମୋ, ଯିଏ ଦୀର୍ଘ ସମୟ ଧରି ଶାସନ କରିଥିଲେ। ଏବେ ଶୁଭେନ୍ଦୁ ଅଧିକାରୀବିଜେପିର ନୂତନ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ।

# ପରାଜୟ ପାଇଁ ଅନ୍ୟକୁ ଦୋଷ ନ ଦେଇ କଂଗ୍ରେସ ଆତ୍ମଚିନ୍ତନ କରୁ: ଶାହା

କୋଲକାତା,୮।୫: କୋଲକାତାରେ ଭାଜପା ବିଧାୟକ ଦଳ ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସମ୍ବୋଧିତ କରି ବିରୋଧୀଙ୍କ ଭୋଟ ଚୋରି ଅଭିଯୋଗକୁ ନେଇ ରାହୁଲ ଗାନ୍ଧୀଙ୍କ ଉପରେ ବର୍ଷିଛନ୍ତି। ନିଜ ପରାଜୟ ଲୁଚାଇବା ପାଇଁ ରାହୁଲ ସବୁବେଳେ ଅଭିଯୋଗ କରୁଛନ୍ତି। ଇଭିଏମ, ଭୋଟର ତାଲିକା ଓ ଏସଆଇଆର ଉପରେ ଅଭିଯୋଗ ଆଣୁଛନ୍ତି। ଭାଜପା ୨୦୧୪ରେ କ୍ଷମତାକୁ ଆସିଲା, ପୂର୍ବରୁ କେମିତି କଂଗ୍ରେସ ହାରୁଥିଲା ବୋଲି ଶାହା ପ୍ରଶ୍ନ କରିଛନ୍ତି। ୧୯୬୭ରୁ ତାମିଲନାଡୁରେ କଂଗ୍ରେସ ମୁଖ୍ୟମନ୍ତ୍ରୀ ନ ଥିବା ବେଳେ ପଶ୍ଚିମବଙ୍ଗରେ ୪୯ ବର୍ଷ ଧରି କଂଗ୍ରେସ କ୍ଷମତାରେ ନାହିଁ। ବିହାରରେ ୩୬ ବର୍ଷ, ନାଗାଲାଣ୍ଡରେ ୨୩ ବର୍ଷ ହେଲା କଂଗ୍ରେସ ସରକାରରେ ନାହିଁ। ଏପରିକି ଓଡ଼ିଶାରେ ୨୬ ବର୍ଷ ହେଲା କଂଗ୍ରେସ କ୍ଷମତାରେ ନ ଥିବା ବେଳେ ମହାରାଷ୍ଟ୍ରରେ ୧୨ ବର୍ଷ ହେଲା ଲୋକେ କଂଗ୍ରେସକୁ ପ୍ରତ୍ୟାଖାନ କରିଛନ୍ତି। ପରାଜୟ ପାଇଁ ଅନ୍ୟକୁ ଦୋଷ ନ ଦେଇ କଂଗ୍ରେସ ଆତ୍ମଚିନ୍ତନ କରୁ ବୋଲି ଶାହା କହିଛନ୍ତି। ଏପରିକି ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଇଣ୍ଡିଆ ମେଣ୍ଟ ବୁଡ଼ିବ ବୋଲି କହି ବିରୋଧୀଙ୍କୁ ଟାର୍ଗେଟ କରିଥିଲେ।

# ଶୁଭେନ୍ଦୁଙ୍କ ସରକାରରେ ୨ ଉପମୁଖ୍ୟମନ୍ତ୍ରୀ

କୋଲକାତା,୮।୫: ପଶ୍ଚିମବଙ୍ଗକୁ ପ୍ରଥମ ବିଜେପି ସରକାର ମିଳିବ। ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ। ଆଜି କୋଲକାତାର ବିଶ୍ୱ ବାଂଲା ସମ୍ମିଳନୀ କେନ୍ଦ୍ରରେ ହୋଇଥିବା ବିଧାୟକ ଦଳ ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁଭେନ୍ଦୁ ଅଧିକାରୀଙ୍କୁ ବିଧାୟକ ଦଳ ନେତା ଘୋଷଣା କରିଛନ୍ତି। ଏଥିସହିତ ରାଜ୍ୟରେ ଦୁଇଜଣ ଉପ-ମୁଖ୍ୟମନ୍ତ୍ରୀ ମଧ୍ୟ ରହିବେ। ଅଗ୍ନିମିତ୍ରା ପାଲ୍ ଏବଂ ନିସିଥ ପରମାଣିକଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି।

# ହର୍ମୁଜରୁ ଅସୁଲ କରିବ ଇରାନ

## ଗଠିତ ହେଲା ଏଜେନ୍ସୀ, ଚୀନ୍ ମୁଦ୍ରାରେ ନେବ ଟିକସ



ନୂଆଦିଲ୍ଲୀ,୮।୫: ଏକ ସିପିଂଜର୍ଣ୍ଣାଲ ଅନୁସାରେ ହର୍ମୁଜ ପ୍ରଣାଳୀରେ ଜାହାଜଙ୍କୁ ଯାତାୟାତ ଅନୁମତି ଦେବା ପାଇଁ ଓ ସେମାନଙ୍କ ଠାରୁ ଟୋଲ ଅସୁଲ ନିମନ୍ତେ ଇରାନ ଏକ ପ୍ରାଧିକରଣ ଗଠନ କରିଛି । ସିପିଂ ଓ ସାମୁଦ୍ରିକ ବାଣିଜ୍ୟ ସମ୍ପର୍କିତ ଖବର ଓ ସୂଚନା ପ୍ରଦାନ କରୁଥିବା ଉଦ୍ୟୋଗ ପତ୍ରିକା 'ଲୟଡସ ଲିଷ୍ଟ' କହିଛି ଯେ ପାରସ୍ୟ ଉପସାଗର ପ୍ରଣାଳୀ ମଧ୍ୟ ପ୍ରାଧିକରଣ ଏକ ନୂଆ ଢାଞ୍ଚା ପେସ୍ କରିଛି, ଏଥିରେ ଜାହାଜଙ୍କୁ ଟ୍ରାଞ୍ଜିଟ ଅଥରାଇଜେସନ ପ୍ରାପ୍ତ କରିବା ଓ ଯିବା ପୂର୍ବରୁ ଟୋଲ ପୈଠ କରିବା ବାଧ୍ୟତାମୂଳକ କରାଯାଇଛି ।ପ୍ରାଧିକରଣ ଦ୍ୱାରା ପଠା ଯାଉଥିବା ଫର୍ମର ଉଦାହରଣ ଦେଇ ଏଥିରେ କୁହାଯାଇଛି ଯେ ଜାହାଜର ମାଲିକାନା, ବୀମା, ଚାଳକ ଦଳଙ୍କ ବିବରଣୀ ଓ ଯେଉଁ ମାର୍ଗରେ ଯିବେ ତାର ବିସ୍ତୃତ ରେକର୍ଡ ପ୍ରସ୍ତୁତ କରିବା ଆବଶ୍ୟକ। ଏହି ଫର୍ମ ଇ-ମେଲ ଦ୍ୱାରା ଆଦାନ ପ୍ରଦାନ ହେବ। ଏହା ଏପରି ସମୟରେ ହେବାକୁ ଯାଉଛି ଯେତେବେଳେ ଇରାନ ହର୍ମୁଜ ଷ୍ଟ୍ରେଟ୍ ରେ ଏକ ନୂଆ ବ୍ୟବସ୍ଥା ସ୍ଥାପନ କରିବାକୁ ଚାହୁଁଥିବା ଓ ଏଥିରେ ଶୁଳ୍କ ଆଦାୟ କରିବା ସହ ଏଥିରୁ ପ୍ରାପ୍ତ ରାଜସ୍ୱକୁ ଓମାନ ସହ ବାଣ୍ଟିବ ବୋଲି କହିଛି। ଯଦି ଇରାନ ହର୍ମୁଜରେ ଟାରିଫ ଲାଗୁ କରେ ତେବେ ବାର୍ଷିକ ୪୦ରୁ ୫୦ ବିଲିୟନ ଆମେରିକୀୟ ଡଲାର ଆୟ କରିବ। ଏହା ଦ୍ୱାରା ଇରାନ ଉପରେ ଜାରି ଆମେରିକୀୟ କଟକଣାକୁ ହ୍ରାସ କରାଯାଇ ପାରିବ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଯାହା ତାହା ହେଉଛି ଏହି ଶୁଳ୍କ ଚୀନ୍ ମୁଦ୍ରା ୟୁଆନରେ ଅସୁଲ କରାଯିବ। ଏହା ଦ୍ୱାରା ଇରାନ ଓ ଚୀନ୍ ମଧ୍ୟରେ ଆର୍ଥିକ ସମ୍ପର୍କ ମଜଭୁତ ହେବା ସହ ଆଞ୍ଚଳିକ ତଥା ବୈଶ୍ୱିକ ଶକ୍ତି ସନ୍ତୁଳନରେ ପରିବର୍ତ୍ତନ ଆସି ପାରିବ। ରିପୋର୍ଟ ଅନୁସାରେ ଚୀନ୍, ଭାରତ ଓ ଜାପାନରୁ ଯାଉଥିବା ଜାହାଜ ପୂର୍ବରୁ ଏହି ପ୍ରକ୍ରିୟାରେ ପୈଠ କରିଆସୁଛନ୍ତି। ଏବେ ଇରାନ ସଂସଦ ଏହି ପ୍ରକ୍ରିୟାକୁ ଔପଚାରିକ କରିବାକୁ କାମ କରୁଛି। ଇରାନ ଏବେ କ୍ରିପଟୋ କରେନ୍ସୀରେ ମଧ୍ୟ ପୈଠ ସ୍ୱୀକାର କରିବା ଆରମ୍ଭ କରିଛି। ଯଦି ଇରାନ ଏହି ଶୁଳ୍କ ଆଦାୟ ଜାରି ରଖେ ତେବେ ଆଞ୍ଚଳିକ ପ୍ରଭାବ ଆମେରିକାରୁ ହଟି ଚୀନ୍ ଓ ଏସିୟା ଆଡକୁ ସ୍ଥାନାନ୍ତରିତ ହୋଇପାରେ। ଏହା ଦ୍ୱାରା ବୈଶ୍ୱିକ ତୈଳ କାରବାରରେ ଆମେରିକୀୟ ଡଲାର (ପେଟ୍ରୋ ଡଲାର)ର ଐତିହାସିକ ଶ୍ରେଷ୍ଠତା ଦୁର୍ବଳ ହୋଇପାରେ। ପେଟ୍ରୋଡଲାର ବ୍ୟବସ୍ଥା ୧୯୭୦ରେ ଆରମ୍ଭ ହୋଇଥିଲା। ସାଉଦୀ ଆରବକୁ ସୈନ୍ୟ ସହାୟତା ବଦଳେ ଆମେରିକା କେବଳ ତୈଳ ମୂଲ୍ୟ ଆମେରିକୀୟ ଡଲାରରେ ଆଙ୍କିବାକୁ କହିଥିଲା। ଧିରେ ଧିରେ ଏହି ବ୍ୟବସ୍ଥା ଓପେକ୍ ଦେଶରେ ବ୍ୟାପିଥିଲା ଓ ଡଲାର ବୈଶ୍ୱିକ ତୈଳ ବ୍ୟବସାୟର ମାନକ ବନି ଯାଇଥିଲା। ଫଳରେ ଆମେରିକୀୟ ଡଲାର ବୈଶ୍ୱିକ ରିଜର୍ଭ ମୁଦ୍ରାରେ ପରିଣତ ହୋଇଥିଲା। ଏଣୁ ଆମେରିକାର ଆର୍ଥିକ ଓ ରାଜନୈତିକ ଶକ୍ତି ଦୃଢ ହୋଇଥିଲା। ଏହା ଦ୍ୱାରା ତୈଳ ରପ୍ତାନୀକାରୀ ଦେଶଙ୍କ ନିକଟରେ ବିପୁଳ ଆମେରିକୀୟ ଡଲାର ଜମା ହୋଇଥିଲା, ଯାହାକୁ ସେମାନେ ଆମେରିକାରେ ପ୍ରତିଭୂତି ଓ ବୈଶ୍ୱିକ ନିବେଶରେ ଲଗାଇଥିଲେ। ଏଣୁ ଆମେରିକାର ନିଅଣ୍ଟିଆ ଆର୍ଥିକ ପରିସ୍ଥିତିରେ ସୁଧାର ଆସିଥିଲା।

## ପୂର୍ବ ଶତ୍ରୁତାକୁ ନେଇ ହାଣିଲା; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ପ୍ରଭାକର ବେହେରା ଓରଫ ଲିଟୁ ହତ୍ୟା ଉଦ୍ଦେଶ୍ୟରେ ହଠାତ୍ ଏକ ଖଣ୍ଡାରେ ତାଙ୍କୁ ଆକ୍ରମଣ । ଏନେଇ ଅଭିଯୋଗକାରିଣୀ ନଳିତା ବେହେରା ଏୟାରପୋର୍ଟ ଥାନାରେ ଲିଖିତ ରିପୋର୍ଟ କରିଥିଲେ । ଏହି ରିପୋର୍ଟ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲା, ପ୍ରଭାକର ବେହେରା ଓରଫ ଲିଟୁ । ସୂଚନାଯୋଗ୍ୟ ଯେ, ଆଜି ତଥା ୮ ତାରିଖ ସକାଳ ପ୍ରାୟ ୧୧.୩୦ଟା ସମୟରେ, ଅଭିଯୋଗକାରିଣୀଙ୍କ ସ୍ୱାମୀ ଆହତ ମଦନ ବେହେରା କାର୍ଗିଲ ବସ୍ତିର ମଙ୍ଗଳା ସାହିକୁ କ୍ଷୀର ବାଣ୍ଟିବା ପାଇଁ ଯାଇଥିଲେ । ସେ ମାଧବ ଆଚାର୍ଯ୍ୟଙ୍କ ଘର ନିକଟରେ କ୍ଷୀର ଦେଉଥିବା ସମୟରେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ପ୍ରଭାକର ବେହେରା ଓରଫ ଲିଟୁ ହତ୍ୟା ଉଦ୍ଦେଶ୍ୟରେ ହଠାତ୍ ଏକ ଖଣ୍ଡାରେ ତାଙ୍କୁ ଆକ୍ରମଣ କରିଥିଲା । ଫଳସ୍ୱରୂପ ଆହତଙ୍କ ଡାହାଣ ହାତ ଏବଂ ଡାହାଣ ଜଙ୍ଘରେ ଆଘାତ ଲାଗିଥିଲା । ଘଟଣା ସମୟରେ ଅଭିଯୁକ୍ତଙ୍କ ପରିବାର ସଦସ୍ୟମାନେ ମଧ୍ୟ ତାଙ୍କୁ ସମର୍ଥନ କରିଥିଲେ । ବିରୋଧ କରିବାରୁ ଅଭିଯୁକ୍ତ ଏବଂ ତାଙ୍କ ପରିବାର ସଦସ୍ୟମାନେ ଅଭିଯୋଗକାରିଣୀଙ୍କୁ ମଧ୍ୟ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକମାନେ ଆହତଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ଏନେଇ ଏୟାରପୋର୍ଟ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଶୁକ୍ରବାର ଅଭିଯୁକ୍ତ ଘରେ ଚଢାଉ କରି ଗିରଫ କରାଯାଇଛି । ପରେ ତଲାସି ସମୟରେ ତାଠାରୁ ଅପରାଧରେ ବ୍ୟବହୃତ ଏକ ଖଣ୍ଡା ଜବତ କରାଯାଇଥିଲା ।

### ପୁଣି ଗିରଫ ହେଲା ଖୋବା ଓ ତାର ଗ୍ୟାଙ୍ଗ

## ଦାଦାବଟି ଆଦାୟ ବେଳେ ୩ ଗିରଫ: ୩ଟି କଟୁରି ଜବତ

ଭୁବନେଶ୍ୱର(ନିପ୍ର): ଦାଦାବଟି, ହଣାହଣି, ବନ୍ଧୁକ ଦେଖାଇ ଭୟଭିତ କରି ବିଭିନ୍ନ ଦୋକାନ, ବିଲଡରମାନଙ୍କ ଠାରୁ ଟଙ୍କା ଆଦାୟ କରୁଥିବା ଖୋବା ସହ ୩ ଜଣିଆ ଗ୍ୟାଙ୍ଗକୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ । ଚନ୍ଦକା ଥାନାର ଏସଆଇ ଜ୍ୟୋତ୍ସ୍ନାରାଣୀ ପ୍ରଧାନଙ୍କ ଦ୍ୱାରା ରିପୋର୍ଟ ଆଧାରରେ, ମାମଲା ରୁଜୁ କରାଯାଇ ତଦନ୍ତ ଚଳାଇ ଏହି ୩ ଜଣ ଦାଦାଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଗତ କାଲି ତଥା ୭ ତାରିଖରେ, ପଥଚାରୀ ଏବଂ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ମାରାତ୍ମକ ଅସ୍ତ୍ରଶସ୍ତ୍ର ଦେଖାଇ ''ଦାଦାବଟି'' ବେଆଇନ ଆଦାୟ କରୁଥିବା ଅସାମାଜିକ ତତ୍ତ୍ୱମାନଙ୍କ ସମ୍ପର୍କରେ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଚନ୍ଦକା ଥାନାର ଏକ ପୁଲିସ ଟିମ୍ ଯାଞ୍ଚ ପାଇଁ ଚନ୍ଦକା ଅଞ୍ଚଳର ୨୦୦ ଫୁଟିଆ ରୋଡକୁ ଯାଇଥିଲେ । ଘଟଣାସ୍ଥଳରେ ପହଞ୍ଚିବା ପରେ, ପୁଲିସ ଦଳ କିଛି ଅଭ୍ୟାସଗତ ଅପରାଧୀଙ୍କୁ ରାସ୍ତା ପାର୍ଶ୍ୱରେ ଏକତ୍ରିତ ହୋଇ ମାରାତ୍ମକ ଅସ୍ତ୍ରଶସ୍ତ୍ର ଧରି ପଥଚାରୀ, ଦୋକାନୀ, ଶ୍ରମିକ ଏବଂ ବିଲ୍ଡରମାନଙ୍କୁ ଭୟଭୀତ କରୁଥିବାର ଦେଖିଥିଲେ । ପୁଲିସ ଟିମ୍‌କୁ ଦେଖି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ଅଭିଯୁକ୍ତ ସନ୍ତୋଷ ପାହାଡସିଂହ ଓରଫ ଖୋବା, ଗୋବିନ୍ଦ ସାହୁ ଏବଂ ସନ୍ତୋଷ ସାମଲଙ୍କୁ କାବୁ କରାଯାଇଥିବାବେଳେ, ସେମାନଙ୍କର କିଛି ସହଯୋଗୀ ପରିସ୍ଥିତିର ସୁଯୋଗ ନେଇ ଖସି ପଳାଇଯାଇଥିଲେ । ପଚରାଉଚରା ସମୟରେ, ଗିରଫ ଅଭିଯୁକ୍ତମାନେ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରି ବେଆଇନ ଦାଦାବଟି ଆଦାୟ କରିବା ପାଇଁ ଏକ ଅପରାଧିକ ଗ୍ୟାଙ୍ଗ ଗଠନ କରିଥିବା ତଦନ୍ତରୁ ଜଣାପଡିଥିଲା । ଘଟଣାସ୍ଥଳ ନିକଟରେ ଥିବା ଦୋକାନୀ ଏବଂ ରାସ୍ତାଚାରୀମାନେ ଗ୍ୟାଙ୍ଗ ସଦସ୍ୟମାନଙ୍କ ପ୍ରତିଶୋଧ ଭୟରେ ବୟାନ ଦେବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ଗିରଫ ଅଭିଯୁକ୍ତମାନଙ୍କ ତଲାସି ସମୟରେ, ଅଭିଯୁକ୍ତ ସନ୍ତୋଷ ପାହାଡସିଂ ଓରଫ ଖୋବା ନିକଟରୁ ଗୋଟିଏ ଧାରୁଆ କଟାରୀ, ଅଭିଯୁକ୍ତ ସନ୍ତୋଷ ସାମଲ ଠାରୁ ଗୋଟିଏ ଚାପଡା ଏବଂ ଅଭିଯୁକ୍ତ ଗୋବିନ୍ଦ ସାହୁ ଠାରୁ ଅନ୍ୟ ଏକ ଚାପଡା ଉଦ୍ଧାର କରାଯାଇ ଜବତ କରାଯାଇଥିଲା । ଅଭିଯୁକ୍ତ ମାନଙ୍କର ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଜଣାପଡିଛି ଯେ, ଅଭିଯୁକ୍ତ ସନ୍ତୋଷ ପାହାଡସିଂହ ଓରଫ ଖୋବା ପୂର୍ବରୁ ଚନ୍ଦକା, ବାରଙ୍ଗ, ନନ୍ଦନକାନନ, ବଡଗଡ ଏବଂ ଇନଫୋସିଟି ଥାନାରେ ହତ୍ୟା ଉଦ୍ୟମ, ଦଙ୍ଗା, ଅପରାଧିକ ଧମକ, ଦାଦାବଟି ଆଦାୟ ଏବଂ ଆର୍ମସ୍ ଆକ୍ଟ ସମ୍ବନ୍ଧୀୟ ଏକାଧିକ ମାମଲାରେ ଜଡିତ ଅଛନ୍ତି । ସେହିପରି ଅଭିଯୁକ୍ତ ଗୋବିନ୍ଦ ସାହୁ ଚନ୍ଦକା ଥାନାର ଆକ୍ରମଣ ଏବଂ ହତ୍ୟା ଉଦ୍ୟମ ସମ୍ପର୍କିତ ଏକ ପୂର୍ବ ଅପରାଧିକ ମାମଲାରେ ଜଡିତ ଥିବାବେଳେ, ଅଭିଯୁକ୍ତ ସନ୍ତୋଷ ସାମଲ ନନ୍ଦନକାନନ ଥାନାର ଆକ୍ରମଣ, ସରକାରୀ କର୍ମଚାରୀଙ୍କ କାର୍ଯ୍ୟରେ ବାଧା ସୃଷ୍ଟି ଏବଂ ଆର୍ମସ୍ ଆକ୍ଟ ସମ୍ବନ୍ଧୀୟ ଏକ ପୂର୍ବ ଅପରାଧିକ ମାମଲାରେ ଜଡିତ ଅଛନ୍ତି । ପରେ ଅଭିଯୁକ୍ତ ମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ।

## ଦୋକାନ ସମ୍ମୁଖରେ ଗଣ୍ଡଗୋଳ କରିବାକୁ ବାରଣ କରିବାରୁ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ ଗିରଫ



ଜଟଣୀ(ନିପ୍ର): ଜଟଣୀ ଥାନା ଅନ୍ତର୍ଗତ ବଡ଼ତୋଟା ଗ୍ରାମଠାରେ ଗଣପତି ପ୍ରଧାନ ନାମକ ଜଣେ ବ୍ୟକ୍ତି ଗତ ଏପ୍ରିଲ ମାସ ୨୬ ତାରିଖରେ ତାଙ୍କ ଦୋକାନରେ ଉପସ୍ଥିତ ଥିବା ସମୟରେ କିଛି ବ୍ୟକ୍ତି ଦୋକାନ ସମ୍ମୁଖରେ ଝଗଡ଼ା କରୁଥିଲେ । ସେ ଉକ୍ତ ଝଗଡ଼ାକୁ ଅନ୍ୟତ୍ର କରିବା ପାଇଁ କହି ବିରୋଧ କରିଥିଲେ । ତେବେ ଦୀପୁ ଓରଫ ରଶ୍ମି ରଞ୍ଜନ ପ୍ରଧାନ (୩୧) ହଠାତ୍ ସେଠାରେ ପହଞ୍ଚି ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ନିର୍ମମ ଭାବରେ ଆକ୍ରମଣ କରିଥିଲେ । ଆକ୍ରମଣ ସମୟରେ ଗଣପତିଙ୍କ ଡାହାଣ ଗୋଡ଼ରେ ଗୁରୁତର ଆଘାତ ଲାଗିଥିଲା, ଯାହାଫଳରେ ହାଡ଼ ଖଣ୍ଡାରୁ ଖସିଯାଇଥିଲା ଏବଂ ସେ ଗୁରୁତର ଭାବେ ଆହତ ହୋଇଥିଲେ । ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ଖୋର୍ଦ୍ଧା ଡିଏଚଏଚକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ପରେ ତାଙ୍କୁ ଖୋର୍ଦ୍ଧାସ୍ଥିତ ଷ୍ଟାର ହସ୍ପିଟାଲକୁ ପଠାଯାଇଥିଲା, ଯେଉଁଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା । ବର୍ତ୍ତମାନ ସେ ଚିକିତ୍ସାଧୀନ ଅଛନ୍ତି । ତଦନ୍ତ ସମୟରେ ପାରିପାର୍ଶ୍ୱିକ ପ୍ରମାଣରୁ ଅପରାଧରେ ଅଭିଯୁକ୍ତ ଦୀପୁଙ୍କ ସମ୍ପୃକ୍ତି ପ୍ରମାଣିତ ହୋଇଥିଲା । ନିର୍ଭରଯୋଗ୍ୟ ସୂଚନା ପାଇ ଶୁକ୍ରବାର ଚଢାଉ କରାଯାଇ ଅଭିଯୁକ୍ତଙ୍କୁ କେସ୍ ନମ୍ବର ୨୦୮/୨୬ ଆଧାରରେ ଗିରଫ କରାଯାଇ ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି ।

## ମାଟିତଳୁ ମୃତ ଶିଶୁକନ୍ୟା ଉଦ୍ଧାର

କାଶୀନଗର(ନିପ୍ର): କାଶୀନଗର ଥାନା ଅନ୍ତର୍ଗତ ଖାରଡ଼ା ପଞ୍ଚାୟତ ଅଧୀନରେ ଥିବା ଡ଼ି.କୋତୁରୁ ଗ୍ରାମରେ କେହି ଜଣେ ଗ୍ରାମର ନିର୍ଜନ ସ୍ଥାନରେ ଏକ ତିନି ମାସର ଶିଶୁ କନ୍ୟାକୁ ମାଟି ତଳେ ପୋତି ଦେଇଥିବା ଗ୍ରାମବାସୀମାନେ ଦେଖିଥିଲେ । ସେମାନେ ସରପଞ୍ଚ ଅଖିଳ କୁମାର ପାତ୍ରଙ୍କୁ ସୂଚନା ଦେବାରୁ ସରପଞ୍ଚ ତୁରନ୍ତ କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କୁ ଏ ବିଷୟରେ ଜଣେଇଥିଲେ । କାଶୀନଗର ପୋଲିସ ସେହି ଗ୍ରାମରେ ପହଞ୍ଚି ମୃତ ଶିଶୁ କନ୍ୟାକୁ ମାଟିତଳୁ ଉଦ୍ଧାର କରି ୫/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶିଶୁ କନ୍ୟାର ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ପୋଖରୀ ଭିତରେ ପଶି ଦୁର୍ବୃତ୍ତକୁ କାବୁକଲା ପୋଲିସ

ବେତନଟୀ(ନିପ୍ର): ମୟୁରଭଞ୍ଜ-ବାଲେଶ୍ୱର ସୀମାବର୍ତ୍ତୀ ବୈଶିଙ୍ଗା ଥାନା ଅଞ୍ଚଳରେ ଗୋମାଫିଆଙ୍କର ପ୍ରାଦୁର୍ଭାବ ଥମିବା ପରିବର୍ତ୍ତେ ଦିନକୁ ଦିନ ବଢିବାରେ ଲାଗିଛି । ଏହି କ୍ରମରେ ଗତ ମଙ୍ଗଳବାର ରାତିରେ ଗୋମାଫିଆଙ୍କ ଗୁଳିମାଡ଼ର ଶିକାର ହୋଇ ଗୋରକ୍ଷକ ଯୁଗପୁରା ଅଞ୍ଚଳର ରମେଶ ବିଶ୍ୱାଳ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବାବେଳେ ଶନିବାର ବୈଶିଙ୍ଗା ପୁଲିସକୁ ମିଳିଛି ସଫଳତା । ତେବେ ଥାନା ଅଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ପୁଲିସର ଏକାଧିକ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉକ୍ତ ରାତି ଗୋତସ୍କରୀ ଓ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ୨ ଦୁର୍ବୃତ୍ତ, ମୟୂରଭଞ୍ଜ ସୀମାବର୍ତ୍ତୀ ବାଲେଶ୍ୱର ସଦର ଥାନା ଅଧୀନ ଜଙ୍ଗରାଇ ଗ୍ରାମର ଏସକେ ନେହୁରର ପୁଅ ଏସକେ କେସିମୁଦ୍ଦିନ ଓ ଗୋବିନ୍ଦରାୟପୁର ଗ୍ରାମର ମଲ୍ଲିକ ଜେମାଲୁଦ୍ଦିନର ପୁଅ ମଲ୍ଲିକ ଖେଇରୁଦ୍ଦିନକୁ ପୂର୍ବରୁ ଗିରଫ କରିଥିବାବେଳେ ଶୁକ୍ରବାର ବିଶେଷ ସୂତ୍ରରୁ ଖବର ପାଇ ସେଇ ମୟୂରଭଞ୍ଜ-ବାଲେଶ୍ୱର ସୀମାବର୍ତ୍ତୀ ଜଙ୍ଗରାଇ ଉପକଣ୍ଠ ତାଳପଦାରୁ ଘଟଣାର ମୁଖ୍ୟ କୁହାଯାଉଥିବା ମଲ୍ଲିକ ଉସ୍ତାଦ ଔରଫ ଡାକ୍ତରକୁ ଗିରଫ କରିଛି ପୁଲିସ । ତେବେ ସୂଚନା ଅନୁଯାଇ ଡାକ୍ତରକୁ ଧରିବା ପାଇଁ ପୁଲିସକୁ ବେସ ନାକେଦମ ହେବାକୁ ପଡିଛି । ପୁଲିସକୁ ଦେଖି ଡାକ୍ତର ଚମ୍ପଟ ମାରିବାକୁ ବସିଥିବାବେଳେ ସବଇନ୍ସପେକ୍ଟର ସରୋଜ ଜେନା ଓ ଅନ୍ୟାନ୍ୟ କର୍ମଚାରୀ ତାର ପିଛା କରିଥିଲେ । ଶେଷରେ ଡାକ୍ତର ନିଜକୁ ବଞ୍ଚାଇବାକୁ ଯାଇ ଏକ ପୋଖରୀ ପାଣି ଭିତରେ ପଶି ଖସିଯିବାକୁ ବସିଥିବା ବେଳେ ପୁଲିସ ପାଣି ଭିତରେ ହିଁ ତାକୁ କାବୁ କରିଥିଲା । ପରେ ବୈଶିଙ୍ଗା ଡାକ୍ତରଖାନାରେ ଡାକ୍ତରର ପ୍ରାଥମିକ ଚିକିତ୍ସା କରାଇ ପଚରାଉଚରା ଆରମ୍ଭ କରିଛି ବୈଶିଙ୍ଗା ପୁଲିସ ।

## ପୂର୍ବ ବିବାଦକୁ ନେଇ ଖଣ୍ଡାରେ ହଣାହଣି: ୨ ଗିରଫ

ଭୁବନେଶ୍ୱର(ନିପ୍ର): ପୂର୍ବ ବିବାଦକୁ ନେଇ ଖଣ୍ଡାରେ ଗୋଡାଇ ଗୋଡାଇ ଉଭୟଙ୍କ ମଧ୍ୟରେ ହଣାହଣି । ଏନେଇ ଉଭୟ ପକ୍ଷର ସହିଦନଗର ଥାନାରେ ଲିଖିତ ରିପୋର୍ଟ ହୋଇଥିଲା । ଏହି ରିପୋର୍ଟ ଆଧାରରେ ପୁଲିସ ଦୁଇଟି ପ୍ରତି ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ, ସେଖ୍ ରୁସ୍ତାମ୍ ଓ ସାନ୍ତନୁ ପରିଡା । ସୂଚନାଯୋଗ୍ୟ ଯେ, ଗତ ୭ ତାରିଖ ରାତିରେ ସହିଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲି ଅଞ୍ଚଳରେ ଅଭିଯୁକ୍ତ ସାନ୍ତନୁ ପରିଡା ଏବଂ ଜଣେ ପୀଡିତା ଝିଅଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ଅଭିଯୋଗ ଅନୁସାରେ, ସାନ୍ତନୁ ପରିଡା ତାଙ୍କ କିଛି ସହଯୋଗୀଙ୍କ ସହିତ ପୀଡିତାଙ୍କୁ ଅଶାଳୀନ ମନ୍ତବ୍ୟ ଦେବା ସହ କାମରୁ ଘରକୁ ଫେରୁଥିବା ସମୟରେ ତାଙ୍କ ମୋବାଇଲ୍ ନମ୍ବର ମାଗିଥିଲେ । ପୀଡିତା ମନା କରିବାରୁ, ସାନ୍ତନୁ ପରିଡା ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା, ଯାହାଫଳରେ ସେ ରକ୍ତାକ୍ତ ଆହତ ହୋଇଥିଲେ ଏବଂ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ପରବର୍ତ୍ତୀ ସମୟରେ, ଘଟଣାକୁ ନେଇ କ୍ରୋଧିତ ହୋଇ ଏବଂ ସ୍ଥାନୀୟ ପୁଲିସକୁ ଅବଗତ ନକରି, ଆହତ ଝିଅର ପଡ ?ଶୀ ଅଭିଯୁକ୍ତ ରୁସ୍ତମ ଓରଫ ସେଖ ରୁସ୍ତମ ତାଙ୍କ ସହଯୋଗୀ ମାନଙ୍କ ସହ ସାନ୍ତନୁ ପରିଡାଙ୍କୁ ଅଟକାଇ ଆକ୍ରମଣ କରିଥିଲେ । ଆକ୍ରମଣ ସମୟରେ ଅଭିଯୁକ୍ତମାନେ ସାନ୍ତନୁ ପରିଡାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଶାରୀରିକ ଆକ୍ରମଣ କରିଥିଲେ ଏବଂ ବଳପୂର୍ବକ ତାଙ୍କ ଆଇଫୋନ୍ ଛଡାଇ ନେଇଥିଲେ । ଅଭିଯୋଗ ଅନୁସାରେ, ସେମାନେ ସାନ୍ତନୁ ପରିଡାଙ୍କୁ କିଛି ସମୟ ପାଇଁ ଏକ ଗାଡିରେ ବସାଇ ନେଇଯାଇ ପରେ ଛାଡି ଦେଇଥିଲେ । ଏନେଇ ସହିଦନଗର ଥାନାରେ ଅଭିଯୋଗ ପରେ, ପୁଲିସ ମାମଲା ରୁଜୁକରି ତଦନ୍ତରୁ ପୀଡିତା ଝିଅଙ୍କୁ ଆକ୍ରମଣ କରିବା ଘଟଣାରେ ଅଭିଯୁକ୍ତ ସାନ୍ତନୁ ପରିଡାଙ୍କ ସମ୍ପୃକ୍ତି ଏବଂ ଆଇନକୁ ହାତକୁ ନେଇ ସାନ୍ତନୁ ପରିଡାଙ୍କ ଉପରେ ଆକ୍ରମଣ କରିବା ଘଟଣାରେ ଅଭିଯୁକ୍ତ ରୁସ୍ତମ ଓରଫ ସେଖ ରୁସ୍ତମଙ୍କ ସମ୍ପୃକ୍ତି ପ୍ରମାଣିତ ହୋଇଥିଲା । ଅଭିଯୁକ୍ତ ରୁସ୍ତମ ଓରଫ ସେଖ ରୁସ୍ତମଙ୍କ ହେପାଜତରୁ ସାନ୍ତନୁ ପରିଡାଙ୍କଠାରୁ ଛଡାଇ ନିଆଯାଇଥିବା ମୋବାଇଲ୍ ଫୋନ୍ ଜବତ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ।

## ଦୁଇ କୁଖାତ ଲୁଟେରା ଗିରଫ; ୪ ବାଇକ ଜବତ

ଭୁବନେଶ୍ୱର(ନିପ୍ର): ୨ କୁଖ୍ୟାତ ବାଇକ ଲୁଟେରାଙ୍କୁ ଗିରଫ କଲା ଶ୍ରୀ ଲିଙ୍ଗରାଜ ଥାନା ପୁଲିସ । ସେମାନଙ୍କ ଠାରୁ ୪ଟି ଚୋରା ବାଇକ ଜବତ କରାଯାଇଛି । ଏମାନେ ବିଭିନ୍ନ ଥାନା ଅଞ୍ଚଳରୁ ବିଭିନ୍ନ ପାର୍କିଂ, ହସ୍ପିଟାଲ, ଅଫିସ ସାମ୍ନାରେ ରଖାଯାଉଥିବା ବାଇକ ମାନଙ୍କୁ ଚୋରି କରୁଥିଲେ । ଏନେଇ ଅଭିଯୋଗକାରୀ ସୌଭାଗ୍ୟ ରଞ୍ଜନ ବେହେରା ଶ୍ରୀ ଲିଙ୍ଗରାଜ ଥାନାରେ ଲିଖିତ ରିପୋର୍ଟ କରିଥିଲେ । ଏହି ରିପୋର୍ଟ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ୨ ଜଣ ଲୁଟେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଗତ ୬ ତାରିଖ ଦିନ ପ୍ରାୟ ୨.୫୦ଟା ସମୟରେ, ଅଜ୍ଞାତ ଅପରାଧୀମାନେ ଭୁବନେଶ୍ୱରର ଓଲ୍ଡଟାଉନ ହରଚଣ୍ଡି ସାହିସ୍ଥିତ ଅଭିଯୋଗକାରୀଙ୍କ ଘର ସମ୍ମୁଖରୁ ଏକ ବଜାଜ୍ ପଲସରବାଇକ ଚୋରି କରିଥିଲେ । ପରବର୍ତ୍ତୀ ସମୟରେ, ଅଭିଯୋଗକାରୀ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ସମୟରେ, ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା ଏବଂ ସାମନ୍ତରାପୁର ଅନ୍ତର୍ଗତ ଗଡ ମହାବୀର ଅଞ୍ଚଳ ନିକଟରେ ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ସମ୍ପର୍କରେ ନିର୍ଭରଯୋଗ୍ୟ ସୂଚନା ମିଳିଥିଲା । ସୂଚନା ଅନୁଯାୟୀ ପୁଲିସ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

**AFFIDAVIT**

By virtue of an affidavit sworn before Executive Magistrate, Nimapara affidavit no.36 dtd.06.04.2026, I Namita Beura W/o-Pravakar Behera At-Kadhanga, Po-Nandan, Ps-Tirtol, Dist-Jagatsinghpur, Pin-754106, Odisha do hereby declare that I have changed my name from Namitanjali Beura to Namita Beura. Henceforth I shall be known as Namita Beura for all purposes.

Sd/-Namita Beura

## ଅବକାରୀ ଚଢାଉ, ଦେଶୀମଦ ସହ ପୋଚ ନଷ୍ଟ: ୬ ମାମଲା ରୁଜୁ



ଆଠଗଡ଼(ନିପ୍ର): ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଳୁଅ, କଂସର, ବାଉଁଶ ଟାଙ୍ଗୋର, ସରସ୍ୱତୀପୁର ଓ ଖଣ୍ଡୁଆଳି ସଂରକ୍ଷିତ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ଜିଲ୍ଲା ମୋବାଇଲ ୟୁନିଟ, କଟକ ସଦର ଅବକାରୀ ଥାନା ଏବଂ ଖୁଣ୍ଟୁଣୀ ବନବିଭାଗ ସହିତ ଏକ ମିଳିତ ଚଢ଼ାଉ କରାଯାଇଥିଲା । ଉକ୍ତ ଚଢ଼ାଉରେ ସର୍ବମୋଟ ୨୪୮୫ ଲିଟର ଦେଶୀମଦ ସହ ୧୮୪୧୦ ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି । ଏଥିସହ ୬ଟି ମାମଲା ରୁଜୁ କରାଯାଇଛି । ଏହି ଚଢ଼ାଉ କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ବାଙ୍କୀ ଅବକାରୀ ଉପନିରୀକ୍ଷକ ବାପି ସାହୁ, ଜିଲ୍ଲା ମୋବାଇଲ ୟୁନିଟର ଅବକାରୀ ଉପ ନିରୀକ୍ଷକ ଅକ୍ଷୟ କୁମାର ଜେନା, କଟକ ସଦର ଅବକାରୀ ଥାନା, ଆଠଗଡ଼ ଅବକାରୀ ଥାନା, ଖୁଣ୍ଟୁଣୀ ବନବିଭାଗ ଏବଂ ସମସ୍ତ ଅବକାରୀ ସହକର୍ମୀ ଅଂଶଗ୍ରହଣ କରିଥିଲେ ।

## ଛେଳି ଚୋରି କରୁଥିବା ୨ଜଣଙ୍କୁ କାବୁକଲେ ଲୋକେ

ପିପିଲି(ନିପ୍ର): ଶୁକ୍ରବାର ଅପରାହ୍ନରେ ବାଳଙ୍ଗା ଥାନା ଅନ୍ତର୍ଗତ ସମାରୋଇ ଗ୍ରାମରେ ୨ଜଣ ଛେଳି ଚୋରଙ୍କୁ କାବୁକରି ପୋଲିସ ଜିମା ଦେଇଛନ୍ତି ଲୋକେ । ସୂଚନା ମୁତାବକ ଗ୍ରାମର ସୁଷମା ଦାଶ ନାମକ ଜଣେ ମହିଳାଙ୍କର ୨ଟି ଛେଳି ଗ୍ରାମ ମୁଣ୍ଡରେ କେନାଲ ବନ୍ଧରେ ଚରୁଥିଲା ବେଳେ ଅପରାହ୍ନ ସମୟରେ ଜଟଣୀ ବୁଢ଼ାପଡ଼ାର ବାଲାଜୀ ପ୍ରଧାନ ଅନ୍ୟ ଜଣେ ଯୁବକ ଏକ ବାଇକରେ ଆସି ବନ୍ଧା ହୋଇଥିବା ଛେଳିକୁ ଫିଟାଇ ବାଇକରେ ଲଦିଥିଲେ । କିଛି ଦୂରରୁ ଗ୍ରାମର ଜଣେ ବ୍ୟକ୍ତି ଦେଖି ଡାକ ପକାଇବାରୁ ଅନ୍ୟ ଲୋକମାନେ ଆସିଥିଲେ । ଲୋକ ଆସୁଥିବ ଦେଖି ଦୁର୍ବୃତ୍ତ ୨ଜଣ ବାଇକ ଷ୍ଟାର୍ଟକରି ଫେରାର ହେବାକୁ ଚେଷ୍ଟା କରିବା ବେଳେ ବାଇକ ଷ୍ଟାର୍ଟ ହେଇନଥିଲା । ଫଳର ୨ଜଣ ଲୋକଙ୍କ ହାବୁଡ଼ରେ ପଡ଼ିବା ପରେ ଲୋକମାନେ ଉତ୍ତମ ମଧ୍ୟମ ଦେଇ ବଳଙ୍ଗା ପୋଲିସକୁ ଖବର ଦେଇଥିଲେ । ଖବର ପାଇ ବଳଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୨ଜଣ ଦୁର୍ବୃତ୍ତଙ୍କ ସହ ସେମାନଙ୍କ ବାଇକକୁ ଜବତ କରି ଥାନାକୁ ଆଣି ତଦନ୍ତ ଜାରି ରଖିଛନ୍ତି ।

## ସାଦେରିଆ ଗ୍ରାମରେ ବୋମା ମାଡ଼

ପିପିଲି(ନିପ୍ର): ଗୁରୁବାର ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ସାଦେରିଆ ଗ୍ରାମରେ ବୋମା ମାଡ଼ ହୋଇଛି । ବୋମା ମାଡ଼ରେ କାହାରି କିଛି କ୍ଷତି ହୋଇନଥିଲା ବେଳେ କିଏ କଣ ପାଇଁ ବୋମା ମାଡ଼ କରିଛି ବଳଙ୍ଗା ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି । ସୂଚନା ମୁତାବକ ରାତି ପ୍ରାୟ ୯ଟାରେ ଗ୍ରାମର ବ୍ରଜ କିଶୋର ବରାଳଙ୍କ ବାରିପଟକୁ କେହି ଦୁର୍ବୃତ୍ତ ବୋମାମାଡ଼ କରିଥିଲେ । ପ୍ରଚଣ୍ଡ ଶବ୍ଦରେ ଗାଁ କମ୍ପି ଉଠିଥିଲା । ଭୟରେ ଲୋକମାନେ ଘରୁ ବାହାରକୁ ଚାଲି ଆସିଥିଲେ । ଖବରପାଇ ବଳଙ୍ଗା ଥାନା ଅଧିକାରୀଣୀ ସସ୍ମିତା ସାହୁ ପୋଲିସ ଟିମ ସହ ଘଟଣା ସ୍ଥଳରେ ପହଁଚି ଗ୍ରାମବାସୀଙ୍କୁ ପଚରା ଉଚରା କରି ଛାନଭିନ କରିଥିଲେ । ତେବେ କିଏ କେଉଁ ଉଦ୍ଦେଶ୍ୟରେ ଏଭଳି କରିଛି ତାହା ଜଣାପଡି ନଥିଲା ବେଳେ ନିଜର ପତିଆରା ଜାହିର ପାଇଁ କେଉଁ ଦୁର୍ବୃତ୍ତ ଏଭଳି କାଣ୍ଡ ଭିଆଇଥିବା ନେଇ ଅନୁମାନ କରାଯାଉଛି । ସବୁଠାରୁ ବଡ଼ କଥା ହେଲା ପୋଲିସ ଟିମ୍ ତଦନ୍ତ ସାରି ରାତିରେ ଫେରୁଥିବା ବେଳେ ଗ୍ରାମ ମୁଣ୍ଡରେ ପୁଣିଥରେ ବୋମା ମାଡ଼ କରିଥିଲେ ଦୁର୍ବୃତ୍ତ । ଘଟଣା ସ୍ଥଳରେ ବ୍ଲେଡ, ବାରୁଦ ଗୁଣ୍ଡ ଓ କିଛି ସୁତୁଲି ପଡିଥିବାର ଦେଖିବାକୁ ମିଳିଛି ।

## ଯୁବକଙ୍କୁ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ ଗିରଫ

ଜଟଣୀ(ନିପ୍ର): ମନ୍ଦିରରୁ ଠାକୁର ଦର୍ଶନକରି ଫେରୁଥିବା ଜଣେ ଯୁବକଙ୍କୁ କରାଯାଇଥିବା ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୁଲିସ ପ୍ରିୟରଞ୍ଜନ ମାଝୀ ଓରଫ ରିଙ୍କୁ (୩୨) ନାମକ ଅଭିଯୁକ୍ତଙ୍କୁ କେସ ନମ୍ବର ୨୨୦/୨୬ ଆଧାରରେ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ପୁଲିସ ସୂଚନା ଅନୁସାରେ ଗତ ୭ ତାରିଖ ଅପରାହ୍ନ ପ୍ରାୟ ୪:୪୫ଟାରୁ ୫:୦୦ଟା ମଧ୍ୟରେ ପ୍ରଶାନ୍ତ ମାର୍ଥା (୩୮) ସାକ୍ଷୀ ଗୋପୀନାଥ ମନ୍ଦିରରୁ ଦର୍ଶନ ସାରି ଫେରୁଥିବା ସମୟରେ, ଅଭିଯୁକ୍ତ ରିଙ୍କୁ ତାଙ୍କ କିଛି ସହଯୋଗୀଙ୍କ ସହିତ ହଠାତ୍ ସେଠାରେ ପହଞ୍ଚି ତାଙ୍କୁ ଏକ କଟୁରୀ ସାହାଯ୍ୟରେ ଆକ୍ରମଣ କରିଥିଲେ । ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ କରିଥିବାରୁ ତାଙ୍କ ମୁଣ୍ଡ ଏବଂ ହାତରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ଆକ୍ରମଣରେ ଅଭିଯୋଗକାରୀ ତଳେ ପଡ଼ିଯାଇଥିଲେ ଏବଂ ଗୁରୁତର ଭାବେ ଆହତ ହୋଇଥିଲେ । ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଅପରାଧିକ ଭାବେ ଧମକ ମଧ୍ୟ ଦେଇଥିଲେ । ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀମାନେ ସେଠାକୁ ଧାଇଁ ଆସି ତାଙ୍କୁ ଉଦ୍ଧାର କରି ପ୍ରଥମେ କୁଦିଆରୀ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ, ଯେଉଁଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା ଏବଂ ପରେ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା । ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ରିଙ୍କୁ ପୂର୍ବରୁ ଜଟଣୀ ଥାନା ମାମଲା ନଂ ୩୩/୨୦୨୬ରେ ସମ୍ପୃକ୍ତ ଥିଲେ ଏବଂ ଗାଁରୁ ଫେରାର୍ ଥିଲେ । ଏହି କାରଣରୁ ରାଗରେ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ କଟୁରୀରେ ଆକ୍ରମଣ କରିଥିଲେ, ଯାହା ଫଳରେ ତାଙ୍କ ମୁଣ୍ଡ ଏବଂ ଶରୀରର ଅନ୍ୟାନ୍ୟ ଅଂଶରେ ଗୁରୁତର ଆଘାତ ଲାଗିଥିଲା । ତେବେ ପୁଲିସ ବିଶ୍ୱସ୍ତ ସୂଚନା ପାଇ ଗତକାଲି ରାତି ପ୍ରାୟ ୧୧ଟା ସମୟରେ ଚଢାଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତ ଅପରାଧରେ ତାଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ । ତାଙ୍କ ହେପାଜତରୁ ଅପରାଧରେ ବ୍ୟବହୃତ ଏକ କଟୁରୀ ଜବତ କରାଯାଇଥିଲା ।

## ସ୍କୁଟି ଉପରେ ଚଢ଼ିଗଲା ଚାଉଳ ବୋଝେଇ ଟ୍ରକ, ୨ ଯୁବତୀ ଗୁରୁତର

ନିରାକାରପୁର: ୧୬ ନମ୍ବର ଜାତୀୟ ରାଜପଥରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ମା' ଉଗ୍ରତାରାଙ୍କ ଦର୍ଶନ ସାରି ସ୍କୁଟିରେ ଫେରୁଥିବା ବେଳେ ଦୁଇ ଜଣ ଯୁବତୀଙ୍କ ଉପରେ ଏକ ଚାଉଳ ବୋଝେଇ ଟ୍ରକ ଚଢ଼ିଯାଇଛି । ଏହି ଦୁର୍ଘଟଣାରେ ଦୁଇ ଯୁବତୀ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରର ଦୁଇ ଯୁବତୀ ମା' ଉଗ୍ରତାରାଙ୍କ ପୀଠରୁ ଦର୍ଶନ ସାରି ସ୍କୁଟି ଯୋଗେ ଘରକୁ ଫେରୁଥିଲେ । ତେବେ ୧୬ ନମ୍ବର ଜାତୀୟ ରାଜପଥସ୍ଥିତ ଉଗ୍ରତାରା ଛକ ନିକଟରେ ଏକ ଚାଉଳ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ସ୍କୁଟି ଉପରେ ଚଢ଼ିଯାଇଥିଲା । ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ, ଟ୍ରକଟି ସ୍କୁଟିକୁ ପ୍ରାୟ ୨୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା । ଫଳରେ ଜଣେ ଯୁବତୀଙ୍କ ଦୁଇଟି ଯାକ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଅନ୍ୟ ଜଣଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରବଳ ରକ୍ତସ୍ରାବ ହୋଇଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ସେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ମଧ୍ୟ ଗାଡ଼ି ଆସିବାରେ ବହୁ ବିଳମ୍ବ ହୋଇଥିଲା । ଶେଷରେ ସମୟ ନଷ୍ଟ ନକରି ପୋଲିସ ଗାଡ଼ିରେ ଦୁଇ ଗୁରୁତରଙ୍କୁ ଉଦ୍ଧାର କରାଯାଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା ।

## ମେୟରଙ୍କ ପାଇଁ ଭିକ୍ଷା: ବାଦାମବାଡ଼ି ମୁଖ୍ୟ ରାସ୍ତାରେ ମୃତ୍ୟୁ ଗାତ ବିରୋଧରେ ଗାନ୍ଧୀଗିରି ସତ୍ୟାଗ୍ରହ

କଟକ(ନିପ୍ର): ସହରର ରାସ୍ତାଘାଟ ଅବସ୍ଥାକୁ ନେଇ ସୁଭାଷ ସଂଗଠନ ପକ୍ଷରୁ ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଇଛି । ସଂଗଠନ ପକ୍ଷରୁ ମେୟର ସୁବାଷ ସିଂହଙ୍କ ପାଇଁ ଭିକ୍ଷା ମଗାଯାଇଛି । ବାଦାମବାଡି ମୁଖ୍ୟ ରାସ୍ତା, ଯାହା ପ୍ରତିଦିନ ଏକ ଲକ୍ଷ ଲୋକଙ୍କ ଜୀବନରେଖା, ଆଜି ମୃତ୍ୟୁର ଫାନ୍ଦ ପାଲଟିଛି । ଗତ ୧ ମାସରୁ ଉର୍ଦ୍ଧ୍ୱ ହେବ ଏହି ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ବଡ଼ ଖାଲ ଯୋଗୁ ଗତ ମେ ୧ ରେ ଜଣଙ୍କ ଜୀବନ ଗଲା ଏବଂ ଅନେକ ଏଠାରେ ଗୁରୁତର ଆହତ ହୋଇଛନ୍ତି । ମୃତ୍ୟୁ ପରେ ରାତାରାତି ଖାଲକୁ ପୋତିଦିଆଗଲା, କିନ୍ତୁ ପୀଡ଼ିତାଙ୍କୁ କେହି ସମବେଦନା ଜଣାଇଲେ ନାହିଁ । କଟକ ମହାନଗର ନିଗମର ୨୦୨୫ - ୨୬ ବଜେଟ୍‌ରେ ରାସ୍ତା ମରାମତି ପାଇଁ କୋଟି କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲେ ମଧ୍ୟ ବାଦାମବାଡି ଭଳି ପ୍ରମୁଖ ରାସ୍ତାରେ ଗୋଟେ ସୁରକ୍ଷିତ ରାସ୍ତା ଦେଇପାରିଲେ ନାହିଁ, ବାରମ୍ବାର ଲିଖିତ ଓ ମୌଖିକ ଅନୁରୋଧ ସତ୍ତ୍ୱେ ପ୍ରଶାସନ ନିଦାବିଷ୍ଟ । ଏହାର ପ୍ରତିବାଦରେ ସୁଭାଷ ସଂଗଠନ ତରଫରୁ ଆମେ ବାଧ୍ୟ ହୋଇ ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ଆପଣାଇ "ଭିକ୍ଷା ସତ୍ୟାଗ୍ରହ" ଆରମ୍ଭ କରୁଛୁ । ସୁଭାଷ ସଂଗଠନର କର୍ମୀମାନେ ହାତରେ ଭିକ୍ଷା ଥାଳି ଧରି ମେୟର ଓ କମିଶନରଙ୍କ ପାଇଁ ଅର୍ଥ ସଂଗ୍ରହ କରିଛୁ, ଯାହାକୁ କମିଶନର ଓ ମେୟରଙ୍କୁ ଭେଟିଦେବୁ ଏବଂ ଆମର ଦାବି ରଖିବୁ । ସଂଗଠନର ଦାବିଗୁଡିକ ମଧ୍ୟରେ ସହରର ମୁଖ୍ୟ ରାସ୍ତାର ସମସ୍ତ ଖାଲକୁ ୭ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ମରାମତି କରାଯିବା, ଗତ ୫ ବର୍ଷରେ ଏହି ରାସ୍ତାରେ ହୋଇଥିବା ଖର୍ଚ୍ଚ ଓ କାର୍ଯ୍ୟର ଶ୍ୱେତପତ୍ର ଜାରି କରାଯିବା, ଖାଲ ଯୋଗୁ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା ଆଦି ରହିଥିବା ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସଂଗଠନର ପ୍ରତିଷ୍ଠାତା ତଥା ସଭାପତି ସୁରେଶ ମହାନ୍ତି, ସନ୍ତୋଷ ମହାନ୍ତି, ସୁରେଶ ଭୂୟାଁ, ସଂଗ୍ରାମ ଗ୍ରହଚର୍ଯ୍ୟ, ଭବାନୀ ମହାପାତ୍ର, ଚାନ୍ଦରଶେଖର ବିଶ୍ୱାଳ, ରାମଚନ୍ଦ୍ର ରାଣ, ଅର୍ଣ୍ଣଡା ପ୍ରସାଦ ଦାସ, ରାକେଶ ରାୟ, ହରେକୃଷ୍ଣ ନାୟକ, କାର୍ତ୍ତିକ କୁମାର ସାହୁ, ପ୍ରହଲ୍ଲାଦ ମହାରଣା, ବିବେକ ସେନାପତି, ସଂଗ୍ରାମ ବ୍ରମ୍ହା, ସୁନୋଜ କୁମାର ମହାରଣା, ମନୋଜ ରଞ୍ଜନ ସାହୁ, ହରେରାମ ସାହୁ, ପ୍ରଶାନ୍ତ ମହାରଣା, ପଞ୍ଚାନନ ମଲ୍ଲିକ, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ବୁଡ଼ିଯାଉଥିବା ୩ ପର୍ଯ୍ୟଟକ ଉଦ୍ଧାର




ପୁରୀ(ନିପ୍ର): ପୁଣି ପୁରୀ ସମୁଦ୍ରରେ ଅଘଟଣ । ସମୁଦ୍ରରେ ଗାଧୋଉଥିବା ବେଳେ ରିପ୍ କରେଣ୍ଟରେ ପଡ଼ି ବୁଡ଼ିଗଲେ ତିନିଜଣ ପର୍ଯ୍ୟଟକ । ସମୁଦ୍ର କୂଳରେ ଥିବା ହୋଟେଲ ମହୋଦଧି ସମ୍ମୁଖ ସେକ୍ଟର-୭ରେ ଘଟିଛି ଏଭଳି ଅଭାବନୀୟ ଘଟଣା । ତେବେ ସେଠାରେ ଉପସ୍ଥିତ ଥିବା ଅଗ୍ନିଶମ କର୍ମଚାରୀ ଏବଂ ଲାଇଫ ଗାର୍ଡ ତୁରନ୍ତ ସମୁଦ୍ର ଭିତରକୁ ଯାଇ ବୁଡ଼ି ଯାଉଥିବା ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଉଦ୍ଧାର ତିନି ପର୍ଯ୍ୟଟକ ପଶ୍ଚିମବଙ୍ଗର ଦୀପ ରୟ, ଅରଜିତ୍ ପଞ୍ଜା ଏବଂ ଅଭିଜିତ ପଞ୍ଜା । ତିନି ପର୍ଯ୍ୟଟକଙ୍କୁ ଉଦ୍ଧାର ପରେ ପ୍ରାଥମିକ ଚିକିତ୍ସା ଯୋଗାଇଥିଲେ ଲାଇଫ ଗାର୍ଡ । ବିଭିନ୍ନ ସମୟରେ ପୁରୀ ସମୁଦ୍ରରେ ରିପ୍ କରେଣ୍ଟ ଯୋଗୁଁ ଅନେକ ପର୍ଯ୍ୟଟକ ଆହତ ହେଉଥିବା ବେଳେ ଅନେକ ପର୍ଯ୍ୟଟକଙ୍କ ଜୀବନ ମଧ୍ୟ ଚାଲିଯାଉଛି । ଏଣୁ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବାବାର ଆବଶ୍ୟକତା ରହିଛି ।



ପୁରୀ ରଥଖଳାରେ ଆଗେଇ ଚାଲିଛି ରଥ ନିର୍ମାଣ କାମ (ଫଟୋ- ବିଜୟ ପଟ୍ଟନାୟକ)

# କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଦିଗରେ ଏମ୍‌ସିଏଲ୍ ଏବଂ ଆଇଆଇଏମ ସମ୍ବଲପୁର ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର

ସମ୍ବଲପୁର, ୮/୫(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) କମ୍ପାନୀର କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି ଏବଂ ଡିଜିଟାଲ୍ ରୂପାନ୍ତରଣ ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରି କୃତ୍ରିମ ବୁଦ୍ଧିମତ୍ତା ଏବଂ ମେସିନ୍ ଲର୍ଣ୍ଣିଂ କ୍ଷେତ୍ରରେ ବିଶେଷ ପ୍ରଶିକ୍ଷଣ ପାଇଁ ଭାରତୀୟ ପ୍ରବନ୍ଧନ ସଂସ୍ଥାନ, ସମ୍ବଲପୁର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏମ୍‌ସିଏଲର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେଙ୍କ ଉପସ୍ଥିତିରେ କେଶବ ରାଓ, ନିର୍ଦ୍ଦେଶକ ଏବଂ ଆଇଆଇଏମ, ସମ୍ବଲପୁର ପକ୍ଷରୁ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୈସୱାଲ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଏହି ସହଭାଗିତା ଅଧୀନରେ ଆଇଆଇଏମ, ସମ୍ବଲପୁର ଦ୍ୱାରା ଏମ୍‌ସିଏଲର ବିଭିନ୍ନ ବିଭାଗର ପ୍ରାୟ ୫୦୦ ଅଧିକାରୀଙ୍କୁ କୋଇଲା ଏବଂ ଶକ୍ତି କ୍ଷେତ୍ରର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ ବିଶେଷ ଏଆଇ ଏବଂ ଏମଏଲ ପାଠ୍ୟକ୍ରମରେ ତାଲିମ ପ୍ରଦାନ କରାଯିବ। ଏହି କଷ୍ଟମାଇଜ୍ଡ ପାଠ୍ୟକ୍ରମର ମୂଳଲକ୍ଷ୍ୟ ହେଉଛି ଅଧିକାରୀମାନଙ୍କୁ ଆଧୁନିକ ଜ୍ଞାନକୌଶଳରେ ନିପୁଣ କରିବା, ଯାହାଦ୍ୱାରା ସେମାନେ ଜଟିଳ ବ୍ୟବସାୟିକ ଆହ୍ୱାନଗୁଡ଼ିକର ସମାଧାନ କରିବା ସହ ସଂସ୍ଥାର କାର୍ଯ୍ୟଧାରାରେ ନୂତନତା ଏବଂ ଦକ୍ଷତା ଆଣିପାରିବେ। ଏହି ଅବସରରେ ସିଏମ୍‌ଡି ଶ୍ରୀ କାଓଲେ ସଂଗଠନର କାର୍ଯ୍ୟଦକ୍ଷତା ବୃଦ୍ଧିରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ସେ ମତପ୍ରକାଶ କରିଛନ୍ତି ଯେ ସଠିକ୍ ନିଷ୍ପତ୍ତି ଗ୍ରହଣ କରିବା ଏବଂ ଉତ୍ପାଦକତା ବୃଦ୍ଧି କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ମେସିନ୍ ଲର୍ଣ୍ଣିଂ ବର୍ତ୍ତମାନ ସମୟର ଅପରିହାର୍ଯ୍ୟ ଆବଶ୍ୟକତା ଅଟେ। ଏହି ସହଭାଗିତା ଏମ୍‌ସିଏଲର ସମସ୍ତ କାର୍ଯ୍ୟକ୍ଷେତ୍ରରେ ଏକ ପରିବର୍ତ୍ତନ ଆଣିବ ବୋଲି ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି।



# କାନାଡ଼ା ହାଇ କମିଶନରଙ୍କ ନାଲ୍‌କୋ ମୁଖ୍ୟାଳୟ ପରିଦର୍ଶନ

ଭୁବନେଶ୍ୱର, ୮/୫(ନିପ୍ର): ଭାରତରେ ଅବସ୍ଥାପିତ କାନାଡ଼ାର ହାଇକମିଶନର କ୍ରିଷ୍ଟୋଫର କୁଟରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭୁବନେଶ୍ୱର ସ୍ଥିତ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ)ର କର୍ପୋରେଟ୍ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। କୁଟର ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ ସମେତ ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ଅନିଲ କୁମାର ସିଂହ ନିର୍ଦ୍ଦେଶକ (ବାଣିଜ୍ୟିକ) ଏବଂ ପ୍ରଣବଜ୍ୟୋତି ନାଥ, ଭା.ପ୍ର.ସେ, ସିଭିଓଙ୍କ ସମେତ କମ୍ପାନୀର ବରିଷ୍ଠ ପରିଚାଳନା ସଦସ୍ୟଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। କ୍ରିଟିକାଲ ମିନେରାଲ, ସ୍ଥାୟୀ ସମ୍ବଳ ବିକାଶ ଏବଂ ଭବିଷ୍ୟତର ସମ୍ପ୍ରସାରଣ ଯୋଜନା କ୍ଷେତ୍ରରେ ରଣନୈତିକ ସହଯୋଗ ସମ୍ବନ୍ଧରେ ଆଲୋଚନା ହୋଇଥିଲା।

## ଜନଗଣନାରେ ନିଯୁକ୍ତ ଶିକ୍ଷକଙ୍କ ହୃଦ୍‌ଘାତରେ ମୃତ୍ୟୁ !

ଭାପୁର ୮ ।୫(ନିପ୍ର): ଭାପୁର ବ୍ଲକ କରବର ଗ୍ରାମର ବିଶ୍ୱନାଥ ସେଠିଙ୍କ ବଡ଼ପୁଅ ବିଭୂତି ଭୂଷଣ ସୁବୁଦ୍ଧି (୫୦)ଭାପୁର ଗ୍ରାମରେ ରହି ମାଧପୁର ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି ।ତାଙ୍କର ପୂର୍ବରୁ କିଡ଼ନୀ ସମସ୍ୟା ରହିଥିବାବେଳେ ରାଜ୍ୟ ସରକାରଙ୍କ ତରଫରୁ ଚାଲିଥିବା ଜନଗଣନା କାର୍ଯ୍ୟରେ ସାମିଲ ଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହରେ କାର୍ଯ୍ୟକ୍ରମରେ ସାମିଲ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଦ୍ରୁତଗତିରେ ଅବନତି ଆଡକୁ ଗତି କରିଥିଲା। ସେ ଗତ ଗୁରୁବାର ଗୁରୁତର ଅବସ୍ଥାରେ ପୀଡିତ ହେବାରୁ ପରିବାର ପକ୍ଷରୁ ତାଙ୍କୁ କଟକ ଏସସିବିରେ ଭର୍ତ୍ତି ହୋଇଥିଲେ। ଗତ ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ପରିବାର ସୂତ୍ରରୁ ପ୍ରକାଶ ।ସେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ନେଇ କାର୍ଯ୍ୟରତ ଡାକ୍ତର ପ୍ରକାଶ କରିଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ତାଙ୍କର ପରିବାରରେ ଏବେ ୧୫ ବର୍ଷର ପୁଅ ଓ୍ ୧୦ ବର୍ଷର ଝିଅ ବେସାହାରା ହୋଇଛନ୍ତି।

# ରଥଯାତ୍ରା ପାଇଁ ପ୍ରଥମ ସମନ୍ୱୟ କମିଟି ବୈଠକ

## ଚାରମାଳ ପାଇଁ ଢେଙ୍କାନାଳରୁ ଅଣାଯିବ ତାଳକାଠ

**ପୁରୀ, ୮/୫(ନିପ୍ର):** ରଥଯାତ୍ରା ବୈଠକରେ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆଲୋଚନା ଚାଲିଥିବାବେଳେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ସେହିପରି ଟାଟା ପାୱାର ଅଧିକାରୀଙ୍କୁ କହିବାକୁ ସୁଯୋଗ ଦିଆଯାଇନଥିଲା। ରଥଯାତ୍ରାରେ ୧୬୦୦ ଅସ୍ଥାୟୀ ଶୌଚାଳୟ ହେବ। ଡ୍ରୋନ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ମଶା ତେଲ ପକାଯିବ। ରଥଯାତ୍ରାରେ ୪୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ରେଳଷ୍ଟେସନ ବାହାରେ ୬ ଟି ସ୍ଥାନରେ କାଉଣ୍ଟର ସହ ସ୍ୱତନ୍ତ୍ର ଜନଗହଳି ପରିଚାଳନା ପ୍ରସ୍ତୁତି ହେବ। ରଥଯାତ୍ରା ସମୟରେ ଏନଏସଜି କମାଣ୍ଡୋ ସହ ୨୨୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ ।ଶ୍ରଦ୍ଧାଳୁଙ୍କ ପାଇଁ ବଲ୍କ ମେସେଜିଂ ସେବା ରହିବ। ଆଣ୍ଟି ଡ୍ରୋନ୍ ଟିମ୍, ଏନଡିଆରଏଫ, ଓଡ୍ରାଫ୍ ମୁତୟନ ହେବେ ।ପାର୍କିଂ ସଂଖ୍ୟା ବୃଦ୍ଧି ହେବ। ରାପିଡ ଆକ୍ସନ ଫୋର୍ସ ଅଧିକ ସଂଖ୍ୟାରେ ମୁତୟନ ହେବେ ।କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲଙ୍କ ଅଧକ୍ଷତାରେ ରଥଯାତ୍ରା ପାଇଁ ପ୍ରଥମ ବୈଠକରେ ରଥ ନିର୍ମାଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ରଥ ନିର୍ମାଣ ପାଇଁ ଚଳିତ ବର୍ଷ ୮୧୮ ଖଣ୍ଡ କାଠର ଆବଶ୍ୟକ ଥିବା ବେଳେ ୭୧୦ ଖଣ୍ଡ କାଠ ପହଞ୍ଚି ସାରିଛି। ଚଳିତ ବର୍ଷ ଢେଙ୍କାନାଳ ହିନ୍ଦୋଳରୁ ଚାରମାଳ ପାଇଁ ଅଧିକ ଏକ ସେଟ୍ ତାଳ ଗଛ କାଠ ଅଣାଯିବ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପୁରୀ ମହାନଗର ନିଗମ ଅଞ୍ଚଳରେ ୫ ଲକ୍ଷର ବୀମା କରାଯିବ। ଅସ୍ୱାଭାବିକ ମୃତ୍ୟୁ, ଦୁର୍ଘଟଣାଜନିତ ମୃତ୍ୟୁ ବୀମା ଅନ୍ତର୍ଭୁକ୍ତ ହେବ। ୧୬୦୦ ମିଟର ବିଭିନ୍ନ ରଙ୍ଗର ରଥ କନା ଆସିବ। ରଥ ଦଉଡ଼ି




ପାଇଁ ଓଡ଼ିଶା ସମବାୟ କତା ନିଗମ ଚଳିତ ମାସ ଶେଷ ସୁଦ୍ଧା ୨୮ଟି ରଥ ଟଣା ଦଉଡ଼ି ଏବଂ ୬ଟି କଡର୍ନ ଦଉଡ଼ି ପହଞ୍ଚିବ। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ବୈଠକରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ପୁରୀ ମହାନଗର ନିଗମ ପକ୍ଷରୁ ସବୁ ସାହି, ସବୁ ବାଇଲେନରେ ଦୁଇଥର ଡ୍ରେନ ସଫା ହେବ। ବଡ଼ଦାଣ୍ଡ ସହ ବିଭିନ୍ନ ସ୍ଥାନରେ ଭକ୍ତଙ୍କ ପାଇଁ ୧୦୦୦ ଓ ପୋଲିସ ପାଇଁ ୬୦୦ ଅସ୍ଥାୟୀ ଶୌଚାଳୟ ମିଶାଇ ମୋଟ ୧୬୦୦ ଅସ୍ଥାୟୀ ଶୌଚାଳୟ ହେବ। ଡ୍ରୋନ ଦ୍ୱାରା ମଶା ତେଲ ପକାଯିବ। ସମସ୍ତ ମୁକୁଳା ଡ୍ରେନରେ ସ୍ଲାବ ପକାଯିବ। ରଥଯାତ୍ରା ସମୟରେ ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ହେବ। ୨୫ ଟି ଟ୍ୟାଙ୍କର ସହ ୧୦୦ଟି ପିଭିସି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ହେବ। ।ବଡଦାଣ୍ଡରେ ୧୮୫ ଟି ଟ୍ୟାପରୁ ପାନୀୟ ବ୍ୟବସ୍ଥା ରହିଛି। ୧୯ଟି ଓଭରହେଡ ଟାଙ୍କିର ପରିଷ୍କାର ଏବଂ ମରାମତି କାର୍ଯ୍ୟ ଜୁନ ଶେଷ ସୁଦ୍ଧା ସମ୍ପନ୍ନ ହେବ ।ବଡ଼ଦାଣ୍ଡରେ ଅଗ୍ନି ନିରାପତ୍ତା ପାଇଁ ଆଠଟି ଲୋଡିଙ୍ଗ ପଏଣ୍ଟର ବ୍ୟବସ୍ଥା କରାଯାଇଛି ।ପରିବହନ ବିଭାଗ ରଥଯାତ୍ରା ସମୟର ଘଣ୍ଟା କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ସହ ହେଲ୍ପ ଡେସ୍କ ରହିବ। ବିଭିନ୍ନ ସ୍ଥାନରେ ୨୩ ଟି କ୍ରେନ୍ ରହିବା ।ଏବର୍ଷ ୪୦୦ ସ୍ୱତନ୍ତ୍ର ଟ୍ରେନ୍ ଚାଲିବା ପାଇଁ ଲକ୍ଷ୍ୟ ରହିଛି। ସ୍ୱତନ୍ତ୍ର ଭିଡ଼ ନିୟନ୍ତ୍ରଣ ଯୋଜନା ସହ ଯାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଏକ ମାସ ପୂର୍ବରୁ ସିସିଟିଭି କ୍ୟାମେରା ଲାଗି ଡ୍ରାଏ ରନ ହେବ ।ରଥଯାତ୍ରା ପାଇଁ ୩ୟ ମ୍ୟାପିଂ ସହ ସ୍ୱତନ୍ତ୍ର ଆପ, ଏନଏସଜି କମାଣ୍ଡୋ ସହ ୨୨୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ ।ଅପରାଧୀ ଓ ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ସରାଇ ଆପର ସହଯୋଗ ନିଆଯାଇଛି। ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ ସହ ୨୦୦ ରୁ ଅଧିକ ସିସିଟିଭି କ୍ୟାମେରା ଲାଗିବ ।

## ଆଇନକୁ ହାତକୁ ନେବା ଉଚିତ ନୁହେଁ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୮ ।୫(ନିପ୍ର): ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଆଇନକୁ ହାତକୁ ନେବା ଉଚିତ ନୁହେଁ। ସେହିପରି ଅପରାଧୀ ମଧ୍ୟ ବର୍ତ୍ତିବା ଉଚିତ ନୁହେଁ। ଅପରାଧ ପ୍ରବଣତା ରୋକିବା ପାଇଁ ଆମକୁ ଆହୁରି ଯତ୍ନବାନ ହେବାକୁ ପଡ଼ିବ। ଅପରାଧୀଙ୍କ ବିରୋଧରେ ଆମେ ସଫଳତାର ସହ କାର୍ଯ୍ୟନୁଷ୍ଠାନ ନେଇଛୁ। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଅପରାଧୀଙ୍କ ଭିତରେ ଭୟ ରହୁନି, ସେମାନଙ୍କ ଭିତରେ ଭୟ ସଂଚାର କରିବା ଜରୁରୀ। ଅପରାଧ ରୋକିବାକୁ ପୋଲିସ କର୍ମଚାରୀ ସଂଖ୍ୟା ବଢ଼ିବା ଦରକାର। ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ପୋଲିସ ସଂଖ୍ୟା କମ୍।




Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
**ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ**
**ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ**